ଆଜି - ବୁଧବାର
ତାରିଖ - ୦୫ ଅଗଷ୍ଟ ୨୦୨୬
ମାସ - କର୍କଟ, ଦିନ - ୨୦
ତିଥି - ସପ୍ତମୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ଅଶ୍ୱିନୀ, ମେଷ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୨୭:୦୦
ସୂର୍ଯ୍ୟାସ୍ତ - ୬:୧୮:୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com


"ଯେ ପର୍ଯ୍ୟନ୍ତ ତୁମେ ନିଜ ଉପରେ ବିଶ୍ୱାସ ନକରିଛ, ସେ ପର୍ଯ୍ୟନ୍ତ ତୁମେ ଈଶ୍ୱରଙ୍କ ଉପରେ ବିଶ୍ୱାସ କରିପାରିବ ନାହିଁ ।"
- ସ୍ୱାମୀ ବିବେକାନନ୍ଦ


Vol.- 41 ISSUE- 113 R.N.I. REGD. No. 44026/86 ବାଲେଶ୍ୱର ୦୫ ଅଗଷ୍ଟ ୨୦୨୬ ବୁଧବାର BALASORE 05 AUGUST 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


# ତପ୍ତପାଣିରେ ମା' କନ୍ଧୁଣୀ ଦେବୀଙ୍କୁ ପୂଜାର୍ଚ୍ଚନା କଲେ ରାଷ୍ଟ୍ରପତି

ଦିଗପହଣ୍ଡି : ଦେଶର ପ୍ରଥମ ନାଗରିକ ତଥା ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଗଞ୍ଜାମ-ଗଜପତି ସୀମାନ୍ତର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣି ଗସ୍ତ କରି ଏକ ନୂତନ ଇତିହାସ ସୃଷ୍ଟି କରିଛନ୍ତି । ତପ୍ତପାଣିର ପ୍ରକୃତିଦତ୍ତ ଉଷ୍ଣ ପ୍ରସବଣ ଏବଂ ଆଦିବାସୀଙ୍କ ଆସ୍ଥାର ପ୍ରତୀକ ମା' କନ୍ଧୁଣୀ ଦେବୀଙ୍କ ପୀଠ ପରିଦର୍ଶନ କରିବାରେ ସେ ହେଉଛନ୍ତି ଦେଶର ପ୍ରଥମ କାର୍ଯ୍ୟରତ ରାଷ୍ଟ୍ରପତି । ମଙ୍ଗଳବାର ଅପରାହ୍ନ ପ୍ରାୟ ୧ ଟା ସମୟରେ ଝିପିଝିପି ବର୍ଷା ଓ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରାଷ୍ଟ୍ରପତି ପାନ୍ଥନିବାସରେ ପହଂଚିଥିଲେ । ସେଠାରୁ କିଛି ସମୟ ବିଶ୍ରାମ ପରେ ସେ ସ୍ୱତନ୍ତ୍ର ସୁଟ୍ ପିନ୍ଧି ଉଷ୍ଣ ପ୍ରସବଣର ପାଇପ୍ ଯୋଗେ ଆସୁଥିବା ଗନ୍ଧକଯୁକ୍ତ ଗରମ ପାଣିରେ ସ୍ନାନ କରିଥିଲେ । ପରେ ଜନଜାତି ସମ୍ପ୍ରଦାୟର କଳାକାରମାନେ ପାରମ୍ପରିକ ବାଦ୍ୟ ବାଜଣାର ତାଳେ ତାଳେ ନୃତ୍ୟ ପରିବେଷଣ କରି ରାଷ୍ଟ୍ରପତିଙ୍କୁ ଉଷ୍ଣ ପ୍ରସବଣ କୁଣ୍ଡରେ ବିରାଜିତ ମା' କନ୍ଧୁଣୀ ଦେବୀଙ୍କ ମନ୍ଦିର ଯାଏ ଆଦରରେ ପାଛୋଟି ନେଇଥିଲେ ।



ଏହି ଗସ୍ତ ସମୟରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଙ୍ଗରେ ଥିଲେ । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସ୍ଥାନୀୟ ଜନଜାତି ସମ୍ପ୍ରଦାୟ ମଧ୍ୟରେ ଉତ୍ସବର ପରିବେଷ ସୃଷ୍ଟି ହୋଇଥିଲା । ମନ୍ଦିର ପରିସର ଶୁଭ ଶଙ୍ଖଧ୍ୱନି, ଘଂଟନାଦ, ବୈଦିକ ମନ୍ତ୍ରୋଚ୍ଚାରଣ ଏବଂ ଭକ୍ତିମୟ ପରିବେଶରେ ପ୍ରକମ୍ପିତ ହୋଇଉଠିଥିଲା । ପାରମ୍ପରିକ ଆଦିବାସୀ ରୀତିନୀତି ଅନୁଯାୟୀ ମନ୍ଦିରର ପୂଜକମାନେ ଏବଂ ସ୍ଥାନୀୟ ଜନଜାତି ସମ୍ପ୍ରଦାୟର ଲୋକେ ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି ଓ ଆନ୍ତରିକତାର ସହ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ । ପବିତ୍ର ନୀତିକାନ୍ତି ଓ ବିଧିବିଧାନ ଅନୁଯାୟୀ ରାଷ୍ଟ୍ରପତି ମା' କନ୍ଧୁଣୀ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଦେଶର ଶାନ୍ତି, ସମୃଦ୍ଧି, ଏକତା ଏବଂ ସର୍ବସାଧାରଣଙ୍କ ମଙ୍ଗଳ କାମନା କରିଥିଲେ । ପରେ ସେ ନିକଟସ୍ଥ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ଦର୍ଶନ କରିବା ସହ ଦିବ୍ୟ ଆରତିରେ ଅଂଶଗ୍ରହଣ କରିଥିଲେ । ପରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ମଂଚରେ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ ଦଳର ନୃତ୍ୟ ଗୀତ ଉପଭୋଗ କରିଥିଲେ । ସେଠାରେ ଉପସ୍ଥିତ କୁନି କୁନି ପିଲା ଓ ଛାତ୍ରୀମାନଙ୍କୁ ରାଷ୍ଟ୍ରପତି ଚୋକଲେଟ୍ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ଭି. କୀର୍ତି ଭାସନ୍, ବ୍ରହ୍ମପୁର ଏସ.ପି. ଡା. ଶ୍ରବଣା ବିବେକ ଏମ., ଗଞ୍ଜାମ ଏସ.ପି. ହରିଶ୍ ବି. ସି., ଆସିକା ଏମ.ପି. ଅନିତା ଶୁଭଦର୍ଶନୀ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ସାନଖେମୁଣ୍ଡି ବ୍ଲକ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଏବଂ ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକଙ୍କ ସମେତ ଗଞ୍ଜାମ ଓ ଗଜପତି ଜିଲାର ବହୁ ସଂଖ୍ୟକ ପଦସ୍ଥ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ରାଷ୍ଟ୍ରପତି ପାନ୍ଥ ନିବାସରେ ମଧାହ୍ନ ଭୋଜନ କରି କିଛି ସମୟ ବିଶ୍ରାମ ପରେ ଅପରାହ୍ନ ପ୍ରାୟ ୪ ଟାରେ ତପ୍ତପାଣିରୁ ବାହାରି ଠିକ୍ ସାଢେ ୪ ଟାରେ ଦିଗପହଣ୍ଡି ଅତିକ୍ରମ କରି ଭାୟା ବ୍ରହ୍ମପୁର ଦେଇ ଗୋପାଳପୁର ଅଭିମୁଖେ ଯାଇଥିଲେ ।

## ରାଷ୍ଟ୍ରପତିଙ୍କୁ ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପର କଳାକୃତି ଉପହାର ପ୍ରଦାନ କଲେ ରାଜ୍ୟପାଳ




ଭୁବନେଶ୍ୱର : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଲୋକ ଭବନରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ରାଷ୍ଟ୍ରପତିଙ୍କୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ କରୁଥିବା ସ୍ୱତନ୍ତ୍ର ଉପହାର ପ୍ରଦାନ କରିଥିଲେ । ଏହି ଅବସରର ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ । ଉକ୍ତ ଉପହାରରେ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରାପ୍ତ ତଥା ଜିଆଇ ଟ୍ୟାଗ ସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ବାନ୍ଧ ଶାଢ଼ୀ, ପିପିଲିର ପାରମ୍ପରିକ ଚାନ୍ଦୁଆ ଭେଲଭେଟ ଉତରୀୟ ଏବଂ କଟକର ସୂକ୍ଷ୍ମ ରୂପା ତାରକସି କଳାରେ ନିର୍ମିତ ଭଗବାନ ଗଣେଶଙ୍କ ଏକ ପ୍ରତିମୂର୍ତି ଥିଲା । ଏହି ଅନନ୍ୟ କଳାକୃତିଗୁଡିକ ଓଡ଼ିଶାର ଅତୁଳନୀୟ କାରିଗରୀ ଦକ୍ଷତା, ସମୃଦ୍ଧ ପରମ୍ପରା ଓ କଳାତ୍ମକ ଉତ୍କର୍ଷତାର ପରିଚୟ ବହନ କରିବା ସହ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଛି ।

## ଅଳ୍ପରେ ଖବର

- ରାଜ୍ୟର ବନ୍ୟା ପ୍ରଭାବିତ ଜିଲ୍ଲା ଗୁଡିକରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଶୃଙ୍ଖଳ ବଜାୟ ରଖିବା ଓ ଏହାର ସହଜ ଉପଲବ୍ଧତା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ।
- ଓଡ଼ିଶା କୃଷି ଓ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ପିଜି ଓ ପିଏଚ୍‌ଡି ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ସରକାର ବଡ଼ ଘୋଷଣା କରିଛନ୍ତି । କୃଷି ଉଚ୍ଚଶିକ୍ଷା ଓ ଗବେଷଣାକୁ ଅଧିକ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ।
- ପୋଲିସ ବାବୁଙ୍କ ପାଇଁ କଡ଼ା ନିର୍ଦ୍ଦେଶ । ଏଣିକି ଥାନାରେ ଇଭି ଗାଡି ଚାର୍ଜ କରିପାରିବେ ନାହିଁ । ଥାନାରେ ବିଦ୍ୟୁତ ବ୍ୟବହାର ଉପରେ ଲାଗିଲା କଟକଣା । ଓଡ଼ିଶା ପୋଲିସ ପକ୍ଷରୁ ଅଫିସ୍ ପରିସରରେ ବିଦ୍ୟୁତ ବ୍ୟବହାରକୁ ନେଇ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି ।
- ଉପର ମୁଣ୍ଡରେ ବର୍ଷା କମିଥିବାରୁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ହ୍ରାସ ପାଇଛି । ଯାହା ଏବେ ୬୧୮.୭୧ ଫୁଟ ରହିଛି । ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲାର ହୀରାକୁଦ ଜଳଭଣ୍ଡାରର ଜଳସ୍ତର ହ୍ରାସ ପାଉଛି ।

## ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିଦେଶରୁ ୨୭୪ ଜଣ ପଳାତକ ଅପରାଧୀଙ୍କୁ ଫେରାଇ ଆଣିଲା ଭାରତ : ଅମିତ ଶାହ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ପଳାତକ ଅପରାଧୀଙ୍କ ବିରୋଧରେ ଏକ ନିର୍ଣ୍ଣାୟକ ଆଭିମୁଖ୍ୟ ଗ୍ରହଣ କରି ଭାରତ ୨୦୧୯ ଠାରୁ ୩୬ଟି ଦେଶରୁ ୨୭୪ ଜଣ ପଳାତକ ଅପରାଧୀଙ୍କୁ ଫେରାଇ ଆଣିଛି । ପଳାତକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ୨୦୧୮ରେ ପଳାତକ ଆର୍ଥିକ ଅପରାଧ ଆଇନ ପ୍ରଣୟନ କରିଥିଲେ । ଗୃହମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଭାରତ ପଳାତକମାନଙ୍କ ବିରୋଧରେ ଏକ ସମନ୍ୱିତ, ଗୁଇନ୍ଦା-ଆଧାରିତ ଏବଂ ପ୍ରଯୁକ୍ତିବିଦ୍ୟା ପରିଚାଳିତ ମଡେଲ ବିକଶିତ କରିଛି, ଯାହା ସେମାନଙ୍କ ବିରୋଧରେ କଠୋର ପଦକ୍ଷେପ ପାଇଁ ପଥ ପରିଷ୍କାର କରିଛି ଏବଂ ସେମାନଙ୍କୁ ଭାରତକୁ ଫେରାଇ ଆଣିବା ସହଜ କରିଛି । ଅମିତ ଶାହ ମଙ୍ଗଳବାର ଦିନ କହିଛନ୍ତି, ୨୦୧୪ ପୂର୍ବରୁ ଦେଶର ପ୍ରତ୍ୟର୍ପଣ ବ୍ୟବସ୍ଥା ପୁରୁଣା ହୋଇଯାଇଥିଲା ଏବଂ ଭାରତର କେବଳ ୩୭ଟି ଦେଶ ସହିତ ପ୍ରତ୍ୟର୍ପଣ ଚୁକ୍ତି ଥିଲା ।



ଆର୍ଥିକ ପଳାତକମାନଙ୍କୁ ମୁକାବିଲା କରିବା କିମ୍ବା ସେମାନଙ୍କ ସମ୍ପତି ଜବତ କରିବା ପାଇଁ କୌଣସି ଉତ୍ସର୍ଗୀକୃତ ଆଇନ ମଧ ନଥିଲା । ୨୦୦୪ରୁ ୨୦୧୩ ମଧ୍ୟରେ, ଭାରତ ପ୍ରତିବର୍ଷ ହାରାହାରି ମାତ୍ର ଚାରି ଜଣ ପଳାତକଙ୍କ ପ୍ରତ୍ୟର୍ପଣ ହାସଲ କରିଥିଲା, ଯେତେବେଳେ କି ୧୧୦ଟି ପ୍ରତ୍ୟର୍ପଣ ଅନୁରୋଧ ବିଚାରାଧୀନ ରହିଥିଲା । ୨୦୨୪ରେ ମୋଦୀ ସରକାର ପଳାତକ ଅପରାଧୀଙ୍କ ସହ ଜଡିତ ସ୍ୱତନ୍ତ୍ର ବ୍ୟବସ୍ଥା ଅନ୍ତର୍ଭୁକ୍ତ କରି ତିନୋଟି ନୂତନ ଅପରାଧିକ ଆଇନ କାର୍ଯ୍ୟକାରୀ କରିଥିଲେ । ପ୍ରଥମ ଥର ପାଇଁ, ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବି. ଏନ୍. ଏସ୍. ଏସ୍.) ର ଧାରା ୩୫୫ ଏବଂ ୩୫୬ ଅପରାଧିକଙ୍କ ଅନୁପସ୍ଥିତିରେ ବିଚାର ପାଇଁ ବ୍ୟବସ୍ଥା କରିଥାଏ, ଯାହା ପଳାତକ ଅଭିଯୁକ୍ତଙ୍କ ଅନୁପସ୍ଥିତିରେ ମଧ ବିଚାର ଠାରୁ ଆରମ୍ଭ କରି ଅଭିଯୋଜନ ପର୍ଯ୍ୟନ୍ତ ସମଗ୍ର ନ୍ୟାୟିକ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବାରେ ସକ୍ଷମ କରିଥାଏ ।

## କାକଟପୁର ମା' ମଙ୍ଗଳା ପୀଠ ପାଇଁ ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍ ଘୋଷଣା କଲେ ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ପୁରୀଜିଲ୍ଲା କାକଟପୁର ମା'ମଙ୍ଗଳା ପୀଠର ବିକାଶ ପାଇଁ ଆଜି ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ଥିଲେ । ବୈଠକରେ, ମା'ମଙ୍ଗଳା ପୀଠର ବିଜେସ୍ଥଳୀ ଓ ପାରିପାର୍ଶ୍ୱିକ ଅଂଚଳର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟୀକରଣ ନେଇ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଯୋଜନାରେ, ମୁଖ୍ୟ ମନ୍ଦିରର ମରାମତି, ରୋଷଗୃହ ନିର୍ମାଣ, ପାର୍କିଂ ସ୍ଥଳୀର ଉନ୍ନତିକରଣ, ସେବାୟତ ଭବନ ନିର୍ମାଣ, ଯାତ୍ରୀନିବାସ ଓ ଚନ୍ଦନଘାଟର ଆଧୁନିକୀକରଣ, ଭୋଗ ଦୋକାନ ଓ ଐତିହ୍ୟ ଗେଟ୍ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଛି । ଏଥି ସହିତ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ସମନ୍ୱିତ ଉନ୍ନତୀକରଣ ପ୍ରକଳ୍ପ,



ବଣଭୋଜି ଜୋନ୍, ପ୍ରାଚୀ ନଦୀରେ ଐତିହ୍ୟ ଘାଟ ନିର୍ମାଣ, ସ୍ୱତନ୍ତ୍ର ସେତୁ ନିର୍ମାଣ, ଛୋଟପିଲାଙ୍କ ଲାଗି ପାର୍କ ନିର୍ମାଣ, ମନ୍ଦିର କାର୍ଯ୍ୟାଳୟ ଓ ଜୋତାଷ୍ଟାଣ୍ଡ ନିର୍ମାଣ ଲାଗି ସର୍ଭେ କରି ରିପୋର୍ଟ ଦେବା ଲାଗି ଆଲୋଚନା ହୋଇଥିଲା । ଏହି ବୈଠକରେ ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହା, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଦେବୋତର କମିସନର ସତ୍ୟନାରାୟଣ ଷଡ଼ଙ୍ଗୀ, ଇଆଇସି ସିଭିଲ୍ ଇଂ ସତ୍ୟବ୍ରତ ବେହେରା, ଇଆଇସି ବିଲ୍ଡିଂ ଇଂ ପ୍ରିୟବ୍ରତ ସାମନ୍ତରାୟ ଓ ମୁଖ୍ୟଯନ୍ତ୍ରୀ ଇଂ ତ୍ରିନାଥ ବେହେରାଙ୍କ ସମେତ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତଗଣ ଉପସ୍ଥିତ ଥିଲେ ।

## ବନ୍ୟାପୀଡ଼ିତଙ୍କୁ ରିଲିଫ ଓ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର : ବନ୍ୟା ପରବର୍ତୀ ସ୍ଥିତିକୁ ନେଇ ଆଜି ସଚିବସ୍ତରୀୟ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଲୋକଙ୍କୁ ରିଲିଫ ଓ ସହାୟତା ପ୍ରଦାନ କରିବାକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । କିପରି ଜଣେବି ଯୋଗ୍ୟ ବ୍ୟକ୍ତି ବଂଚିତ ନ ହେବ ତାକୁ ପ୍ରାଥମିକତା ଦିଆଯିବ । ସବୁ ବିଭାଗ ସହଯୋଗ କରିବା ପାଇଁ ଆଲୋଚନା । ତା ସହ ବୈଠକରେ ନିଶାମୁକ୍ତ ଓ ସାଇବର୍ ଅପରାଧକୁ ରୋକିବାକୁ ପ୍ରାଧାନ୍ୟ ଦିଆଯାଇଛି । କିପରି ଲୋକଙ୍କୁ ଏହି ସବୁ ସମସ୍ୟାରୁ କଢ଼ା ଯାଇପାରିବ ତାକୁ ଗୁରୁତର ସହ ନେଇ ବିଭାଗ ମାନ ନିଜ ନିଜର ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ । ସେପଟେ ଆଜି ଗଜପତି ଜିଲ୍ଲାପାଳ ତାଙ୍କ ଜିଲ୍ଲାର ମୁଖ୍ୟ ସମସ୍ୟା ସଚିବ ସ୍ତରୀୟ ବୈଠକରେ ଉପସ୍ଥାପନ କରିଥିଲେ । ଯାହା ଉପରେ ଗୁରୁତ୍ୱ ଦେଇ ଯଥା ଶୀଘ୍ର ସମାଧାନ ପାଇଁ ମୁଖ୍ୟ ଶାସନ ସଚିବ ସମସ୍ତ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ପିଏମ୍ ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନାରେ ୫୦ ଲକ୍ଷରୁ ଅଧିକ ରୁଫଟପ୍ ସୋଲାର ସ୍ଥାପନର ମାଇଲଖୁଂଟ

ନୂଆଦିଲ୍ଲୀ: ସାରା ଦେଶରେ ୫୦.୦୬ ଲକ୍ଷରୁ ଅଧିକ ପରିବାର ଏବେ ଛାତଉପରେ ସୌର ବିଜୁଳି ସ୍ଥାପନ କରି ଲାଭାନ୍ୱିତ ହେବା ସହ 'ପିଏମ୍ ସୂର୍ଯ୍ୟ ଘର- ମାଗଣା ବିଜୁଳି ଯୋଜନା' ଦେଶରେ ଏକ ଐତିହାସିକ ମାଇଲଖୁଂଟ ଅତିକ୍ରମ କରିଛି । ଏହାର ଶୁଭାରମ୍ଭର ମାତ୍ର ଦୁଇ ବର୍ଷରୁ ସାମାନ୍ୟ ଅଧିକ ସମୟ ମଧ୍ୟରେ ଏହି ସଫଳତା ହାସଲ ହୋଇଛି, ଯାହା ବିଗତ ଦଶ ବର୍ଷ ମଧ୍ୟରେ ହୋଇଥିବା ୭.୯୪ ଲକ୍ଷ ରୁଫଟପ୍ ସୋଲାର ସଂଯୋଗ ତୁଳନାରେ ଏକ ବଡ଼ ଅଗ୍ରଗତିକୁ ଦର୍ଶାଉଛି । ୭୫,୦୨୧ କୋଟି ଟଙ୍କାର ବ୍ୟୟବରାଦ ସହ ବିଶ୍ୱର ଏହି ବୃହତମ ରୁଫଟପ୍ ସୋଲାର କାର୍ଯ୍ୟକ୍ରମର ଦ୍ରୁତ ରୂପାୟନକୁ ଏହା ପ୍ରତିଫଳିତ କରୁଛି । 'ପିଏମ୍ ସୂର୍ଯ୍ୟ ଘର-ମାଗଣା ବିଜୁଳି ଯୋଜନା' ହେଉଛି ଭାରତ ସରକାରଙ୍କ ନୂତନ ଏବଂ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ପ୍ରମୁଖ ରୁଫଟପ୍ ସୋଲାର ଯୋଜନା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ, ଏହି ଯୋଜନା ଆଜି ପ୍ରତ୍ୟେକ ଛଅ ଦିନରେ ୧ ଲକ୍ଷ ପରିବାରକୁ ଲାଭାନ୍ୱିତ କରୁଛି, ଯାହା ଏହାକୁ ବିଶ୍ୱର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ସ୍ୱଚ୍ଛ ଶକ୍ତି କାର୍ଯ୍ୟକ୍ରମରେ ପରିଣତ କରିଛି । ଗତ ନଅ ମାସ ମଧ୍ୟରେ ସ୍ଥାପନର ଗତି ୩.୨ ଗୁଣ ବୃଦ୍ଧି ପାଇଛି । ଅକ୍ଟୋବର ୨୦୨୫ରେ ଦୈନିକ ୫,୦୩୮ ଟି ସ୍ଥାପନରୁ ବୃଦ୍ଧି ପାଇ ଜୁଲାଇ ୨୦୨୬ ରେ ଦୈନିକ ପ୍ରାୟ ୧୬,୩୨୮ ଟି ସୌର ପ୍ରକଳ୍ପ ସ୍ଥାପନ କରାଯାଇ ପାରିଛି । କେବଳ ଜୁଲାଇ ୨୦୨୬ରେ ୫.୦୬ ଲକ୍ଷ ପରିବାର ଏହି ଯୋଜନାରେ ଲାଭାନ୍ୱିତ ହୋଇଛନ୍ତି, ଯାହା ଯୋଜନା ଆରମ୍ଭ ହେବା ପରଠାରୁ ସର୍ବକାଳୀନ ସର୍ବାଧିକ ମାସିକ ସଂଖ୍ୟା । ଏହି ଗତିଶୀଳତାକୁ ଆଗକୁ ନେବା ପାଇଁ ପ୍ରତ୍ୟକ୍ଷ ଲାଭାଂଶ ହସ୍ତାନ୍ତରଣ (ଡିବିଟି) ଜରିଆରେ ହିତାଧିକାରୀଙ୍କୁ ସିଧାସଳଖ ୨୮,୦୨୪ କୋଟି ଟଙ୍କାର ସବସିଡି ପ୍ରଦାନ କରାଯାଇଛି । ଫଳରେ, ପ୍ରାୟ ୧୯ ଲକ୍ଷ ପରିବାର ଏବେ ଶୂନ୍ୟ ବିଜୁଳି ବିଲ୍ ପାଉଛନ୍ତି, ଯାହା ପରିବାରଗୁଡ଼ିକର ଆର୍ଥିକ ବୋଝକୁ ଯଥେଷ୍ଟ କମ୍ କରିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ୧୨ ଲକ୍ଷରୁ ଅଧିକ ପରିବାର ବଳକା ବିଜୁଳି ବିକ୍ରି କରି ମୋଟ ୪୨୧ କୋଟି ଟଙ୍କା ରୋଜଗାର କରିଛନ୍ତି, ଯାହା ଗ୍ରୀଡ୍କୁ ବିଜୁଳି ଯୋଗାଉଥିବା ପ୍ରତି ପରିବାର ପାଇଁ ବାର୍ଷିକ ପ୍ରାୟ ୩,୫୦୦ ଟଙ୍କାର ଅତିରିକ୍ତ ଆୟ ସୃଷ୍ଟି କରିଛି । 'ୟୁଟିଲିଟି ଭିତିକ ଏଗ୍ରିଗେସନ୍' ମଡେଲ୍ ଅଧୀନରେ, ୪ ଟି ରାଜ୍ୟରେ ପିଏମ୍‌ଏୱାଇ, ବିପିଏଲ୍ ଏବଂ ଅନୁସୂଚିତ ଜାତି ଓ ଜନଜାତି ପରିବାର ପାଇଁ ୧.୬ ଲକ୍ଷ ସ୍ଥାପନ ସମ୍ପୂର୍ଣ୍ଣ ହୋଇଛି, ଏବଂ ୧୨ ଟି ରାଜ୍ୟରେ ଏହି ମଡେଲ୍ କାର୍ଯ୍ୟକାରୀ କରିବାକୁ ମଞ୍ଜୁରୀ ମିଳିଛି । ଏହି ମଡେଲ୍ କମ୍ ଆୟକାରୀ ପରିବାରଗୁଡ଼ିକୁ ରୁଫ୍ଟପ୍ ସୋଲାର ସୁବିଧା ପାଇବାରେ ସାହାଯ୍ୟ କରୁଥିବାବେଳେ ରାଜ୍ୟଗୁଡ଼ିକୁ ସେମାନଙ୍କର ଟ୍ୟାରିଫ୍ ସବସିଡି ବୋଝ କମାଇବାରେ ସାହାଯ୍ୟ କରୁଛି । ଅପରପକ୍ଷେ ହିତାଧିକାରୀଙ୍କୁ ଛାତ ଉପରେ ସୌର ପ୍ରକଳ୍ପ ସ୍ଥାପନ ପାଇଁ ସହଜରେ କମ୍ ସୁଧ ହାରରେ ଋଣ ମଧ୍ୟ ଯୋଗାଇ ଦିଆଯାଉଛି ।





# ଫକୀରମୋହନ ବିଶ୍ୱବିଦ୍ୟାଳୟର ଉଦ୍ୟମୀଙ୍କ ଅଭିନବ ଉଦ୍ଭାବନ ରାଷ୍ଟ୍ରପତିଙ୍କ ସମ୍ମୁଖରେ ପ୍ରଦର୍ଶିତ

ବାଲେଶ୍ୱର(ନି.ପ୍ର.)ଫକୀରମୋହନ ବିଶ୍ୱବିଦ୍ୟାଳୟ ଆଉ ଏକ ଗୌରବମୟ ସଫଳତା ହାସଲ କରିଛି । ଭାରତ ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ସହଯୋଗରେ ପରିଚାଳିତ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତି ବ୍ୟବସାୟ ଉଦ୍ୟମ ପ୍ରୋତ୍ସାହନ କେନ୍ଦ୍ରର ଜଣେ ଉଦ୍ୟମୀ ରାଷ୍ଟ୍ରପତିଙ୍କ ସମ୍ମୁଖରେ ନିଜର ଅଭିନବ ଉଦ୍ଭାବନ ପ୍ରଦର୍ଶନ କରି ଜାତୀୟ ସ୍ତରରେ ସ୍ୱୀକୃତି ହାସଲ କରିଛନ୍ତି । ବିଶ୍ୱବିଦ୍ୟାଳୟର ପ୍ରଥମ ଉଦ୍ୟମୀ ତଥା 'ହ୍ୟାକାଥନ୍-୨.୦'ର ବିଜେତା ଶ୍ରୀମତୀ ଶୀତଳ ଦତରାମ ଜେମାନେ, 'ଗାର୍ଗୀ ଅଟୋମେଟେଡ୍ ଆଣ୍ଡ ରୋବୋଟିକ୍ ଗ୍ୟାଜେଟ୍ ଇଣ୍ଡଷ୍ଟ୍ରିଜ୍'ର ନିର୍ମାତା- ଶାରୀରିକ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ଜୀବନକୁ ଅଧିକ ସୁବିଧାଜନକ କରିବା ପାଇଁ ସ୍ୱୟଂଚାଳିତ ରୂପାନ୍ତରଣଯୋଗ୍ୟ ଶଯ୍ୟା-ଆସନ ବ୍ୟବସ୍ଥା ନାମକ ଏକ ଅଭିନବ ଉପକରଣର ସଫଳ ବିକାଶ କରିଛନ୍ତି ।



୨୦୨୩ ମସିହାରେ ମିଳିଥିବା ଆର୍ଥିକ ସହାୟତା ସହ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତି ବ୍ୟବସାୟ ଉଦ୍ୟମ ପ୍ରୋତ୍ସାହନ କେନ୍ଦ୍ରର ନିରନ୍ତର ବୈଷୟିକ ଓ ଅନୁଷ୍ଠାନିକ ସହଯୋଗରେ ଏହି ଉଦ୍ଭାବନ ସାକାର ରୂପ ନେଇଛି । ଓଡ଼ିଶା ତଥା ବିଶ୍ୱବିଦ୍ୟାଳୟ ପାଇଁ ଗର୍ବର ବିଷୟ ଯେ, ନୀତି ଆୟୋଗର ଅଟଳ ନବସୃଜନ ଅଭିଯାନ ପକ୍ଷରୁ ସମଗ୍ର ଦେଶରୁ ଚୟନ କରାଯାଇଥିବା ମାତ୍ର ୨୬ ଜଣ ତୃଣମୂଳସ୍ତରୀୟ ଉଦ୍ଭାବକଙ୍କ ମଧ୍ୟରେ ଶ୍ରୀମତୀ ଜେମାନେ ସ୍ଥାନ ପାଇଥିଲେ । ଗତ ଜୁଲାଇ ୩୧ ତାରିଖରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ପ୍ରଦର୍ଶନୀ ଓ ସମ୍ମାନ ପ୍ରଦାନ ଉତ୍ସବରେ ସେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସମ୍ମୁଖରେ ନିଜର ଉଦ୍ଭାବନ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ଅଭିନବ ଉଦ୍ଭାବନର ଉଚ୍ଚ ପ୍ରଶଂସା କରିବା ସହ ସମାଜର ବାସ୍ତବ ସମସ୍ୟାର ସମାଧାନ ପାଇଁ ବୈଜ୍ଞାନିକ ଚିନ୍ତାଧାରାକୁ ବ୍ୟବହାରିକ ପ୍ରୟୋଗ ସହ ଯୋଡ଼ିଥିବା ତୃଣମୂଳସ୍ତରୀୟ ଉଦ୍ଭାବକମାନଙ୍କ ପ୍ରୟାସକୁ ସାଧୁବାଦ ଜଣାଇଥିଲେ । ଦେଶକୁ ଅଧିକ ସମାବେଶୀ ଓ ଆତ୍ମନିର୍ଭର କରିବା ଦିଗରେ ଏଭଳି ଜନହିତକର ପ୍ରଯୁକ୍ତିର ବିକାଶ ଜାରି ରଖିବାକୁ ସେ ସେମାନଙ୍କୁ ଉତ୍ସାହିତ କରିଥିଲେ । ଏହି ସଫଳତା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦୂରଦର୍ଶୀ ନେତୃତ୍ୱ ଓ ପ୍ରଗତିଶୀଳ ଚିନ୍ତାଧାରାର ପ୍ରତିଫଳନ । ତାଙ୍କ ମାର୍ଗଦର୍ଶନରେ ବିଶ୍ୱବିଦ୍ୟାଳୟ ଶିକ୍ଷା, ଗବେଷଣା, ନବସୃଜନ, ଉଦ୍ୟମିତା ଓ ସାମାଜିକ ଦାୟିତ୍ୱ କ୍ଷେତ୍ରରେ କ୍ରମାଗତ ସଫଳତା ହାସଲ କରି ଓଡ଼ିଶାର ଅଗ୍ରଣୀ ସରକାରୀ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହି ସଫଳତାରେ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, କୁଳସଚିବ ଶ୍ରୀମତୀ କୁକୁମିନା ଦାସଙ୍କ ପ୍ରୋତ୍ସାହନ ଓ ପ୍ରଯୁକ୍ତି ବ୍ୟବସାୟ ଉଦ୍ୟମ ପ୍ରୋତ୍ସାହନ କେନ୍ଦ୍ରର ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାଢ଼ୀଙ୍କ ବୈଷୟିକ ପରାମର୍ଶ ଓ ନିରନ୍ତର ମାର୍ଗଦର୍ଶନ ବିଶେଷ ଭୂମିକା ଗ୍ରହଣ କରିଛି ଓ ସମଗ୍ର ବିଶ୍ୱବିଦ୍ୟାଳୟ ପରିବାର ପକ୍ଷରୁ ଶ୍ରୀମତୀ ଜେମାନେ ଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଏହି ଜାତୀୟ ସ୍ୱୀକୃତି ବିଶ୍ୱବିଦ୍ୟାଳୟର ନବସୃଜନ ପରିବେଶର ବର୍ଦ୍ଧିତ ସାମର୍ଥ୍ୟକୁ ପୁନର୍ବାର ପ୍ରମାଣିତ କରିଛି । ଯୁବ ଉଦ୍ଭାବକଙ୍କୁ ପ୍ରୋତ୍ସାହିତ କରିବା, ପ୍ରଯୁକ୍ତିନିର୍ଭର ଉଦ୍ୟମିତାକୁ ବିକଶିତ କରିବା ଏବଂ ସମାଜୋପଯୋଗୀ ସମାଧାନ ସୃଷ୍ଟି ମାଧ୍ୟମରେ ଆତ୍ମନିର୍ଭର ଭାରତ ଗଠନରେ ଅବଦାନ ରଖିବା ପ୍ରତି ବିଶ୍ୱବିଦ୍ୟାଳୟର ଦୃଢ଼ ସଂକଳ୍ପକୁ ଏହା ଆହୁରି ସୁଦୃଢ଼ କରିଛି । ନବସୃଜନ ଓ ସାମାଜିକ ପ୍ରଭାବ କ୍ଷେତ୍ରରେ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠିତ ହେବା ଦିଗରେ ବିଶ୍ୱବିଦ୍ୟାଳୟର ଯାତ୍ରାରେ ଏହା ଆଉ ଏକ ଗୌରବମୟ ଅଧ୍ୟାୟ ।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବାଲେଶ୍ୱରରେ ପାଳିତ ହେଲା ବିଶ୍ୱ ସ୍ତନ୍ୟପାନ ସପ୍ତାହ

ବାଲେଶ୍ୱର, (ନି.ପ୍ର.): ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲା ତାଲିମ କେନ୍ଦ୍ର ସଭାକକ୍ଷରେ ଏକ ସଚେତନତା ସଭା ଆୟୋଜିତ ହୋଇଯାଇଛି । ଚଳିତ ବର୍ଷର ବିଷୟବସ୍ତୁ ଥିଲା, "ଜୀବନର ଚିରନ୍ତନ ବିକାଶର ଅୟମାରମ୍ଭ ପାଇଁ ସ୍ତନ୍ୟପାନ: ଏହି ଉପାଦେୟ ପଦକ୍ଷେପକୁ ସଶକ୍ତ କରିବା ।"ଆୟୋଜିତ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲୀପ କୁମାର ଜେନା ସଭାପତିତ୍ୱ କରିଥିଲେ । ସେ ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଅଧ୍ୟୟନରତ ଛାତ୍ରୀମାନଙ୍କୁ ସ୍ତନ୍ୟପାନ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ଜନ୍ମର ଏକ ଘ[। ମଧ୍ୟରେ ନବଜାତ ଶିଶୁକୁ ସ୍ତନ୍ୟପାନ କରାଇବା ଅତ୍ୟନ୍ତ ଜରୁରୀ ବୋଲି ସେ କହିଥିଲେ । ଏହା ଶିଶୁର ସୁସ୍ଥ ବିକାଶର ମୂଳଦୁଆ ସ୍ଥାପନ କରିଥାଏ ଏବଂ ଏଥିପାଇଁ ପରିବାର ସଦସ୍ୟଙ୍କ ସହଯୋଗ ଓ ସଚେତନତା ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ ।ମୁଖ୍ୟ ଅତିଥି ଭାବେ



ଯୋଗ ଦେଇଥିବା ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ମିନାକ୍ଷୀ ରାୟ କହିଥିଲେ ଯେ, ମା'ର କ୍ଷୀର କେବଳ ଶିଶୁ ପାଇଁ ନୁହେଁ, ବରଂ ପରିବାର, ସମାଜ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ଜନ୍ମ ପରେ ପ୍ରଥମ ଛଅ ମାସ ପର୍ଯ୍ୟନ୍ତ ଶିଶୁକୁ କେବଳ ମା'ର କ୍ଷୀର ଦେବା ଏବଂ ପରବର୍ତ୍ତୀ ଦୁଇ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ଜାରି ରଖିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ ।ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର ନିୟୋଜନ ଓ ଟୀକାକରଣ) ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ କହିଥିଲେ ଯେ, ସ୍ତନ୍ୟପାନର ହାର ବୃଦ୍ଧି ପାଇଁ ପରିବାରର ସମସ୍ତ ସଦସ୍ୟଙ୍କୁ ସଚେତନ କରିବା ଜରୁରୀ । ଏହି ଅବସରରେ ଡାକ୍ତର ଅମୂଲ୍ୟ କୁମାର ଦାସ, ଡାକ୍ତର ସଞ୍ଜୀବ କୁମାର ପ୍ରଧାନ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ (ଡିପିଏମ୍) ଚକ୍ରଧର ଜେନା ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ମଧ୍ୟ ସ୍ତନ୍ୟପାନର ଉପକାରିତା ଓ ସଚେତନତାର ଆବଶ୍ୟକତା ଉପରେ ମତ ରଖିଥିଲେ । ପରେ ତାଲିମରତ ଛାତ୍ରୀମାନେ ସ୍ତନ୍ୟପାନକୁ ନେଇ ସମାଜରେ ପ୍ରଚଳିତ କେତେକ କୁପ୍ରଥା ଏବଂ ସେଗୁଡ଼ିକର ନିରାକରଣ ସମ୍ପର୍କିତ ଏକ ସଚେତନତାଧର୍ମୀ ନାଟକ ପରିବେଷଣ କରିଥିଲେ, ଯାହା ଉପସ୍ଥିତ ସମସ୍ତଙ୍କ ପ୍ରଶଂସା ସାଉଁଟିଥିଲା । ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ, ଶେଷରେ ଡିଏମ୍ଆରସିଏଚ୍ ଜିତେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ତାଲିମରତ ଛାତ୍ରୀମାନେ ଉପସ୍ଥିତ ଥିଲେ ।

# ଓଡ଼ିଆ ସାମ୍ବାଦିକତା ଦିବସ ପାଳିଲା ଓୟୁଜେ

ବାଲେଶ୍ୱର(ନି.ପ୍ର.)ସାମ୍ବାଦିକ ମାନେ ଜନସାଧାରଣ ଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ଖବର ଓ ସରକାରଙ୍କ ଜନ କଲ୍ୟାଣ ମୂଳକ କାର୍ଯ୍ୟ କ୍ରମକୁ ଠିକ୍ ଭାବେ ଉପସ୍ଥାପନ କରି ନିଜର ପାରଦର୍ଶିତା ପ୍ରଦାନ କରିବାର ବେଳ ଆସିଛି ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତ ବ୍ୟକ୍ତ କରିଛନ୍ତି ।ଆଜି ଓଡ଼ିଶା ସାମ୍ବାଦିକ ୟୁନିଅନ, ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଛି ।ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ପଣ୍ଡା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯକ୍ରମ ରେ ପୂର୍ବତନ ଅଧକ୍ଷ ଗଜେନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବେ ସେଇଠୁ ଆରମ୍ଭ ର ସମ୍ପାଦକ ଶୁଭେନ୍ଦୁ ଦାସ ଯୋଗଦେଇ ଓଡ଼ିଆ ସାମ୍ବାଦିକତାର ଗୌରବମୟ ଇତିହାସ, ବର୍ତ୍ତମାନ ସମୟରେ ସାମ୍ବାଦିକତାର ଆହ୍ୱାନ ଓ ଚ୍ୟାଲେଞ୍ଜ, ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଏବଂ



ସାମ୍ବାଦିକଙ୍କ ନୈତିକ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେ କହିଥିଲେ ଯେ, ସାମ୍ବାଦିକତା କେବଳ ଏକ ପେଶା ନୁହେଁ, ବରଂ ସତ୍ୟ, ନିରପେକ୍ଷତା ଓ ଜନସେବାର ଏକ ମହାନ ଦାୟିତ୍ୱ । ଏହି କାର୍ଯ୍ୟକ୍ରମ ରେ ୟୁନିଅନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ଜାତୀୟ କାର୍ଯ୍ୟକାରୀଣି ସଦସ୍ୟ ରାମନାରାୟଣ ଶତପଥି, ଅଧ୍ୟାପକ ମହେଶ୍ୱର ଉପାଧ୍ୟାୟ ବରିଷ୍ଠ ସଦସ୍ୟ ଅରୂପ କୁମାର ଦାସ, ପ୍ରମୁଖ ଉଦବୋଧନ ଦେଇ ଓଡ଼ିଆ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।ରୁଚିକ ରଞ୍ଜନ ମହାପାତ୍ର, ରମାକାନ୍ତ ପଣ୍ଡା,ରବି ରଞ୍ଜନ ତ୍ରିପାଠୀ , ନନ୍ଦ କିଶୋର ସାହୁ, କହ୍ନେଇ ଚରଣ ପ୍ରଧାନ,ଜୟଦେବ ଆଚାର୍ଯ୍ୟ, ସୋମନାଥ ସାହୁ ,କୈଳାସ ଚନ୍ଦ୍ର ଦାସ ,ଗୌତମ କୁମାର ମୁଖି, ସୁଶାନ୍ତ କୁମାର ବେହେରା, ଲୋକନାଥ ପୀରି, ସରୋଜ କୁମାର ସାହୁ, ଲକ୍ଷ୍ମୀଧର ବାରିକ ପ୍ରମୁଖ ସଦସ୍ୟ ମାନେ ଯୋଗ ଦେଇଥିଲେ । ଏହି ଅବସରରେ 'ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକତା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ରେପ୍ରଥମ ସ୍ଥାନ ଅଧିକାର କରିଥିବା ଭାଗ୍ୟଜ୍ୟୋତି ବେହେରା , ଦ୍ୱିତୀୟ ଉର୍ବଶୀ ଦାସ, ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦୀପକ କୁମାର ସାହୁ, ଓ ଯଶୋଦାନ ଦାସ ଙ୍କୁ ୟୁନିଅନ ପକ୍ଷରୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।। ବକ୍ତାମାନେ ଛାତ୍ରଛାତ୍ରୀଙ୍କୁ ସତ୍ୟନିଷ୍ଠ, ନିରପେକ୍ଷ ଓ ଦାୟିତ୍ୱବୋଧ ସହିତ ସାମ୍ବାଦିକତା ପ୍ରତି ଆଗ୍ରହୀ ହେବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଅଂଶ ଗ୍ରହଣ କରିଥିଲେ । ଶେଷରେ ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲାପାଳ ଓ ଏସପିଙ୍କ ଦ୍ୱାରସ୍ଥ ହେଲେ ଶାନ୍ତିଲତା

ବାଲେଶ୍ୱର,(ନି.ପ୍ର.): ସିମୁଳିଆ ଥାନା ଅନ୍ତର୍ଗତ କାଂଚପଡ଼ା ଗ୍ରାମର ପ୍ରଫୁଲ୍ଲ ମହାରଣା ଓ ଶାନ୍ତିଲତା ମହାରଣା ଦୁହେଁ ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ହାଜର ହୋଇ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ଗତ ୨୩.୬.୨୬ରେ ତାଙ୍କର ନାବାଳିକା କନ୍ୟାକୁ ବିସିକେଶନ ଅଗସ୍ତି ନାମକ ଜଣେ ବ୍ୟକ୍ତି ତାଙ୍କ ଘରୁ ଅପହରଣ କରିନେବା, ବୟସ ୧୩ ବର୍ଷ ହୋଇଥିଲାବେଳେ ଥାନାରେ ଅଭିଯୋଗ ହେବା, ଥାନାରେ ମାମଲା ରୁଜୁ ହେବା ହେଲେ ପୋଲିସ ତୁରନ୍ତ ଜାମିନ ମିଳିବା ଦଫା ଲଗାଇ ଦୋଷୀମାନଙ୍କ ଉପରେ ପୋସ୍କୋ ଆକ୍ଟ ନଲଗାଇବା ଘଟଣାରେ ଅଭିଯୋଗ କରାଯାଇଛି ।

# ୨ ମାସ ହେଲା ନାବାଳିକାଙ୍କୁ ଉଦ୍ଧାର କଲାନି ପୋଲିସ

ବାଲେଶ୍ୱର,(ନି.ପ୍ର.): ଟାଉନଥାନା ଅନ୍ତର୍ଗତ ମାଣିଖମ୍ବ ମହାପାତ୍ର ସାହି ଗ୍ରାମର ପ୍ରଦୀପ କମିଲା ତାଙ୍କର ୧୬ ବର୍ଷର ନାବାଳିକା କନ୍ୟାକୁ ଗତ ୫.୬.୨୬ ତାରିଖରେ ବାରବାଟି ଅଂଚଳର ଚନ୍ଦ୍ରଶେଖର ନାୟକ ଯିଏକି ଘରେ ପଶି ବଳ ପୂର୍ବକ ମୂଲ୍ୟବାନ ସାମଗ୍ରୀ, ଗହଣା ଇତ୍ୟାଦି ସମେତ ତାଙ୍କର ନାବାଳିକା କନ୍ୟାକୁ ଅପହରଣ କରିନେଇଥିଲେ । ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ହାତବାନ୍ଧି ବସିଛି । ଏଯାଏଁ ପ୍ରଦୀପଙ୍କ ନାବାଳିକା କନ୍ୟାଙ୍କର କୌଣସି ଖୋଜ ଖବର ନଥିବା, ସେ ଜୀବିତ କି ମୃତ ବା ତାଙ୍କୁ କୋଉଁଠାରେ ବିକ୍ରି କରି ଦିଆଯାଇଛି ବା ଚାଲାଣ କରାଯାଇଛି ଏ ନେଇ ଉଭୟ ଦମ୍ପତି ମ୍ରିୟମାଣ ହୋଇପଡ଼ିଛନ୍ତି । ଗତ ୪ ତାରିଖ ଦିନ ପୋଲିସର କାର୍ଯ୍ୟାବଳୀକୁ ନେଇ ଅସନ୍ତୋଷପ୍ରକାଶ କରିବା ସହ ଉଭୟ ଦମ୍ପତି ଏସପି ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ତାଙ୍କର ନାବାଳିକା କନ୍ୟାଙ୍କୁ ଉଦ୍ଧାର କରିବା ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

# ରବୀନ୍ଦ୍ର ଜେନାଙ୍କ ଜନ୍ମଦିନରେ ଯୁବନେତା ସିମନଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଲା ରକ୍ତଦାନ ଶିବିର

ବାଲେଶ୍ୱର,(ନି.ପ୍ର.): ପ୍ରବଳ ବନ୍ୟା ପରିସ୍ଥିତି ଯୋଗୁଁ ଜିଲ୍ଲାର ବିଭିନ୍ନ ରକ୍ତଭଣ୍ଡାରରେ ଦେଖାଦେଇଥିବା ରକ୍ତ ଅଭାବକୁ ଦୂର କରିବା ଉଦ୍ଦେଶ୍ୟରେ ଏବଂ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ଜନ୍ମଦିନ ଅବସରରେ ମଙ୍ଗଳବାର ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଯୁବନେତା ସିମନ ଦାସ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରୁ ମୋଟ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍ଘାଟନ କରିଥିଲେ । ସେ କହିଥିଲେ ଯେ, ରକ୍ତଦାନ ଏକ ମହତ୍ କାର୍ଯ୍ୟ ଏବଂ ସଙ୍କଟ ସମୟରେ ଏହା ଅନେକ ମୂଲ୍ୟବାନ ଜୀବନ ବଂଚାଇବାରେ ସହାୟକ ହୋଇଥାଏ । ବନ୍ୟା ପରିସ୍ଥିତିରେ ରକ୍ତର ଚାହିଦା ବୃଦ୍ଧି



ପାଉଥିବାବେଳେ ଏଭଳି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆବଶ୍ୟକତା ଅଧିକ ରହିଛି ବୋଲି ସେ ମତ ପ୍ରକାଶ କରିଥିଲେ ।ଏହି ଅବସରରେ ସଦର ବ୍ଲକ ଅଧ୍ୟକ୍ଷା ସୁନିତା ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଆଲୋକ ସାହୁ, ଗଣେଶ ମହାପାତ୍ର, ସୂର୍ଯ୍ୟକାନ୍ତ କର, ଭାଗବତ ସାହୁ, ଅଜୟ ସାମଲ, ସାହିରୁଲ ହକ, ଶାନ୍ତନୁ ଦାସ, ଶକ୍ତିପଦ ରାୟ, ଅସିତ ଦାସ, ବିକାଶ ପାଢ଼ୀ, ଆଶ୍ରିତା ତରେଇ, ହେମନ୍ତ ମହାନ୍ତି, ସୌଭାଗ୍ୟ ମାନସ ନାୟକ, ଉମେଶ ବେହେରା, ଶ୍ରୀମନ୍ତ ମାଝୀ, ଦିଲଦାର ହୁସେନ ଏବଂ ପ୍ରାଣକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।ଶିବିର ପରିଚାଳନା ଓ ସଫଳ ଆୟୋଜନରେ ସୁଶୀଲ ପଣ୍ଡା, ଭବାନୀ ମହାନ୍ତି, ପ୍ରିୟଦର୍ଶନ କବି, କିରଣ ନାଥ, ଜୀବନ ସଂଗ୍ରାମ ମିଶ୍ର, ରାହୁଲ ନାୟକ, ଗଜେନ୍ଦ୍ର ନାୟକ, ନରୋତମ ଦାସ, ଅରୁଣ କୁମାର ଦାସ ଏବଂ ଜଗନ୍ନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ । ଉପସ୍ଥିତ ଅତିଥି ଓ ସ୍ୱେଚ୍ଛାସେବୀମାନେ କହିଥିଲେ ଯେ, ରକ୍ତଦାନ ହେଉଛି ସର୍ବୋତମ ଦାନ । ବନ୍ୟା ସମୟରେ ରକ୍ତଭଣ୍ଡାରରେ ରକ୍ତର ଅଭାବ ଦୂର କରିବା ଦିଗରେ ଏହି ପଦକ୍ଷେପ ନିଶ୍ଚିତ ଭାବେ ସହାୟକ ହେବ । ଶିବିରର ସଫଳ ଆୟୋଜନ ପାଇଁ ଯୁବନେତା ସିମନ ଦାସ ମହାପାତ୍ରଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।

# ଶାନ୍ତିକାନନରେ ପାଳିତ ହେଲା ପ୍ରଖ୍ୟାତ ଚିତ୍ରଶିଳ୍ପୀ କଲ୍ଲୋଳ କୁମାର ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, (ନି.ପ୍ର.): ଫକୀରମୋହନ ସେନାପତିଙ୍କ ସ୍ମୃତିପୀଠ ଶାନ୍ତିକାନନ ପରିସରରେ ଗତକାଲି ସନ୍ଧ୍ୟାରେ ଦିବଙ୍ଗତ ଚିତ୍ରଶିଳ୍ପୀ, କଳାଶିକ୍ଷକ ତଥା ସାଂସ୍କୃତିକ କର୍ମୀ କଲ୍ଲୋଳ କୁମାର ଦାସଙ୍କ ସ୍ମୃତିରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା ।ବରିଷ୍ଠ ଚିତ୍ରଶିଳ୍ପୀ ଅରୁଣ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାର ଆରମ୍ଭରେ ସ୍ୱର୍ଗତ କଲ୍ଲୋଳ କୁମାର ଦାସଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରାଯିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନାରେ ଦୁଇ ମିନିଟ୍ ? ନୀରବ ପ୍ରାର୍ଥନା କରାଯାଇଥିଲା ।ଗୋପାଳପୁର (ବାଲେଶ୍ୱର) ନିବାସୀ ମନୋରଞ୍ଜନ ଦାସଙ୍କ ଜ୍ୟେଷ୍ଠ ପୁତ୍ର କଲ୍ଲୋଳ କୁମାର ଦାସ ଗତ ବାହୁଡ଼ାଯାତ୍ରା ଦିବସ ସନ୍ଧ୍ୟାରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ । ଦୀର୍ଘଦିନ ଧରି ଚିକିତ୍ସାଧୀନ ରହିବା ପରେ ଗତ ୩୦ ଜୁଲାଇ ରାତି ପ୍ରାୟ ୧୦.୩୦ ସମୟରେ ୫୫ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା ।ଶୋକସଭାରେ



ବକ୍ତାମାନେ ସ୍ୱର୍ଗତ କଲ୍ଲୋଳ ଦାସଙ୍କ କର୍ମମୟ ଜୀବନ ଓ ବହୁମୁଖୀ ପ୍ରତିଭାକୁ ସ୍ମରଣ କରି କହିଥିଲେ ଯେ ସେ କେବଳ ଜଣେ ସଫଳ ଚିତ୍ରଶିଳ୍ପୀ ନୁହେଁ, ବରଂ ଜଣେ ସୁମଧୁର କଣ୍ଠଶିଳ୍ପୀ, ସକ୍ରିୟ ସାଂସ୍କୃତିକ କର୍ମୀ ଏବଂ ଦକ୍ଷ ଶିଳ୍ପୀ ସଂଗଠକ ଭାବେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କ ଅକାଳ ବିୟୋଗ କଳା ଓ ସାଂସ୍କୃତିକ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେମାନେ ମତ ପ୍ରକାଶ କରିଥିଲେ ।ଚିତ୍ରଶିଳ୍ପୀ ପ୍ରତାପ ସିଂହ, ବିଶ୍ୱଜିତ ପରମାଣିକ, ନିତ୍ୟାନନ୍ଦ ସାହୁ, ମରୁତ ରାଉତ, ଅନ୍ତର୍ଯ୍ୟାମୀ ସାହୁ, ଅରୁଣ ବାରିକ ଓ ସମାଜସେବୀ ଅରବିନ୍ଦ ବାବୁ ପ୍ରମୁଖ ସ୍ମୃତିଚାରଣ କରି କହିଥିଲେ ଯେ କଲ୍ଲୋଳ ଦାସ ଜଣେ ଅମାୟିକ, ମିଷ୍ଟଭାଷୀ, ପରୋପକାରୀ ଏବଂ ଅତ୍ୟନ୍ତ ମଧୁର ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ତାଙ୍କ ସହୃଦୟତା ଓ ମଣିଷପଣିଆ ପାଇଁ ସେ ସମସ୍ତଙ୍କ ନିକଟରେ ପ୍ରିୟ ଥିଲେ । ଶେଷରେ ଉପସ୍ଥିତ ସମସ୍ତେ ସ୍ୱର୍ଗତ କଲ୍ଲୋଳ କୁମାର ଦାସଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ । ଏଥିସହିତ ଏହି ଅପୂରଣୀୟ ଦୁଃଖ ସହିବା ପାଇଁ ପରିବାରବର୍ଗଙ୍କୁ ଭଗବାନ ଶକ୍ତି ଓ ସାହସ ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରାଯାଇଥିଲା ।

# ପ୍ରଶାସନ ପକ୍ଷରୁ ବାତ ଜ୍ୱର ନିରାକରଣ କାର୍ଯ୍ୟକ୍ରମ

ବାଲେଶ୍ୱର(ନି.ପ୍ର.) ଜିଲ୍ଲାପାଳଙ୍କ ସଭା କକ୍ଷ୍ୟରେ ଏକ ଆଲୋଚନା ଚକ୍ର ତଥା ପ୍ରସ୍ତୁତି ବୈଠକ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲୀପ କୁମାର ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ବାହକ ) ଡାକ୍ତର ସୂର୍ଯ୍ୟପ୍ରକାଶ ରାଉରାୟ,ଅତିରିକ୍ତ



ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ ) ଡାକ୍ତର ସଂଜୀବ କୁମାର ପ୍ରଧାନ,ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା ) ଡାକ୍ତର ମନୋଜ ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର କର, ଜିଲ୍ଲା ଶିକ୍ଷାଧିକାରୀ, ସମସ୍ତ ବ୍ଲକ ଶିକ୍ଷାଧିକାରୀ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସାଧିକାରୀ ଏବଂ ଜିଲ୍ଲା ପରିଚାଳନାଧିକାରୀମାନେ ଉପସ୍ଥିତ ଥିଲେ । ବାତ ଜ୍ୱର ନିରାକରଣ ନିମନ୍ତେ ବିଦ୍ୟାଳୟ ସ୍ତରୀୟ ସର୍ଭେକ୍ଷଣ ନିମନ୍ତେ ନିର୍ଧାରିତ ହୋଇଥିବା ବିଦ୍ୟାଳୟର କକ୍ଷ୍ୟା ପ୍ରଥମ ଏବଂ ଦ୍ୱିତୀୟ ରେ ଥିବା ସମସ୍ତ ପିଲା ମାନଙ୍କର ରକ୍ତ ପରୀକ୍ଷା କରାଯାଇ ନିର୍ଦ୍ଧାରିତ କରାଯିବ କି ବାତଜ୍ୱର ସଂକ୍ରମଣ ଜିଲ୍ଲାରେ ଅଛି କି ନାହିଁ । ଆ[ ଡେଙ୍ଗୁ ମାସ ନିମନ୍ତେ ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଭାଗର ମିଳିତ ସହଯୋଗରେ ଡେଙ୍ଗୁର ପ୍ରାଦୁର୍ଭାବକୁ କିପରି ପ୍ରତିଚାଳନା କରିପାରିବା ଉପରେ ଆଲୋଚନା ହୋଇଥିଲା । ଶେଷରେ ଶ୍ରୀମତୀ ସୁପ୍ରିୟା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ଭାବ୍ୟ ରେଳ ଦୁର୍ଘଟଣାକୁ ଏଡ଼ାଇଥିବା ବରିଷ୍ଠ ଯନ୍ତ୍ରୀ ବି. ତାଜେଶ୍ୱର ରାଓଙ୍କୁ ଡିଆରଏମ୍ ଖଡ଼ଗପୁର କଲେ ସମ୍ମାନିତ

ବାଲେଶ୍ୱର,(ନି.ପ୍ର.): ରେଳ ସୁରକ୍ଷା କ୍ଷେତ୍ରରେ ଅସାଧାରଣ ସତର୍କତା ଓ ଉଲ୍ଲେଖନୀୟ ଅବଦାନ ପାଇଁ ବାଲେଶ୍ୱରର ବରିଷ୍ଠ ସେକ୍ସନ ଇଞ୍ଜିନିୟର (କ୍ୟାରେଜ୍ ଓ ୱାଗନ୍) ଶ୍ରୀ ବି. ତାଜେଶ୍ୱର ରାଓଙ୍କୁ ମଙ୍ଗଳବାର ଖଡ଼ଗପୁରରେ ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ୍) ଶ୍ରୀ ଲଳିତ ମୋହନ ପାଣ୍ଡେ ନଗଦ ଅର୍ଥ ରାଶି ଓ ପ୍ରଶଂସାପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି ।କର୍ତବ୍ୟ ପାଳନ ସମୟରେ ତାଙ୍କର ସତର୍କତା, ବୈଷୟିକ ଦକ୍ଷତା ଓ ତ୍ୱରିତ ପଦକ୍ଷେପ ପାଇଁ ଶ୍ରୀ ରାଓ ଏହି ସମ୍ମାନ ପାଇଛନ୍ତି । ଖନ୍ତାପଡ଼ା ରେଳ ଷ୍ଟେସନରେ ଯାଂଚ କାର୍ଯ୍ୟ ସମୟରେ ସେ ଏକ ମାଲବାହୀ ଟ୍ରେନର ୱାଗନରେ ଭଙ୍ଗା କପ୍ଲର୍ ବଡି ଚିହ୍ନଟ କରିଥିଲେ । ସମ୍ଭାବ୍ୟ ବିପଦକୁ ଅନୁଭବ କରି ସେ ତୁରନ୍ତ ହସ୍ତକ୍ଷେପ କରି ତ୍ରୁଟିପୂର୍ଣ୍ଣ ୱାଗନକୁ ଟ୍ରେନରୁ ଅଲଗା କରାଇଥିଲେ । ଫଳରେ ଏକ ସମ୍ଭାବ୍ୟ ରେଳ ଦୁର୍ଘଟଣା ଏଡ଼ାଯିବା ସହ ଟ୍ରେନ ଚଳାଚଳ ସୁରକ୍ଷିତ ରହିଥିଲା ।ଏହି ଅବସରରେ ଡିଆରଏମ୍ ଶ୍ରୀ ଲଳିତ



ମୋହନ ପାଣ୍ଡେ ଶ୍ରୀ ରାଓଙ୍କର କର୍ତବ୍ୟନିଷ୍ଠା, ବୈଷୟିକ ପାରଦର୍ଶିତା ଓ ରେଳ ସୁରକ୍ଷା ପ୍ରତି ତାଙ୍କର ଦୃଢ଼ ଅଙ୍ଗୀକାରର ଭୂୟସୀ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ଏଭଳି ସତର୍କତା ଓ ନିଷ୍ଠା ଖଡ଼ଗପୁର ମଣ୍ଡଳର ସୁଦୃଢ଼ ସୁରକ୍ଷା ସଂସ୍କୃତିର ପରିଚୟ ଏବଂ ଅନ୍ୟ ରେଳ କର୍ମଚାରୀଙ୍କ ପାଇଁ ପ୍ରେରଣାଦାୟୀ ।ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ମଣ୍ଡଳ ସର୍ବଦା ପରିଚାଳନାଗତ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଆସୁଛି । ଅସାଧାରଣ ସତର୍କତା, ବୈଷୟିକ ଉତ୍କର୍ଷତା ଓ କର୍ତବ୍ୟପରାୟଣତା ପ୍ରଦର୍ଶନ କରୁଥିବା କର୍ମଚାରୀମାନଙ୍କୁ ନିୟମିତ ଭାବେ ସମ୍ମାନିତ କରାଯାଉଛି । ରେଳ ଅଧିକାରୀମାନେ କହିଛନ୍ତି ଯେ, ଏପରି ସମ୍ମାନ କର୍ମଚାରୀଙ୍କ ମନୋବଳ ବୃଦ୍ଧି କରିବା ସହିତ ସୁରକ୍ଷିତ ଓ ଦକ୍ଷ ରେଳ ପରିଚାଳନା ପ୍ରତି ମଣ୍ଡଳର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଥାଏ । ସମ୍ମାନ ପ୍ରଦାନ ସମାରୋହରେ ଉପସ୍ଥିତ ବରିଷ୍ଠ ଅଧିକାରୀ ଓ ରେଳ କର୍ମଚାରୀମାନେ ଶ୍ରୀ ବି. ତାଜେଶ୍ୱର ରାଓଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ ।

# ବନ୍ୟା ପରେ ସ୍ଥିତି ପରଖିଲେ ମନ୍ତ୍ରୀ: ପ୍ରଭାବିତ ଅଂଚଳ ବୁଲିଲେ, ଦେଲେ ପଲିଥିନ ଓ ସହାୟତାର ଆଶ୍ୱାସନା



ଧାମନଗର(ନିପ୍ର): ଧାମନଗରରେ ବନ୍ୟା ଜଳ ହ୍ରାସ ପାଇବା ପରେ ଅଂଚଳରେ ହୋଇଥିବା କ୍ଷୟକ୍ଷତିର ପ୍ରତ୍ୟକ୍ଷ ଅନୁଧାନ ଓ ପ୍ରଭାବିତ ଲୋକଙ୍କ ସମସ୍ୟା ବୁଝିବା ପାଇଁ ଆଜି ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧାମନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ବନ୍ୟା ପ୍ରଭାବିତ ପଂଚାୟତ ଗସ୍ତ କରିଛନ୍ତି । ମନ୍ତ୍ରୀ ସୂରଜ ଆଜି ଭୁବନେଶ୍ୱରରୁ ସିଧାସଳଖ ଆସି ଆନନ୍ଦପୁର ପଂଚାୟତରୁ ପରିକ୍ରମା କରିଥିଲେ । ଗତ ବନ୍ୟାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ମଲ୍ଲିମାହାରା ମୁହଁରେ ଥିବା ଉତେଇପୁର ଜେନା ସାହି, ମାଝି ସାହି ଓ ପାତ୍ର ସାହିରେ ବନ୍ୟାପୀଡ଼ିତଙ୍କୁ ଭେଟି ସେମାନଙ୍କ ଦୁଃଖସୁଖ ବୁଝିବା ସହ ବାସହରା ପରିବାରଗୁଡ଼ିକୁ ପଲିଥିନ୍ ବଂଟନ କରିଥିଲେ । ପରେ ନଡ଼ିଆବାଗ ଜେନା ସାହି, ଦକ୍ଷିଣକୁରୁଆ ଦଳିତ ସାହି, ଖଡ଼ିପଦା ପଂଚାୟତର ମୁଥାନଗର, କାଞ୍ଜିଆପାଳ ଓ କମଳପୁର ଅଂଚଳ ବୁଲି କ୍ଷୟକ୍ଷତିର ପରିମାଣ ପରଖିଥିଲେ । ଏହାପରେ ସୋହଡ଼ା ପଂଚାୟତର ଷେଣ୍ଢପୁର, କଂଟାପାରା, ପିତେଇପୁର, ଡାଙ୍ଗୁଆପାଟଣା ଏବଂ କରଦା ପଂଚାୟତର ଖରାଖାଇ ଓ ସୁଜାଣସିଂହପୁର ଗ୍ରାମ ଗସ୍ତ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ପଧାନି ପଂଚାୟତର କଂଟଦା, କଂଟିଦୋଳ, ପଧାନି ଗାଁ ଏବଂ ନଦୀଗାଁ ଓ ଭଟ୍ଟସାହି ପଂଚାୟତ ହୋଇ ଧୁଷୁରୀରେ ପହଂଚିଥିଲେ । ଗସ୍ତ ସମୟରେ ମନ୍ତ୍ରୀ ବିଭିନ୍ନ ସ୍ଥାନରେ ଛିଡ଼ା ହୋଇ କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ । ବିଶେଷ କରି ଭାଙ୍ଗିଯାଇଥିବା ଘର, ନଷ୍ଟ ହୋଇଥିବା ଫସଲ ଓ ବିଶୁଦ୍ଧ ପାନୀୟ ଜଳର ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ । ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ତୁରନ୍ତ ଆକଳନ କରି ପ୍ରଭାବିତଙ୍କୁ ରିଲିଫ୍, ଆର୍ଥିକ ସହାୟତା ଓ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବାକୁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬: ଦାବି ଓ ଆପତି ଦାଖଲ ଅବଧି ୧୯ ଅଗଷ୍ଟ ପର୍ଯ୍ୟନ୍ତ ବୃଦ୍ଧି

ଜଗତସିଂହପୁର(ନିପ୍ର): ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମ ଅଧୀନରେ ଚିଠା ଭୋଟର ତାଲିକା ଉପରେ ଦାବି ଓ ଆପତି ଦାଖଲ ପାଇଁ ସମୟସୀମାକୁ ଭାରତ ନିର୍ବାଚନ ଆୟୋଗ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏ ସମ୍ପର୍କିତ ଆଧିକାରିକ ବିଜ୍ଞପ୍ତି ଗୃହ (ନିର୍ବାଚନ) ବିଭାଗ ପକ୍ଷରୁ ଓଡ଼ିଶା ଗେଜେଟ୍ ରେ ପ୍ରକାଶ ପାଇଛି । ୦୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ଭାରତ ନିର୍ବାଚନ ଆୟୋଗ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରିଛନ୍ତି । ଜିଲ୍ଲାରେ ଅଧିକରୁ ଅଧିକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯୋଗ୍ୟ ଭୋଟରଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଏବଂ ଦାବି ଓ ଆପତି ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ ଓ ଅନ୍ତର୍ଭୁକ୍ତିମୂଳକ କରିବା ଉଦ୍ଦେଶ୍ୟରେ ଏହି ସମୟ ବୃଦ୍ଧି କରାଯାଇଛି । ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ଚିଠା ଭୋଟର ତାଲିକାରେ ସାମିଲ ହୋଇନାହିଁ କିମ୍ବା ଭୋଟର ତାଲିକାରେ ଥିବା ତଥ୍ୟରେ କୌଣସି ତ୍ରୁଟି ରହିଛି, ସେମାନେ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତି ଦାଖଲ କରିପାରିବେ । ଏହି ଅବଧି ମଧ୍ୟରେ ଫର୍ମ-୬ ମାଧ୍ୟମରେ ନୂତନ ଭୋଟର ଭାବେ ପଞ୍ଜୀକରଣ, ଫର୍ମ-୭ ମାଧ୍ୟମରେ ନାମ ବିଲୋପ ପାଇଁ ଆବେଦନ ଏବଂ ଫର୍ମ-୮ ମାଧ୍ୟମରେ ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ ଆବେଦନ କରାଯାଇପାରିବ । ୦୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି । ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ନୋଟିସ ପ୍ରଦାନ, ଶୁଣାଣି ଓ ଦାବି-ଆପତିର ନିଷ୍ପତି ପ୍ରକ୍ରିୟା ୧୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ । ଏହା ପରେ ୨୧ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଡେପୁଟି କଲେକ୍ଟର ନିର୍ବାଚନ ସୂଚନା ଦେଇଛନ୍ତି ।

# କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଓ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

କଟକ(ନିପ୍ର): କଟକ ଗଡଗଡିଆ ମନ୍ଦିର ନିକଟରେ ଥିବା କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । କବିଚନ୍ଦ୍ର ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ବିଶିଷ୍ଟ ସାହିତ୍ୟିକ ତଥା ଗିତିକବି ଗୌର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ସଂସଦର ସଂପାଦକ ନାଟ୍ୟକାର ସଂଜିତ କୁମାର ପଟ୍ଟନାୟକ, ନାଟ୍ୟକାର ଧନୁର୍ଦ୍ଧର ମିଶ୍ର, ସାହିତ୍ୟିକ ଡକ୍ଟର ସୁନାମଣି ରାଉତ, ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, ବିଶିଷ୍ଟ ଚିତ୍ରଶିଳ୍ପୀ ନକୁଳ ଚନ୍ଦ୍ର ମହାରଣା, ପ୍ରକାଶକ ଅଜିତ କୁମାର ମହାପାତ୍ର, ସଂଗଠକ ବସନ୍ତ କୁମାର ସାହୁ, ଗୌତମ କର, ବିକ୍ରମ ଲେଙ୍କା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କବିଚନ୍ଦ୍ର କାଳୀଚରଣ ଜଣେ ସଫଳ ସଂସ୍କୃତି ଗବେଷକ, ସାହିତ୍ୟିକ, ନାଟ୍ୟକାର, ଓଡ଼ିଶୀ ସଂଗୀତ ଓ ନୃତ୍ୟର ପରମ୍ପରାବାଦୀ ଉପାସକ ଥିଲେ । ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇଁ କବିଚନ୍ଦ୍ର କାଳୀଚରଣ ଅବଦାନ ଅତୁଳନୀୟ । ଓଡ଼ିଶୀ ସଂଗୀତ ଶାସ୍ତ୍ରୀୟ ମାନ୍ୟତା ପାଇଲେ ତାଙ୍କ ପ୍ରତି ହେବ ଯଥାର୍ଥରେ ଶ୍ରଦ୍ଧାଞ୍ଜଳି ବୋଲି କହିଛନ୍ତି । ସମାଜସେବୀ ନିବାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଟ୍ରାକ୍ଟର ଆସୋସିଏସନ୍‌ର ସାଧାରଣ ବୈଠକ ଏବଂ ନୂତନ କର୍ମକର୍ତ୍ତା ଚୟନ



ଉଦଳା(ନିପ୍ର): ପ୍ତିପଦା ସବ୍-ଡ଼ିଭିଜନାଲ ଉଦଳା କଂଟ୍ରାକ୍ଟର ଆସୋସିଏସନ୍‌ର ଏକ ସାଧାରଣ ବୈଠକ ଉଦଳା ଡ଼ାକବଙ୍ଗଳା ଠାରେ ସଭାପତି ପୂର୍ଣଚନ୍ଦ୍ର ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ତିନି କୋଟି ଟଙ୍କା ପର୍ଯ୍ୟନ୍ତ ସରକାରଙ୍କଠାରୁ ବାହାରୁଥିବା ଟେଣ୍ଡର ଗୁଡ଼ିକୁ ୦.୦୦% ରେ ସମସ୍ତେ ପକେଇବା ପାଇଁ ଆଲୋଚନା କରାଯାଇଥିଲା । ଦିର୍ଘ ଏକ ମାସ ଯାଏ ଭୁବନେଶ୍ୱରରେ ଧାରଣାରେ ବସିବା ପରେ ଓଡ଼ିଶା ସରକାରଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଛନ୍ତି ଠିକାଦାରମାନେ ଏବଂ ସର୍ତ୍ତ ଟେଣ୍ଡର କଲ ନୋଟିସ୍ ଜରିଆରେ ଜରୁରୀ ମରାମତି କାମ ଜାରି ରହିବା ସଙ୍ଗେ ସଙ୍ଗେ ସିଡ୍ୟୁଲି ଅଫ୍ ରେଟ୍ ଏବଂ ନେଗେଟିଭ ବିଡ୍ ଟେଣ୍ଡର ସଂଶୋଧନ ପାଇଁ ଫାଇଲ ଅର୍ଥ ବିଭାଗକୁ ଯାଇଛି ବୋଲି ଆସୋସିଏସନ୍‌ର ସାଧାରଣ ସମ୍ପାଦକ ନନ୍ଦ କିଶୋର ବିନ୍ଧାଣୀ ସୂଚନା ଦେଇଥିଲେ । ଦିର୍ଘଦିନ ଧରି ଉଦଳାଠାରେ ଆର.ଡ଼ି. ଡ଼ିଭିଜନ ଅଫିସ୍ ଚାଲୁ ହୋଇପାରୁନଥିବାସ୍ଥଳେ ଆମ୍ଭ ଆସୋସିଏସନ୍‌ର ଧାରଣା ପରେ ବର୍ତମାନ ପୂର୍ଣମାତ୍ରାରେ ଚାଲୁ ହୋଇପାରିଛି, ଯାହା ଆମ ଆସୋସିଏସନ୍ ସହ ସମସ୍ତ କଂଟ୍ରାକ୍ଟର ମାନଙ୍କ ପାଇଁ ସବୁଠାରୁ ବଡ଼ ସଫଳତା ବୋଲି ସାଧାରଣ ସମ୍ପାଦକ ମତବ୍ୟକ୍ତ କରିଥିଲେ । ଦିର୍ଘ ୨୧ ବର୍ଷ ଧରି ଉଦଳାଠାରେ କପ୍ତିପଦା ସବ୍-ଡ଼ିଭିଜନାଲ ଉଦଳା କଂଟ୍ରାକ୍ଟର ଆସୋସିଏସନ୍ ଦ୍ୱାରା ବିଭିନ୍ନ ପ୍ରକାର ସୁନ୍ଦର ସୁନ୍ଦର ତୋରଣ ଦ୍ୱାରା ସୁ-ସଜ୍ଜିତ ହୋଇ ବିଶ୍ୱକର୍ମା ପୂଜା ପାଳନ ହୋଇପାରିଛି । ଏବର୍ଷ ବାବା ବିଶ୍ୱକର୍ମାଙ୍କ ପୂଜାରେ ଶ୍ରୀ ବଦ୍ରିନାଥଙ୍କ ମନ୍ଦିର ତିଆରି କରାଯିବାର ସ୍ଥିରିକୃତ ହୋଇଅଛି । ଏହାଛଡ଼ା ଆସୋସିଏସନ୍‌ର ନିୟମ ଅନୁଯାୟୀ ପ୍ରତ୍ୟେକ ତିନି ବର୍ଷରେ ଥରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥାଏ, ସେହି ନିୟମ ଅନୁଯାୟୀ ନିମ୍ନଲିଖିତ ନୂତନ କର୍ମକର୍ତ୍ତା ଚୟନ କରାଯାଇଅଛି । ଚେୟାରମ୍ୟାନ ଭାବେ ନନ୍ଦକିଶୋର ବିନ୍ଧାଣୀ, ସଭାପତି ପୂର୍ଣଚନ୍ଦ୍ର ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ରୁଦ୍ରନାରାୟଣ ପଳତା, ଉପ-ସଭାପତି ଭାବେ ସରୂପ କୁମାର ମହାପାତ୍ର, ଜିତେନ୍ଦ୍ର ସେନାପତି, ପ୍ରଣୟ କୁମାର ଚୈଧୁରୀ, ସାଧାରଣ ସମ୍ପାଦକ ଭାବେ ସର୍ବେଶ୍ୱର ରାଉତ, ସହ-ସାଧାରଣ ସମ୍ପାଦକ ଭାବେ ପ୍ରଣବ କୁମାର ରାଉତ୍, ବଳରାମ୍ ଲେଙ୍କା, ରାମଚନ୍ଦ୍ର ବେହେରା, କୋଷାଧକ୍ଷ ଭାବେ ଶୁଭାଶିଷ ମହାନ୍ତି, ପୂଜା ସଭାପତି ଭାବେ ପ୍ରଭାତ କୁମାର ସାହୁ, ପୂଜା ସମ୍ପାଦକ ଭାବେ ଡ଼ିଜେନ୍ଦ୍ର ବେହେରା ଏବଂ ମନୋରଞ୍ଜନ ସେଠୀ ଏବଂ ଟେକ୍‌ନିକାଲ ଉପଦେଷ୍ଟା ଭାବେ ପ୍ରଫୁଲ୍ଲ କୁମାର ବରାଳ, ଉପଦେଷ୍ଟା ଭାବେ ଗିରିଶ୍ ଚନ୍ଦ୍ର ସାଏ, ଶୋଭାକର ନାଏକ, ଅନିଲ କୁମାର ପୃଷ୍ଟି, ଲଳିତ୍ କୁମାର ମହାନ୍ତି, ଅଶୋକ କୁମାର ଦାସ, ମଧୁସୁଦନ ହାତୀ, ରଜତ୍ କୁମାର ବିଶ୍ୱାଳ ଟେଣ୍ଡର କମିଟିର ସଦସ୍ୟ ଭାବେ ଆପଦ ରଂଜନ ରାଉତ, ସୁଜିତ୍ ଝୁଂଟିଆ, ରବିନ୍ଦ୍ର ପରିଡ଼ା, ରଣଜିତ୍ ନାଏକ, ସଂଜୟ ପୁହାଣ, ବିଭାଷ କୁମାର ରାଉତ, ଦିଲ୍ଲିପ୍ କୁମାର ବେଜ୍, ବୃନ୍ଦାବନ ଲେଙ୍କା, ଶ୍ରୀକାନ୍ତ ପରିଡ଼ା, ସଂଜିବ୍ କୁମାର ଭୋଳ, ମାନସ ରଂଜନ ଦାସ ପ୍ରମୁଖଙ୍କୁ ମୁଖ୍ୟ କାର୍ଯ୍ୟକର୍ତ୍ତା ହିସାବରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଅଛି ।

# ଜିଲ୍ଲାପାଳଙ୍କ ଦ୍ୱାରା 'ସୋଲାର ରଥ'ର ଶୁଭାରମ୍ଭ: ସୌରଶକ୍ତି ବ୍ୟବହାରକୁ ପ୍ରୋତ୍ସାହନ



କଟକ(ନିପ୍ର): ସ୍ୱଚ୍ଛ ଓ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରିବା ସହ ପିଏମ୍ ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ଟିପିସିଓଡିଏଲ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ 'ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେ ଏହି ସୋଲାର ରଥକୁ ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରଥ କଟକ ଜିଲ୍ଲାର ବିଭିନ୍ନ ବ୍ଲକ ଅଂଚଳ ପରିଦର୍ଶନ କରି ଘର ଛାତ ଉପରେ ସୌର ଶକ୍ତି ପ୍ରକଳ୍ପ ସ୍ଥାପନର ସୁବିଧା, ପିଏମ୍ ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା ଅଧୀନରେ ମିଳୁଥିବା ସରକାରୀ ସହାୟତା ଏବଂ ସହଜ ସ୍ଥାପନ ପ୍ରକ୍ରିୟା ସମ୍ପର୍କରେ ଲୋକଙ୍କୁ ସଚେତନ କରିବ । ଏଥିସହ 'ସୋଲାର ସାଙ୍ଗ' ଦଳ ଲୋକଙ୍କ ପାଖରେ ପହଂଚି ସେମାନଙ୍କ ପ୍ରଶ୍ନର ଉତର ଦେବା ସହ ସ୍ୱଚ୍ଛ, ନିର୍ଭରଯୋଗ୍ୟ ଓ ସୁଲଭ ସୌର ଶକ୍ତି ଗ୍ରହଣ ପାଇଁ ପ୍ରୋତ୍ସାହିତ କରିବେ । 'ସୋଲାର ରଥ' ଅଭିଯାନ ମାଧ୍ୟମରେ ପିଏମ୍ ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନାର ସୁବିଧା ସମ୍ପର୍କରେ ସଚେତନତା ସିଧାସଳଖ ଲୋକଙ୍କ ନିକଟରେ ପହଂଚିବ । ଅଧିକରୁ ଅଧିକ ପରିବାରକୁ ସୋଲାର ସୁବିଧା ନେବା ପାଇଁ ଉତ୍ସାହିତ କରିବା ସହ ନବୀକରଣଯୋଗ୍ୟ ଶକ୍ତିର ବିକାଶକୁ ଆହୁରି ସୁଦୃଢ଼ କରିବ ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଥିଲେ । ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଏହି ରଥର ଶୁଭାରମ୍ଭ ଅବସରରେ ଯୋଗଦେଇ କହିଥିଲେ ଯେ, ଏହି ରଥ ଗ୍ରାମାଂଚଳରେ ବୁଲିବା ଦ୍ୱାରା ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ଅଧିକରୁ ଅଧିକ ଉପଭୋକ୍ତା ଉକ୍ତ ଯୋଜନାର ଲାଭ ଉଠାଇପାରିବେ । ଟି ପି ସି ଓ ଡି ଏଲ ପକ୍ଷରୁ 'ମୋ ଛାତ, ମୋ ସଂଚୟ', ପିଏମ୍ ସୂର୍ଯ୍ୟ ଘର ଗ୍ରାମ ସଭା ଏବଂ 'ସୋଲାର ରଥ' ପରି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଉପଭୋକ୍ତାମାନଙ୍କୁ ଘରୋଇ ସୌର ଶକ୍ତିର ସୁବିଧା, ଯୋଜନାରେ ସାମିଲ ହେବାର ପ୍ରକ୍ରିୟା ଏବଂ ସରକାରୀ ସହାୟତା ସମ୍ପର୍କରେ ଅବଗତ କରାଯାଉଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ ଇଂ ଶ୍ରୀ ଅମରଜିତ୍ ପଟ୍ଟନାୟକ ସୂଚନା ଦେବା ସହ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ମହାନ୍ତି, କର୍ପୋରେଟ ଯୋଗାଯୋଗ ମୁଖ୍ୟ, ଗୌରୀ ମହାନ୍ତିଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ଉତରେଶ୍ୱର ଓଭର ବ୍ରିଜରେ ୬ ମାସ ହେଲା ଜଳି ପାରିଲା ନାହିଁ ଉଜ୍ଜ୍ୱଳ ଆଲୋକ

ସୋର(ନିପ୍ର): ୧୬ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ ପରେ ଉତରେଶ୍ୱର ଠାରୁ ବରଫକଳ ପର୍ଯ୍ୟନ୍ତ ଉଭୟ ପାଶ୍ୱର୍ରେ ଉଜ୍ଜ୍ୱଳ ଆଲୋକ ପାଇଁ ଗତ ୬ ମାସ ହେଲା ଲାଇଟ୍ ଖୁଂଟି ଲଗାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏଥିରେ ବିଦ୍ୟୁତ୍ ସଂଯୋଗ କରାଯାଇପାରି ନାହିଁ । ଫଳରେ ଉଭୟ ପାଶ୍ୱର୍ରେ ବିଭିନ୍ନ ଦୂର ଦୂରାନ୍ତରୁ ଆସୁଥିବା ବସ୍ ଯାତ୍ରୀ ଏବଂ ଅନ୍ୟ ଯାତ୍ରୀମାନେ ଅନ୍ଧାରରେ ଘୋର ଅସୁବିଧାରେ ସମ୍ମ୍ ?ୁଖୀନ ହେଉଛନ୍ତି । ସୂଚନାରୁ ପ୍ରକାଶ ଯେ, ଏହି ବିଦ୍ୟୁତ୍ ଖୁଂଟିଗୁଡ଼ିକ ବ୍ରିଜ୍‌ଗୋପାଲ କନଷ୍ଟ୍ରକସନ କମ୍ପାନୀ ଲଗାଇଥିଲେ ସୁଦ୍ଧା ଏଥିରେ ବିଦ୍ୟୁତ୍ ସଂଯୋଗ କରୁନାହିଁ । ଏ ସଂପର୍କରେ କମ୍ପାନୀର ଅଧିକାରୀଙ୍କୁ ପଚାରିବାରରେ ସେ କହିଲେ ଯେ ଏହି ଷ୍ଟ୍ରିଟ୍ ଲାଇଟ୍ ସଂଯୋଗ ପାଇଁ ଏକ ସବ୍ ?ଷ୍ଟେସନ ବସାଇବା ପାଇଁ ଆବଶ୍ୟକତା ଥିବା ବେଳେ ଏହାକୁ ଟାଟା ପାୱାର ତରଫରୁ ଅନୁମତି ମିଳିପାରୁ ନାହିଁ । ଯାହା ଫଳରେ ସଂଯୋଗ କରିବାରେ ବିଳମ୍ବ ଘଟୁଛି । ମାତ୍ର ବାହାନଗା, ଦହିସଡ଼ା, ନାୟକବନ୍ଧ ଛକ, ତଳନଗର, ଜାମୁଝାଡ଼ି ଆଦି ଜାଗାମାନଙ୍କରେ ଲାଇଟ୍ ଜଳୁଥିବାବେଳେ ସୋରଭଳି ଗୁରୁତ୍ୱପୂର୍ଣ୍ଣ ଜନଗହଳି ସ୍ଥାନରେ ଲାଇଟ୍ ନଜଳିବା ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାରେ ପଡୁଥିବା ଦେଖାଯାଇଛି । ତୁରନ୍ତ କମ୍ପାନୀ ତରଫରୁ ବିଦ୍ୟୁତ୍ ସଂଯୋଗ ପାଇଁ ସାଧାରଣରେ ଦାବି ହୋଇଛି ।


## ଦ.ପୂ. ରେଳପଥ - ନିଲାମ

**ଇ-ଟେଣ୍ଡର ନୋଟିସ୍ ନମ୍ବର. ଇଏଲ-କୋନ-କେଜିପି-ଏନ୍‌ୱାଇଏବିଏଲଏସ୍-ଜି-୨୬-୦୬, ତାରିଖ ୦୩.୦୮.୨୦୨୬** । ନିମ୍ନଲିଖିତ କାର୍ଯ୍ୟ ପାଇଁ ଉପ-ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର (କନ)/ମୁଖ୍ୟାଳୟ, ଏସ୍. ଇ. ରେଳବାଇ, ଗାର୍ଡେନ ରିଚ୍ ଦ୍ୱାରା ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ପକ୍ଷରୁ ଇ-ଟେଣ୍ଡର ଆହ୍ୱାନ କରାଯାଇଛି । ନିମ୍ନଲିଖିତ ଟେଣ୍ଡର www.ireps.gov.in ୱେବସାଇଟ୍ ରେ ଅପଲୋଡ୍ କରାଯାଇଛି । ଇ-ଟେଣ୍ଡର ଧାର୍ଯ୍ୟ ତାରିଖରେ ଦିନ ୧୨.୦୦ ଟାରେ ବନ୍ଦ ହେବ । କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଏସ୍. ଇ. ରେଳବାଇର ଖଡ଼ଗପୁର ଡିଭିଜନରେ ନାରାୟଣଗଡ଼ ଏବଂ ଭଦ୍ରକ ମଧ୍ୟରେ ତୃତୀୟ ଲାଇନ କାର୍ଯ୍ୟ ସହିତ ଜଡିତ ନାରାୟଣଗଡ଼ (ପୂର୍ବ) ରୁ ବାଲେଶ୍ୱର (ପୂର୍ବ) ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବୃଦ୍ଧି, ବିଦ୍ୟୁତୀକରଣ ଏବଂ ବୈଦ୍ୟୁତିକ ସାଧାରଣ ସେବା ବାଲାନ୍ସ କାର୍ଯ୍ୟ ପାଇଁ ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ । ମୂଲ୍ୟ: ଟ.୪,୪୨,୯୩,୪୫୭ । ବିଡ୍ ସୁରକ୍ଷା: ଟ.୮,୮୫,୯୦୦ । ସମାପ୍ତି ଅବଧି: ୧୨ ମାସ । ଶେଷ ତାରିଖ: ୨୬.୦୮.୨୦୨୬ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି ଜିନିଷଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର: ସମ୍ଭାବ୍ୟ ବିଡ୍ରଦାତାମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ । **(PR-567)**


# ଶରଣକୁଳ ଜଳସେଚନ ବିଭାଗର ଚାଷୀ ମାରଣ ନୀତି

ନୟାଗଡ଼(ନିପ୍ର): ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଚାଷୀମାନଙ୍କ ଜମିକୁ ଜଳସେଚିତ କରିବା ପାଇଁ ଅଗ୍ରସର ହେଉଥିବା ବେଳେ ନୟାଗଡ଼ ଜିଲ୍ଲାର ଓଡ଼ଗାଁ ବ୍ଲକ ଅନ୍ତର୍ଗତ ବୁଢାବୁଢୀଆଣୀ ମଧ୍ୟମ ଜଳସେଚନ ଯୋଜନାରେ କେନାଲ ଗୁଡ଼ିକରୁ କର ନାଳୀ ଦ୍ୱାରା ଜମିକୁ ପାଣି ଆସିଥାଏ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ବୁଢାବୁଢୀଆଣୀ ବନ୍ଧରୁ କେନାଲ ଦ୍ୱାରା ପାଣି ଆସୁଥିଲେ ମଧ୍ୟ କର ନାଳୀରେ ଅନାବନା ଗଛ ଓ ଆବର୍ଜନା ରେ ପରିପୂର୍ଣ୍ଣ ହୋଇଥିବାରୁ ସେଥିରେ ପାଣି ଜମିକୁ ଆସିପାରୁ ନାହିଁ । କେନାଲ ଛକଠାରୁ ଶରଣକୁଳ ଆଡ଼କୁ ଆସିବା ରାସ୍ତାରେ ୨୧ ନମ୍ବର ରାଜ୍ୟ ରାଜପଥର ବାମ ପାର୍ଶ୍ୱରେ ରୋଡ କଡେ କଡେ ଯାଇଥିବା ପ୍ରାୟ ୧ କି.ମି.ପର୍ଯ୍ୟନ୍ତ କରନାଳୀ ଅନାବନା ଗଛ, ଘାସ ଓ ଆବର୍ଜନାରେ ପରିପୂର୍ଣ୍ଣ ଅବସ୍ଥାରେ ଅଛି । ସେଥିରେ ପାଣି ଜମିକୁ ମାଡି ପାରୁ ନ ଥିବାରୁ ପ୍ରାୟ ୩୦ ହେକ୍ଟର ପରିମିତ ଜମିରେ ଜଳ ଅଭାବରୁ ଧାନ ତଳି ରୁଆ କାମ ହୋଇ ପାରୁନାହିଁ । ଫଳରେ ଚାଷୀମାନେ ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଶରଣକୁଳ ଜଳ ସେଚନ ବିଭାଗରେ ଅଧିକାଂଶ ଦିନ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ ଚାଷୀମାନେ ତାଙ୍କୁ ସାକ୍ଷାତ କରିବା ସମ୍ଭବ ହୋଇପାରୁନାହିଁ । ବୁଢାବୁଢୀଆଣୀ ଜଳଭଣ୍ଡାରରୁ ପାଣି ଛାଡିବା ପୂର୍ବରୁ କରନାଳୀ ଗୁଡ଼ିକ ସଫା ହେବା ନିହାତି ଆବଶ୍ୟକ ଥିବା ବେଳେ ଜଳସେଚନ ବିଭାଗର ଏହି କରନାଳୀ ଗୁଡ଼ିକ ସଫା କରିବା ପାଇଁ ନିଦ ଭାଙ୍ଗୁନାହିଁ । ନନ୍ଦିଘୋର, ହରିହରପୁର ଓ ଅସୁରିଢିପା ଗ୍ରାମର ଜମି ଗୁଡିକରେ ହୋଇଥିବା କରନାଳୀ ସଫା ହେଉ ନ ଥିବାରୁ ଚାଷୀମାନେ ଲିଖିତ ଭାବରେ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜଣାଇଛନ୍ତି । ଏ ସମ୍ପର୍କରେ ନନ୍ଦିଘୋର ଗ୍ରାମର ଚାଷୀ ରାମକୃଷ୍ଣ ପରିଡ଼ା, ରାମଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ପ୍ରଧାନ ଓ ସୁରେନ୍ଦ୍ର କୁମାର ସ୍ୱାଇଁ ଏହି କରନାଳୀ ସଫା କରିବା ନିମନ୍ତେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଲେ ଏହି କରନାଳୀ ସଫା କରିବା ଦାୟିତ୍ୱ ଆମର ନୁହେଁ । ଏହା 'କାଡା' ସଂସ୍ଥା ର ଦାୟିତ୍ୱ । ହେଲେ ଏଠାରେ ପ୍ରଶ୍ନ ଉଠେ ନନ୍ଦିଘୋର ଏରିଆର ସମସ୍ତ କରନାଳୀ ଗୁଡ଼ିକ ସଫା ଜଳସେଚନ ବିଭାଗ କଲା କେବଳ ଉପରୋକ୍ତ ଏକ କିମି ତାଙ୍କ ଦାୟିତ୍ୱ କିପରି ନୁହେଁ ? ପୂର୍ବରୁ ଏହି କରନାଳୀ ଗୁଡ଼ିକ ବୁଢାବୁଢୀଆଣୀ ପାଣି ପଂଚାୟତ ଶୀର୍ଷ କମିଟି ଦ୍ୱାରା ପ୍ରତିବର୍ଷ ସଫା କରାଯାଉଥିଲା ।


No. 10001/434/2627

## ZILLA SWASTHYA SAMITI, MAYURBHANJ

Office of the CDM&PHO-cum- District Mission Director, NHM, Mayurbhanj, Odisha, 757001


Advt. No. 4430 / NHM /2026-27 Dt: 04.08.2026

**TENDER DOCUMENT FOR SUPPLY OF WORKING LUNCH FOR TRAINING/ WORKSHOP/MEETING UNDER ZSS, MAYURBHANJ**

Sealed proposals as per prescribed document are invited from interested eligible bidders for SUPPLY OF WORKING LUNCH FOR TRAINING / WORKSHOP / MEETING UNDER ZSS, MAYURBHANJ. The eligible criteria, the details requirement of the said services and the formats for submission of proposals are set forth in the tender documents which can be downloaded from the website https://mayurbhanj.odisha.gov.in Interested bidders fulfilling the eligibility criteria may submit their proposals (with document as per tender call notice) to the O/o: CDM & PHO, DHH, Baripada, Mayurbhanj. The Proposal(s) complete in all respect should reach the undersigned on or before 11.30AM of dt:24/08/2026 through Regd. Post / Speed post/ Courier and the same will be opened on dt:24/08/2026 at 12.30PM in the office chamber of the undersigned. The undersigned reserves the right to reject any or all the tender(s) without assigning any reason thereof.

OIPR. 10001/10020/1/26-27/0006

Sd/-
Chief District Medical & Public Health Officer
Mayurbhanj





**ଅମ୍ଭର ମୁକ୍ତି ଶିକ୍ଷାର ପ୍ରଥମ ଓ ଶେଷ ଲକ୍ଷ୍ୟ ହେବା ଉଚିତ ।**

# ଆଜିକାଲି



*ଅଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ
କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ ॥
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି*

## ବନ୍ୟା ପ୍ରଭାବିତଙ୍କ ପାଇଁ ସହାୟତା

ବନ୍ୟା ପ୍ରଭାବିତଙ୍କ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧୦ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି । ଏହି ସହାୟତା ତୁରନ୍ତ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଚୂଡ଼ାନ୍ତ କ୍ଷୟକ୍ଷତି ଆକଳନ ପରେ ଆବଶ୍ୟକ ସମସ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ରାସ୍ତା, ସେତୁ ଓ କ୍ଷତିଗ୍ରସ୍ତ ଅନ୍ୟାନ୍ୟ ଭିତିଭୂମିର ମରାମତି ପାଇଁ ଚୁଡାନ୍ତ ଆକଳନ ପରେ ସହାୟତା ଯୋଗାଇ ଦିଆଯିବ । ବନ୍ୟା ପ୍ରଭାବିତ ଅଂଚଳର ସମସ୍ତ ଯୋଗ୍ୟ ହିତାଧିକାରୀ ଓ ପରିବାରଙ୍କୁ ଗ୍ରାଚୁଇଟସ୍ ରିଲିଫ୍ ଯୋଗାଇ ଦିଆଯିବ ଏବଂ ସ୍ୱାଭାବିକ ପରିସ୍ଥିତି ଫେରିବା ପର୍ଯ୍ୟନ୍ତ ଏହି ସହାୟତା ଜାରି ରହିବ । ଏହି ନିଷ୍ପତି ଅନୁଯାୟୀ ଘରବାଡ଼ି କ୍ଷତିଗ୍ରସ୍ତ ପରିବାରମାନଙ୍କ ପାଇଁ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ୧.୨୦ ଲକ୍ଷ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬,୫୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪,୦୦୦ ଟଙ୍କା, ଭାଙ୍ଗିଯାଇଥିବା କୁଡ଼ିଆ ଘର ପାଇଁ ୮,୦୦୦ ଟଙ୍କା ଓ ଗୁହାଳ ଘର ପାଇଁ ୩,୦୦୦ ଟଙ୍କା ଦିଆଯିବ । କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଫସଲ ବା ଉଦ୍ୟାନ କ୍ଷୟକ୍ଷତି ନିମନ୍ତେ ଅଣଜଳସେଚିତ ଅଂଚଳ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଜମିରେ ୧୭,୦୦୦ ଟଙ୍କା ଏବଂ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ହିସାବରେ ସହାୟତା ଯୋଗାଇ ଦିଆଯିବ । ବନ୍ୟାଜନିତ ମୃତ୍ୟୁ ଘଟଣାରେ ୬ ଜଣ ମୃତକଙ୍କ ନିକଟମ ପରିବାରକୁ ବିପର୍ଯ୍ୟୟ ସହାୟତା ପାଣ୍ଠି ନିୟମାନୁଯାୟୀ ୨୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ । ମୃତ ଗୃହପାଳିତ ପଶୁମାନଙ୍କ ପାଇଁ ମଧ୍ୟ ସହାୟତା ପ୍ରଦାନ କରାଯିବ । ଦୁଧିଆଳୀ ପଶୁ ଯଥା ମଇଁଷି, ଗାଇ ପିଛା ୩୭,୫୦୦ ଟଙ୍କା, ଛେଳି ବା ମେଣ୍ଢା ପିଛା ୪,୦୦୦ ଟଙ୍କା, ଭାରବାହୀ ପଶୁ ଯଥା ବଳଦ, ମଇଁଷି, ଘୋଡ଼ା ପିଛା ୩୨,୦୦୦ ଟଙ୍କା, ବାଛୁରୀ, ଗଧ ଏବଂ ଖଚର ପିଛା ୨୦,୦୦୦ ଟଙ୍କା ହିସାବରେ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ । ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି ଯେ, ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାର ପର୍ଯ୍ୟନ୍ତ ତୁରନ୍ତ ରିଲିଫ୍ ଓ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ପହଁଚାଇବା ପାଇଁ ପ୍ରଶାସନ ନିରନ୍ତର କାର୍ଯ୍ୟ କରୁଛି । ବରିଷ୍ଠ ଅଧିକାରୀମାନେ ପରିସ୍ଥିତିର ଚବିଶ ଘଂଟିଆ ସମୀକ୍ଷା କରୁଥିବା ବେଳେ ରିଲିଫ୍, ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ସ୍ୱାଭାବିକ ପରିସ୍ଥିତି ଫେରିବା ପର୍ଯ୍ୟନ୍ତ ଜାରି ରହିବ ।ଚଳିତ ବନ୍ୟାରେ ୨୨ଟି ଜିଲ୍ଲାର ୮୫ଟି ବ୍ଲକ୍, ୧୫ଟି ପୌରାଂଚଳ, ୬୫୬ଟି ଗ୍ରାମ ପଂଚାୟତ ଏବଂ ୧୪୫୮ଟି ଗ୍ରାମ ପ୍ରଭାବିତ ହୋଇଛି । ପ୍ରାୟ ୮ ଲକ୍ଷ ୬୩ ହଜାର ୯୦୯ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ, ପୂର୍ବ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୨ ଲକ୍ଷ ୬୭ ହଜାର ୩୦୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ପ୍ରଭାବିତ ଅଂଚଳଗୁଡ଼ିକରେ ୫୨୯ଟି ରିଲିଫ୍ ଶିବିର ଓ ୩୧ଟି ପଶୁ ଶିବିର କାର୍ଯ୍ୟକ୍ଷମ ରହିଛି । ପ୍ରଭାବିତ ଲୋକଙ୍କ ନିକଟରେ ତୁରନ୍ତ ସହାୟତା ପହଂଚାଇବା ପାଇଁ ପ୍ରାୟ ୪୧ କ୍ୱିଂଟାଲ ଚାଉଳ, ୧୧୧୫ କ୍ୱିଂଟାଲ ଚୁଡ଼ା, ୪୯୬ କ୍ୱିଂଟାଲ ଗୁଡ଼, ୩୮୬୯ଟି ପଲିଥିନ୍ ସିଟ୍ ସହ ବିଭିନ୍ନ ଜରୁରୀ ରିଲିଫ୍ ସାମଗ୍ରୀ ବଂଟନ କରାଯାଇଛି । ସେହିପରି ପଶୁପାଳକମାନଙ୍କୁ ସହାୟତା ଦେବା ପାଇଁ ୧୮୧୬ ମେଟ୍ରିକ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଛି ।ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ୨୦ଟି ଏନଡିଆରଏଡଫ୍ ଦଳ, ୭ଟି ଓଡ୍ରାଫ୍ ଦଳ ଓ ୧୭୨ଟି ଅଗ୍ନିଶମ ବାହିନୀ ଦଳ, ଅର୍ଥାତ୍ ସର୍ବମୋଟ ୧୯୯ଟି ଉଦ୍ଧାରକାରୀ ଦଳ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ନିରନ୍ତର କାର୍ଯ୍ୟରତ ରହିଛନ୍ତି । ପ୍ରାଥମିକ ଆକଳନ ଅନୁଯାୟୀ ବନ୍ୟାରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୫୬୭ଟି ଘର କ୍ଷତିଗ୍ରସ୍ତ ହୋଇଛି । ସେହିପରି ପ୍ରାୟ ୩୩,୪୫୮.୩୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବାର ପ୍ରାରମ୍ଭିକ ଆକଳନ କରାଯାଇଛି । ବର୍ତମାନ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ରିଲିଫ୍, ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଜାରିରହିଛି । ପ୍ରଭାବିତ ଲୋକଙ୍କୁ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ପଶୁଚିକିତ୍ସା, ପଲିଥିନ୍ ସିଟ୍ ଏବଂ ଅନ୍ୟାନ୍ୟ ଜରୁରୀ ସହାୟତା ନିରନ୍ତର ଭାବେ ଯୋଗାଇ ଦିଆଯାଉଛି ।

## ଅଧୁରା କାହାଣୀ

◆ ସରୋଜିନୀ ଭୂୟାଁ

ଜାଣେନା କେ ଜନ୍ମର ଅପରାଧେ
ଏ ଅସରନ୍ତି ଦୁଃଖ ତା' ଭାଗ୍ୟେ ଥିଲା ଲେଖା
ସେଥିପାଇଁ ବୋଧେ ଏତେ ଅଙ୍କାବଙ୍କା କରିଛ ତା' ପାପୁଲିର ରେଖା
ସୁଖ ଅଳପକୁ ଦୁଃଖ ଏତେ ଅଧିକା
କାନ୍ଦିବାକୁ ଲୁହ ଭରି ଦେଇଛ ଯେ ନାହିଁ ହସ ଖୁସି ପାଇଁ ଜାଗା
କାହିଁକି ତାକୁ କରାଉଥିଲ ସବୁ ରଙ୍ଗିନୀ ସ୍ୱପ୍ନ ଦେଖା
ସବୁତ ଅଧାରେ ରହିଲା ହେଲା ତା' ଜୀବନ ରଙ୍ଗ ଫିକା
କପାଳୁ ସିନ୍ଦୁର ପାଦରୁ ଅଳତା ଲିଭିଲା ହାତରୁ ଭଂଗା ହେଲା ଶଂଖା
ଶୁଭକର୍ମ କରିପାରିବ ନି ସେ ଅଶୁଭର କଳଙ୍କ ହେଲା ମଖା
ବାକି ଜୀବନତକ ବଂଚିବ ନେଇ ବୈଧବର ଆଖ୍ୟା
ଆଜି ତା' ହାତେ ପଟେ ପଟେ ଚୁଡ଼ି ମଥାରେ ଚନ୍ଦନ ଟିକା
କାଲି ଯେ ଘର ବାସୁଥିଲା ହସ, ଖୁସିର ଆସର
ଆଜି ଶୁନ୍‌ଶାନ ଖାଁ ଖାଁ ଲାଗେ ରହୁଛି ସେ ଏକା
ଅଭିଶପ୍ତ ଜୀବନ ତା' ଚଲାପଥ ସାରା କଂଟା
ଆଘାତେ କ୍ଷତବିକ୍ଷତ ସବୁଠି ଖାଏ ଧୋକା
ବୃଦ୍ଧକାଳେ ଲୋଡ଼ା ସ୍ନେହ, ଆଦର, ଶ୍ରଦ୍ଧା
ସେ ଅଭାବକୁ ପୂରଣ କରି ପାରିବ କି
ସଂପର୍କର ମୂଲ୍ୟ ଦେଇ ପାରେନା ସଂପତି ଆଉ ଟଙ୍କା
ସାଧାରଣ ଜୀବନଟେ ଅସାଧାରଣ ଲଢ଼େଇ
ଦେହଟା ତା'ର ଥକି ପଡ଼ିଲାଣି କାହିଁ କର ଅଣଦେଖା
ଅବସ ଶରୀରକୁ ନେଇ କରିଛି ଅପେକ୍ଷା
ଦିନ ଗଣୁଛି ସେ କେଉଁ ଦିନ ଲିଭିବ ତା' ଜୀବନର ଦୀପଶିଖା
ଏ ଜନ୍ମରେ ଯାହା ଦୁଃଖ ଦେଲ ହେ ମୁରଲୀଫୁଙ୍କା
ଆଉ ଆର ଜନ୍ମେ ଦେବ ଯାହା ରହିଲା ବଳକା
ଦୁଃଖ ଦେଲ କିନ୍ତୁ ଝିଅ ଶେଷ ନିଶ୍ୱାସ ଯାକେ ତୁମେ ତା' ପାଖେ ଥାଅ ହେ ସଖା
ଏ ଜନମ ପାଇଁ ଏଇ ତା'ର ଶେଷ ଭିକ୍ଷା
ତା ହାତଗୋଡ଼ ଚଳୁ ଥାଉ ଆଉ ତା' ଜୀବନ ଯାଉ ହେ ମୁରଲୀଫୁଙ୍କା ।


*ଗୋପାଳଗାଁ, ବାଲେଶ୍ୱର*

## 'ସଦାଶିବ ନୀଳକଣ୍ଠ ସତତ ସନ୍ୟାସୀ'



◆ ପ୍ରଦୀପ୍ତ କୁମାର ବିଶ୍ୱାଳ

ଦୁନିଆରେ ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ମଣିଷ ଜନ୍ମ ହେଉଛନ୍ତି ଓ ମରୁଛନ୍ତି ମଧ୍ୟ, ସାଗରରେ ଢେଉ ଆସି ପୁଣି ମିଳାଇ ଗଲା ଭଳି । ଏହାର ହିସାବ ରଖବବାକୁ କାହାରି ପାଖରେ ସମୟ ନାହିଁ । ତେବେ କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ମରି ମଧ ଜନମାନସରେ ଅମର ରହିଥାଆନ୍ତି ସମାଜ ପ୍ରତି ସେମାନଙ୍କର ଅବଦାନ ପାଇଁ । ସେହିଭଳି ଜଣେ ଉତୁଙ୍ଗ ବ୍ୟକ୍ତିତ୍ୱ ଥିଲେ ପଣ୍ଡିତ ନୀଳକଣ୍ଠ ଦାସ । 'ମାନବ ସେବାହିଁ ମାଧବ ସେବା' ତାଙ୍କ ଜୀବନର ବ୍ରତ ଥିଲା । ସେ ଥିଲେ ଯୁକ୍ତିବାଦୀ, ଆଜନ୍ମ ବିପ୍ଳବୀ ଓ ସଂସ୍କାରବାଦୀ ମହାମନୀଷୀ । ତାଙ୍କର ଜନସେବା, ସାହିତ୍ୟସେବା, ସମାଜ ସଂସ୍କାର, ଦେଶ ମିଶ୍ରଣ କାର୍ଯ୍ୟ, ଶିକ୍ଷକତା, ସାମ୍ବାଦିକତା, ରାଜନୀତି, ଧର୍ମଧାରଣ ସବୁରି ମୂଳରେ ଥିଲା ଅଖଣ୍ଡ ଦେଶପ୍ରୀତି ଓ ଦେଶକୁ ଉନ୍ନତ କରିବାର ମହାନ ନିସ୍ୱାର୍ଥପର ଆଦର୍ଶ । ପୁରୀ ଜିଲ୍ଲାର ଶ୍ରୀରାମଚନ୍ଦ୍ରପୁର ଶାସନରେ ୧୮୮୪ ମସିହା ଅଗଷ୍ଟ ୫ ତାରିଖ ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମାତା ହାରାଦେବୀ ଓ ପିତା ଆନନ୍ଦ ଦାସଙ୍କ ଅଷ୍ଟମ ଗର୍ଭରୂପେ କୋଳମଣ୍ଡନ କରି ଧରାବତରଣ କରନ୍ତି ଏହି ମହାମନୀଷୀ । ପିତା ମାତା ପୁତ୍ର କାମନାର୍ଥେ କଠିନ ସାଧନା ଓ ଦେବୋପସନା କରି ମହାଦେବ ନୀଳକଣ୍ଠଙ୍କ ଆଶିର୍ବାଦରୁ ତାଙ୍କୁ ଲାଭ କରିଥିବାରୁ ତାଙ୍କ ନାମ ରଖିଥିଲେ 'ନୀଳକଣ୍ଠ' । ଜଣେ ମେଧାବୀ ଛାତ୍ର ଭାବେ କଲିକତାରୁ ଦର୍ଶନ ଶାସ୍ତ୍ରରେ ଏମ୍. ଏ. ପାସ୍ କଲାପରେ ଗୋପବନ୍ଧୁଙ୍କ ଦ୍ୱାରା ସ୍ଥାପିତ ସତ୍ୟବାଦୀ ବନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଶିକ୍ଷକତା କରି ମଣିଷ ତିଆରି କାରଖାନାର ମଙ୍ଗ ଧରିଥିଲେ । ସତ୍ୟବାଦୀ ପଂଚସଖା ମଧ୍ୟରୁ ସେ ଅନ୍ୟତମ । ସେ ଦୃଢମନା ଓ ଭୀଷଣ କ୍ରୋଧୀ ଥିଲେ । କୌଣସି ପ୍ରକାର ଅନ୍ୟାୟ ଓ ଅନୀତିକୁ ସେ ବରଦାସ୍ତ କରୁ ନ ଥିଲେ ।ସେ ସ୍ୱାଧୀନତା ଆନ୍ଦୋଳନ ଓ କଂଗ୍ରେସରେ ଯୋଗଦେଲେ ଏବଂ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ହୋଇଥିଲେ । ୧୯୩୬ ମସିହାରେ ଓଡିଶାରେ ପ୍ରଥମ ସାବାଳକ ଭୋଟ ନିର୍ବାଚନରେ ବିଧାନସଭା ନିର୍ବାଚନରେ ତାଙ୍କରି ଉଦ୍ୟମରେ କଂଗ୍ରେସ ବିପୁଳ ବିଜୟ ହାସଲ କରିଥିଲେ ସୁଦ୍ଧା ସେ ମୁଖ୍ୟ ମନ୍ତ୍ରୀ (ସେତେବେଳେ ପ୍ରଧାନମନ୍ତ୍ରୀ) ହୋଇ ପାରି ନ ଥିଲେ । ସେ କଂଗ୍ରେସ ଛାଡି କିଛିଦିନ ଫରୱାର୍ଡ଼ ବ୍ଲକରେ ଯୋଗ ଦେଲେ କିନ୍ତୁ ପରେ କଂଗ୍ରେସକୁ ଫେରିଆସି ବିଧାନସଭାର ବାଚସ୍ପତି ହୋଇଥିଲେ । ଏକଦା ବିଶ୍ୱମ୍ଭର ନାଥ ପାଣ୍ଡେ ଯେ କି ତତ୍କାଳୀନ ଓଡିଶାର ରାଜ୍ୟପାଳ(୧୯୮୩-୮୮) କହି ଥିଲେ ପଣ୍ଡିତ ନୀଳକଣ୍ଠ ଯେତେବେଳେ ଦିଲ୍ଲୀ ବିଧାନସଭାରେ ଭାଷଣ ଦିଅନ୍ତି ଲୋକମାନେ କହନ୍ତି ' **The lion of Orissa is roaring**'. ପଣ୍ଡିତଜୀଙ୍କର ଆତ୍ମଜୀବନୀ ପୁସ୍ତକ ତାଙ୍କ ଜୀବନକାଳ ମଧ୍ୟରେ ଆଦୃତ ହୋଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ପ୍ରାପ୍ତ ହୋଇଛି । ମାତ୍ର ନବମ ଶ୍ରେଣୀରେ ପାଠ ପଢୁଥିବା ସମୟରେ ୧୯୦୨ ମସିହାରେ ଓଡିଶାର ଦୁର୍ଗତି ତାଙ୍କର ହୃଦୟ ଏପରି ଅନ୍ଦୋଳିତ ଥିଲା ଯେ ତାଙ୍କର ଶ୍ରେଣୀ ସଙ୍ଗୀ ଅନନ୍ତ, କଲେଜ ଛାତ୍ର ଆଚାର୍ଯ୍ୟ ହରିହର ଓ ଗୋପବନ୍ଧୁଙ୍କ ସଙ୍ଗେ ଉତ୍କଳର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଣୋତ୍ସର୍ଗ କରିବା ପାଇଁ ଶପଥ ନେଇଥିଲେ । ସରକାରୀ ଚାକିରି ନ କରି ଦେଶ ପାଇଁ କିଛି କରିବା ଏବଂ ଜନ୍ମବେଳେ ଦେଖିଥିବା ଦେଶକୁ ଆହୁରି ଭଲ ଦେଖି ମରିବାକୁ ସେ ସ୍କୁଲ୍ ଜୀବନରୁ ସଂକଳ୍ପ ନେଇ ଥିଲେ । ୧୯୦୪ରେ ଉତ୍କଳ ଗୌରବ ମଧୁସୁଦନଙ୍କ ସ୍ୱଦେଶୀ ବ୍ୟବହାର ପ୍ରତିଜ୍ଞା ପତ୍ରରେ ସେ ସ୍ୱାକ୍ଷର କରିଥିଲେ । ମଧୁବାବୁ ଆଖି ମୁଦିବା ପୂର୍ବରୁ କହିଗଲେ 'ସେ ଓଡିଶାର ସବୁ ବୁଝିବ' । ମଧୁବାବୁଙ୍କ ବାଣୀ 'ଜାତି



**(ଜୟନ୍ତୀ ଅବସରରେ)**

ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥି କଲେ, ଟାଣେ କିରେ ଗାଡି ଦାନାର ତୋବଡା ଘୋଡା ମୁହେଁ ବନ୍ଧା ଥିଲେ' ନୀଳକଣ୍ଠଙ୍କ ଜୀବନରେ ଗଭୀର ରେଖାପାତ କରିଥିଲା । ସେହି ଆଦର୍ଶ ହିଁ ତାଙ୍କୁ ଏକ ନିର୍ଲିପ୍ତ କର୍ମଯୋଗୀ କରି ଗଢିଥିଲା । ସେ ମଧୁବାବୁଙ୍କ ଡାହାଣ ହାତ ସଦୃଶ ଥିଲେ । ତାଙ୍କୁ ଲକ୍ଷ୍ୟ କରି ଦେଶପ୍ରାଣ ବ୍ୟାସକବି ଫକୀର ମୋହନ ଲେଖିଥିଲେ 'ସଦାଶିବ ନୀଳକଣ୍ଠ ସତତ ସନ୍ୟାସୀ' । ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନାଦର୍ଶରେ ଅନୁପ୍ରାଣୀତ ହୋଇ ଜଣେ ସଚ୍ଚା ରାଷ୍ଟ୍ରନୀତିଜ୍ଞ ଓ ସ୍ଥିତପ୍ରଜ୍ଞ ହୋଇପାରିଥିଲେ । ତାଙ୍କ ମୁଖ ନିସୃତ ଶ୍ରୀମଦ୍ ଭଗବତ୍ ଗୀତାକୁ ସେ ଭାଷ୍ୟ କରିଛନ୍ତି । ୧୯୪୩ ମସିହାରେ ତାଙ୍କ ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ୧୯୬୦ ମସିହାରେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଭୂଷଣରେ ବିଭୂଷିତ ହୋଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍ ଉପାଧି ମଧ ପାଇଛନ୍ତି । ୧୯୨୧-୨୩ ମସିହାର ସ୍ୱାଧିନତା ସଂଗ୍ରାମ ଭିତରେ ତାଙ୍କର ଦୁଇଟି କନ୍ୟା ଉପଯୁକ୍ତ ଚିକିତ୍ସା ଅଭାବରୁ ମୃତ୍ୟୁମୁଖରେ ପଡିଥିଲେ । ସେ ସମ୍ବଲପୁର କଂଗ୍ରେସ ସଭାରେ ଉଦ୍‌ବୋଧନ ଦେଉଥିବା ସମୟରେ ପ୍ରଥମ କନ୍ୟା 'ଭାରତୀ'ର ମୃତ୍ୟୁଖବର ଶୁଣିବାକୁ ପାଇ ମଧ ଅବିଚଳିତ ରହି ତାଙ୍କର ଭାଷଣ ଚାଲୁ ରଖିଥିଲେ । ଜନତା ସେଥିରେ ଅଭିଭୂତ ହୋଇ ଶତ ଶତ ଛାତ୍ର ଓ କର୍ମଚାରୀ ନିଜର ସ୍ୱାର୍ଥ ଭୂଲି ସ୍କୁଲ୍, କଚେରୀ ଛାଡି ଅସହଯୋଗ ଆନ୍ଦୋଳନ ପାଇଁ ଜୀବନ ଉତ୍ସର୍ଗ କରିଥିଲେ । ୧୯୨୩ ମସିହାରେ ପୁଲିସ୍ ତାଙ୍କୁ ବନ୍ଦୀ ଅବସ୍ଥାରେ ପୁରୀ ଜେଲ୍‌ରୁ ରେଳଗାଡିରେ ହଜାରୀବାଗ ଜେଲ୍‌କୁ ନିଆଯାଉଥିବା ବେଳେ ସତ୍ୟବାଦୀ ଷ୍ଟେସନ୍‌ରେ ଆଚାର୍ଯ୍ୟ ହରିହରଙ୍କଠାରୁ ତାଙ୍କ ଦିତୀୟ କନ୍ୟା 'ବାସନ୍ତି'ର ମୃତ୍ୟୁ ଖବର ପାଇଥିଲେ । ସେଥିରେ ମଧ ତାଙ୍କ ଦେଶ ଭାବନା କ୍ଷଣକ ପାଇଁ ହେଲେ ବନ୍ଦ ହୋଇ ନ ଥିଲା । 'ଯିଏ ଯେତିକି ଦିନକୁ ଆସିଥାଏ ସିଏ ସେତିକିଦିନ ରହି ଚାଲିଯାଏ, ହଁ ଆଉ କ'ଣ କରନ୍ତ' କହି ହରିହରଙ୍କୁ ବିଦାୟ ଦେଇଥିଲେ । ଏତିକି କହି ସେ ପୁଲିସମାନଙ୍କ ସହ କଥାବାର୍ତା ହେଲେ । ପୁଲିସ୍ ବାବୁ ତାଙ୍କ ମୁହଁକୁ ଜଳଜଳ କରି ଚାହିଁ କହିଲେ "ତୁମେ ମଣିଷ ନା ଦେବତା । ଦେଶ ପାଇଁ ତୁମେ ଛାତିକୁ ପଥର କରି ଦେଇଛ ।" କର୍ତବ୍ୟ ସମ୍ମୁଖରେ ସେ ସମସ୍ତ ଭାବପ୍ରବଣତାକୁ ପଛରେ ପକାଇ ସଂସାର ଜଂଜାଳ ଭାବନାରୁ ନିଜକୁ ଉର୍ଦ୍ଧରେ ରଖି ସ୍ଥିତପ୍ରଜ୍ଞ ଭାବେ ଦେଶ କାର୍ଯ୍ୟ କରିଯାଉଥିଲେ । ଓଡିଆ ସାହିତ୍ୟରେ କବି, ଦାର୍ଶନିକ ଓ ସମାଲୋଚକ ଭାବେ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିଷ୍ଠା ଅସାଧାରଣ ବୋଲି ମନେହୁଏ । ସତ୍ୟବାଦୀ ବନବିଦ୍ୟାଳୟ ଥିଲା ସାମାଜିକ, ସାହିତ୍ୟିକ ଓ ସଂସ୍କାର ଆନ୍ଦୋଳନର ପ୍ରାଣକେନ୍ଦ୍ର ସ୍ୱରୁପ । ଏହାରୁ ପୁରୋଭାଗରେ ଥିଲେ ପଣ୍ଡିତ ଗୋପବନ୍ଧୁ, ମାତ୍ର ଏହାର ମୁଖ୍ୟ ପ୍ରବକ୍ତା ଥିଲେ ପଣ୍ଡିତ ନୀଳକଣ୍ଠ । ସମାଜର ଉଚ୍ଚବର୍ଣ୍ଣରେ ପୂରି ରହିଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଛିନ୍ନଭିନ୍ନ କରି ଏକ ଉନ୍ନତ ସଂସ୍କୃତି ସଂପନ୍ନ ସମାଜ ଗଠନ କରିବା ଥିଲା ନୀଳକଣ୍ଠଙ୍କର ମୂଳଲକ୍ଷ୍ୟ । ତାଙ୍କର 'ମୋ ନିଶ' ପ୍ରବନ୍ଧ ମାଧ୍ୟମରେ ସେ ବ୍ୟଙ୍ଗ ବିଦ୍ରୁପର ଶାଣିତ ଖଡ୍ଗ ପ୍ରୟୋଗ କରି ଏହି ସଂସ୍କାର ଆନ୍ଦୋଳନକୁ ଏତେ ବ୍ୟାପକ କରିଦେଲେ ଯେ ଏହା 'ନିଶ ଆନ୍ଦୋଳନ' ଭାବେ ଚାରିଆଡେ ବ୍ୟାପିଗଲା । ଏହି ନିଶ ଆନ୍ଦୋଳନ ବେଳେ 'ମୋ ନିଶ' (୧୯୧୧) ପ୍ରବନ୍ଧ ସହିତ 'ଅଛୁ ଓ ହେବୁ', 'ପ୍ରତିଭା ପୂଜା ଓ ପ୍ରତିମା ପୂଜା'(୧୯୧୦), 'ଆମ୍ଭର ଥିଲା ଓ କାରଣ ଥାଇପାରେ ବା ସାମାଜିକ କୁସଂସ୍କାର' (୧୯୧୧-୧୯୧୭) ପ୍ରଭୃତି ପ୍ରବନ୍ଧ ମାଧ୍ୟମରେ ଯୁବକ ନୀଳକଣ୍ଠ ଜଣେ ଯଥାର୍ଥ ସଂସ୍କାରବାଦୀ ସାହିତ୍ୟିକର ପରିଚୟ ପ୍ରଦାନ କରିଥିଲେ । 'ମୋ ନିଶ' ପ୍ରବନ୍ଧକୁ କେନ୍ଦ୍ର କରି ତତ୍‌କାଳୀନ ରକ୍ଷଣଶୀଳ ସମାଜରେ ଯେଉଁ ଉତେଜନା ସୃଷ୍ଟି ହୋଇଥିଲା, ସେଥିରେ ଉତ୍‌କ୍ଷୀପ୍ତ ହୋଇ ଦୁର୍ବୃର୍ତମାନେ ବନ ବିଦ୍ୟାଳୟ ଛାତ୍ରାବାସ ଓ ପାଠାଗାରରେ ନିଆଁ ଲଗାଇଦେବା ପର୍ଯ୍ୟନ୍ତ କଥା ଯାଇଥିଲା । କବି ନୀଳକଣ୍ଠଙ୍କ 'କୋଣାର୍କେ' କାବ୍ୟ ଏକ ଅପୂର୍ବ ସୃଷ୍ଟି । ଏହା ଓଡିଆ ଜାତିର ଐତିହ୍ୟ ଓ ସଂସ୍କୃତିର ପରିମାପକ କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ଅନ୍ୟ ଦୁଇଟି କାବ୍ୟ 'ଖାରବେଳ' ଓ 'ପ୍ରଣୟିନୀ'- ପ୍ରଥମଟି ଐତିହାସିକ କାବ୍ୟ ଓ ଦ୍ୱିତୀୟଟି ଅନୁବାଦ । ଉତ୍କଳର ପ୍ରାଚୀନ ଗୌରବ, ସମୃଦ୍ଧ ନୌବାଣିଜ୍ୟ, ପ୍ରଚଣ୍ଡ ବୀରତ୍ୱ, ରାଜ୍ୟବିସ୍ତାର, କଳାଗତ ଉତ୍କର୍ଷ, ସର୍ବୋପରି ଉନ୍ନତ ପ୍ରେମଚିତ୍ର ଓ ସମାଜଚିତ୍ର ପ୍ରଭୃତିକୁ ମୂଳକରି ଉତ୍କଳର ଏକ ସୁସମୃଦ୍ଧ ଇତିହାସ ସେ 'କୋଣାର୍କେ' ଓ 'ଖାରବେଳ' କାବ୍ୟରେ ପ୍ରକାଶ କରିଛନ୍ତି । ଖ୍ରୀ. ୧୯୩୪ରେ ପଣ୍ଡିତ ନୀଳକଣ୍ଠଙ୍କ ସମ୍ପାଦନାରେ 'ନବଭାରତ' ମାସିକ ପତ୍ରିକା ପ୍ରକାଶନ ଓଡିଆ ସାହିତ୍ୟ ଓ ସମାଲୋଚନା କ୍ଷେତ୍ରରେ ଏକ ଆଲୋକସ୍ତମ୍ଭ । ଉତ୍କଳୀୟ ସଂସ୍କୃତିର ଯଥାର୍ଥ ଉଦ୍‌ଘାଟନରେ ଓ ସେଥିରେ ଜଗନ୍ନାଥ ଧର୍ମର ବୈଶିଷ୍ଟ୍ୟ ପ୍ରତିପାଦନରେ ଭଗବତ୍ ଗୀତା ଠାରୁ ଆରମ୍ଭ କରି ଭୀମଭୋଇଙ୍କ ପର୍ଯ୍ୟନ୍ତ ଏ ଜାତିର ସାଂସ୍କୃତିକ ଐତିହ୍ୟକୁ ଆଲୋଚନାରେ ଏକ ନିର୍ଦ୍ଦିଷ୍ଟ ରୂପ ପ୍ରଦାନ କରିବାରେ ପଣ୍ଡିତ ନୀଳକଣ୍ଠଙ୍କ ଜୀବନ ଥିଲା ଯେପରିକି ବିଧି ପ୍ରେରିତ । 'ଓଡିଆ ସାହିତ୍ୟର କ୍ରମପରିଣାମ' ଓ 'ଓଡିଆ ଭାଷା ଓ ସାହିତ୍ୟ' ତାଙ୍କର ବହୁ ପଠିତ ଆଲୋଚନା ଗ୍ରନ୍ଥ, ନିଜସ୍ୱ ଶୈଳୀରେ ଗରୀୟାନ । ଇଂରେଜ ସରକାରଙ୍କ ନାଇଟ୍ ଉପାଧିକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ । ବଡ୍‌ଲାଟ ଲର୍ଡ ଇର୍‌ଉଇନ୍‌ଙ୍କୁ ସେ ସାକ୍ଷାତ ଦେଇ ନ ଥିଲେ । ୧୯୬୭ ମସିହା ନଭେମ୍ବର ୬ ତାରିଖରେ ଦେଶ ଓ ଜାତି ପାଇଁ ତାଙ୍କର କର୍ତବ୍ୟ ସମାପନ କରି ସେ ସବୁଦିନ ପାଇଁ ଆଖିବୁଜିଲେ । ତାଙ୍କର ମର ଶରୀରର ପଂଚଭୂତରେ ଲୀନ ହୋଇ ଯାଇଛି ସତ୍ୟ ମାତ୍ର ସେ ବଂଚିରହିବେ ଦେଶର ତଥା ଓଡିଶାର ପ୍ରତ୍ୟେକ ସନ୍ତାନଙ୍କର ହୃତ୍‌ସ୍ପନ୍ଦନରେ । ତାଙ୍କର ଏ ଜାତିପ୍ରତି ଅବଦାନକୁ ଏ କ୍ଷୁଦ୍ର ସଂଦର୍ଭରେ ସ୍ଥାନିତ କରିବା ଧୃଷ୍ଟତା ମାତ୍ର । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ତାଙ୍କ 'ଆତ୍ମଜୀବନୀ' ପୁସ୍ତକକୁ ଅଧ୍ୟୟନ କରି ତାଙ୍କ ଜୀବନାଦର୍ଶରେ ନିଜକୁ କିଂଚିତ ମାତ୍ରାରେ ଅନୁପ୍ରାଣିତ କରିପାରଲେ ତାହା ଆଜି ତାଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ ।

*ସମ୍ପାଦକ, ସାରଳାଦାସ
ସ୍ମୃତିସଂସଦ, ଭୁବନେଶ୍ୱର,
ମୋ-୯୪୩୮୫୫୫୭୭୦*


## ରାତ୍ରୀକାଳୀନ ଉତାପ ହଜାଇ ଦେଉଛି ନିଦ୍ରା

ଜଳବାୟୁ ପରିବର୍ତନ ଏବଂ ଏହାର ପ୍ରଭାବ ଏବେ ବିଶ୍ୱବ୍ୟାପୀ ଉଦ୍‌ବେଗର କାରଣ ହୋଇଥିବାବେଳେ ମଣିଷର ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହା ଅବିଶ୍ୱନୀୟ ହୋଇଥିଲେ ମଧ ସତ୍ୟ । ରିପୋର୍ଟରେ କୁହାଯାଇଛି ଯେ, ଜଳବାୟୁ ପରିବର୍ତନ ମାନବର ନିଦ୍ରା ହଜାଇ ଦେଉଛି । ବହୁ ଖ୍ୟାତନାମା ନିରପେକ୍ଷ ବୈଜ୍ଞନିକ ଓ ଭାବ ବିନିୟମକାରୀ (କମ୍ୟୁନିକେଟର) ଙ୍କୁ ନେଇ ଗଠିତ 'କ୍ଲାଇମେଟ ସେଂଟ୍ରାଲ' ନାମକ ଏକ ସଂଗଠନ ପକ୍ଷରୁ ନିକଟରେ ପ୍ରକାଶିତ ସଦ୍ୟତମ ରିପୋର୍ଟରେ ଏହି ଚାଂଚଲ୍ୟକର ତଥ୍ୟ ପ୍ରକାଶ କରିଛି । ସେଂଟ୍ରାଲ କ୍ଲାଇମେଂଟ ବିଶ୍ୱବ୍ୟାପୀ ବହୁ ଉତପ୍ତସ୍ଥାନ ଚିହ୍ନଟ କରିଛି, ଯେଉଁ ସ୍ଥାନଗୁଡିକରେ ଜଳବାୟୁ ପରିବର୍ତନ ପ୍ରଭାବରେ ଲୋକଙ୍କ ନିଦ ହଜି ଯାଇଛି । ଅର୍ଥାତ ସେଠାରେ ଲୋକଙ୍କ ନିଦ୍ରାର ଅବଧି ହ୍ରାସ ପାଇଛି । ମେଡିକାଲ ସାଇନସ୍‌ର ତଥ୍ୟ ଜଣେ ବ୍ୟକ୍ତି ରାତିରେ ଅତିକମରେ ୬ଘଂଟା ଶୋଇବା ଜରୁରୀ । କିନ୍ତୁ ଜଳବାୟୁ ପରିବର୍ତନ ଯୋଗୁଁ ଏବେ ନିଦ୍ରାର ଅବଧି ୬ ଘଂଟାରୁ କମିବାରେ ଲାଗିଛି । କ୍ଲାଇମେଟ ସେଂଟ୍ରାଲର ଲୋକଙ୍କ ନିଦ ହଜିବା ବା ହ୍ରାସ ପାଇବା ତାଲିକାରେ ଭାରତ ସେମାନଙ୍କ ମଧ୍ୟରେ ନିଦ ହଜିବା ବା ହ୍ରାସ ପାଇବା ତାଲିକାରେ ଭାରତ ସେମାନଙ୍କ ମଧ୍ୟରେ ପ୍ରମୁଖ ସ୍ଥାନରେ ରହିଛି । ରାତ୍ରିକାଳୀନ ତାପମାତ୍ରା ବୃଦ୍ଧି ନିଦ୍ରାହରଣର ମୁଖ୍ୟ କାରଣ ଭାବେ ଉଭା ହୋଇଛି । ରାତିରେ ଶୋଇବା ଲାଗି ଶରୀର ପାଇଁ ଯେତିକି ପରିମାଣର ଥଣ୍ଡା ଆବଶ୍ୟକ, ତାହା ନମଳିବା ଯୋଗୁଁ ଲୋକ ଅନିଦ୍ରାରେ ଛଟପଟ ହେବା ସାର ହେଉଛି । କ୍ଲାଇମେଟ ସେଂଟ୍ରାଲର ରିପୋର୍ଟ ଅନୁଯାୟୀ ୨୦୨୦ରୁ ୨୦୨୫ ମଧ୍ୟରେ ରାତ୍ରିକାଳୀନ ତାପମାତ୍ରା ବୃଦ୍ଧି ଯୋଗୁଁ ଆନ୍ତର୍ଜାତିକ ସ୍ତରରେ ଲୋକମାନେ ବାର୍ଷିକ ହାରାହାରି ୫୬ ଘଂଟା ନିଦ୍ରା ହରାଇଛନ୍ତି । କିନ୍ତୁ ଭାରତରେ ଉଷ୍ମ ଓ ଆଦ୍ର ସ୍ଥାନଗୁଡିକରେ ବସବାସ କରୁଥିବା ଲୋକାମନେ



ରାତ୍ରିକାଳୀନ ତାପମାତ୍ରା ଯୋଗୁଁ ବାର୍ଷିକ ହାରାହାରି ୯୦ଘଂଟା ନିଦ୍ରା ହରାଇଥିବା ଅନୁଧ୍ୟାନ ରିପୋର୍ଟରେ କୁହାଯାଇଛି । ବିଶେଷକରି ତାମିଲନାଡୁ, ପୁଡୁଚେରୀ, କେରଳ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଓଡିଶା ସମେତ ବହୁ ରାଜ୍ୟରେ ରାତ୍ରି ତାପମାତ୍ରା ଉଚ୍ଚସ୍ତରରେ ରହୁଥିବାରୁ ଲୋକଙ୍କ ନିଦ୍ରା ବ୍ୟାଘାତ ହେଉଥିବା କୁହାଯାଏ । ଉଲ୍ଲେଖଯୋଗ୍ୟ ଯେ, କ୍ଲାଇମେଟ ସେଂଟ୍ରାଲ ବିଶ୍ୱବ୍ୟାପୀ ୧୩୩୮ଟି ସହରରେ କରିଥିବା ତଥ୍ୟ ସଂଗ୍ରହରୁ ଏହା ଜଣାପଡିଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶର ଆଇଟି ହବ୍ ଭାବେ ପରିଚିତ ଚୀର ହରିତ ସହର ବେଙ୍ଗାଲୁରରେ ଜଳବାୟୁ ପରିବର୍ତନ ରାତ୍ରିକାଳୀନ ନିଦ୍ରା ଉପରେ ଗଭୀର ପ୍ରଭାବ ପକାଇଥିବା ରିପୋର୍ଟରେ କୁହାଯାଇଛି । ବେଙ୍ଗାଲୁରର ବାସିନ୍ଦା ବାର୍ଷିକ ୮ଘଂଟା ନିଦ ହଜାଉଥିବା କୁହାଯାଏ । କୋଲକତା ମଧ ଏହାଠାରୁ ବହୁ ଦୂରରେ ନୁହେଁ । କୋଲକତାରେ ବାର୍ଷିକ ହାରାହାରି ୮୦ ଘଂଟା ମଧ୍ୟରୁ ୫ଜଣ ଲୋକେ ନିଦ୍ରା ହରାଉଛନ୍ତି । ଭୁବନେଶ୍ୱରରେ ମଧ ରାତ୍ରିକାଳୀନ ନିଦ୍ରା ବ୍ୟାଘାତ କିଛି କମ ନୁହେଁ । ଅସହ୍ୟ ଗରମ ଯୋଗୁଁ ରାତିରେ ଗରିବ, ଅସହାୟ ଓ ମଧ୍ୟବିତ ଲୋକମାନେ ଛଟପଟ ହେଉଥିବା କୁହାଯାଇଛି । ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ୭୦ ଦଶକରୁ ଜଳବାୟୁ ପରିବର୍ତନରୁ ସ୍ଥିତି ବିଗିଡିବାରେ ଲାଗିଛି । ରାତ୍ରିରେ ତାପମାତ୍ରା ବୃଦ୍ଧି ଓ ଉଚ୍ଚ ଆର୍ଦତା ବୃଦ୍ଧି ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ତେବେ ସହରାଚଂଳ ତୁଳନାରେ ଗ୍ରାମାଚଂଳରେ ରାତ୍ରୀକାଳୀନ ଉଷ୍ମତାର ଆପାତତଃ କମ୍ ରହିଛି । ସହରାଚଂଳରେ କଂକ୍ରିଟ ନିର୍ମାଣ, ପିଚୁ, ଦିନରେ କାଚଦ୍ୱାରା ଅବଶୋଷିତ ଉତାପ ସୂର୍ଯ୍ୟସ୍ତ ପରେ ଧୀରେ ଧୀରେ ନିର୍ଗତ ହେବା ଯାନ ବାହାନକରୁ ନିର୍ଗତ ଧୂଆଁ, ଏବଂ ବୃକ୍ଷ ତଥା ବନାନୀ ହ୍ରାସ ରାତ୍ରି କାଳୀନ ଉତାପ ବୃଦ୍ଧିର କାରଣ ବୋଲି କୁହାଯାଏ । ଏହା ସତ ଯେ ନିଦ୍ରା ହେଉଛି ଏକ ଜୈବିକ (ବାୟୋଲୋଜିକାଲ) ଆବଶ୍ୟକତା । ଯାହାକି ମଣିଷ ଶରୀରରେ ପ୍ରତିରୋଧ କ୍ଷମତା, ହୃଦୟ ସଂକ୍ରାନ୍ତ ସ୍ୱାସ୍ଥ୍ୟ, ହଜମକ୍ରୀୟା, ବୌଦ୍ଧିକଶକ୍ତି ଏବଂ ଭାବନାତ୍ମକ ଶକ୍ତି ବୃଦ୍ଧି କରିଥାଏ । ଯେତେବେଳେ ଶରୀର ଉତାପ ଛାଡିପାରେ ନାହିଁ, ସେତେବେଳେ ଅନିଦ୍ରା ରହିବା ସାର ହୋଇଥାଏ । ଦେଶରେ ଧନୀକ ତଥା ଉଚ୍ଚ ଆୟବର୍ଗର ଲୋକମାନେ ଘରକୁ ଥଣ୍ଡା ରଖିବା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ଗ୍ରହଣ କରିଥିବା ବ୍ୟୟଭାର ଦୃଷ୍ଟିରୁ ଗରିବ, ମଧ୍ୟବିତ ତଥା ସ୍ୱଳ୍ପ ଆୟକାରୀମାନେ ଅସୁରକ୍ଷିତ ହୋଇ ରହିଛନ୍ତି । ଏହି ଦୃଷ୍ଟିରୁ ନିଦ୍ରା ଏବେ ବ୍ୟୟବହୁଳ ହୋଇପଡିଛି । ସେହିପରି ନିଦ ହାନୀ ମଧ ମାନବ ସମ୍ବଳ ଓ ଶ୍ରମ କ୍ଷେତ୍ରକୁ ପ୍ରଭାବିତ କରିବାରେ ଲାଗିଛି । ରାତ୍ରି ନିଦ୍ରା ବ୍ୟାଘାତରୁ ଉପୁନ ଆଳସ୍ୟତା ଯୋଗୁଁ ଉତ୍ପାଦନ ହ୍ରାସ ପାଇବାର ମୁଖ୍ୟ କାରଣ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ସମ୍ବିଧାନର ୨୧ ଧାରା ଅନୁସାରେ ନିଦ୍ରାକୁ ସୁପ୍ରିମକୋର୍ଟ ଏକ ମୌଳିକ ଅଧିକାର ଭାବେ ଚିହ୍ନଟ କରିଛନ୍ତି । ରାତ୍ରିକାଳୀନ ବିଶ୍ରାମ ବା ନିଦ୍ରା ଏହି ଅଧିକାରରୁ ପୃଥକ ନୁହେଁ । ତେଣୁ ଜଳବାୟୁ ପରିବର୍ତନ ମୁକାବିଲା ପ୍ରତି ଅଗ୍ରାଧିକାର ଦେବାର ସମୟ ଏବେ ଉପନୀତ ।

◆ସୌଭାଗ୍ୟ ରଂଜନ ମହାନ୍ତି
*ସମ୍ମାନ ଭବନ, ପ୍ଲଟ ନଂ-
୫୮/୩୫୮୧, ଗାଙ୍ଗୋତ୍ରୀ
ନଗର, ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨,
ମୋ-୯୪୩୭୯୯୪୩୭୯*





# ଦ୍ୱିତୀୟ ଜାତୀୟ ନାଟ୍ୟମହୋତ୍ସବ ଅବସରରେ ଜିଲ୍ଲାସ୍ତରୀୟ ନାଟକ ଲିଖନ ପ୍ରତିଯୋଗିତା ଆୟୋଜିତ

ବାରିପଦା : ଅଗଷ୍ଟ ସ୍ଥାନୀୟ ବଡବଜାର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ପରିସର ରେ ଜିଲ୍ଲାସ୍ତରୀୟ ନାଟକ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି. ଏହି ପ୍ରତିଯୋଗିତା ରେ ଜିଲ୍ଲା ର ବିଭିନ୍ନ ବିଦ୍ୟାଳୟ,ମହାବିଦ୍ୟାଳୟ ଓ ନାଟ୍ୟପ୍ରେମୀ ଯୁବକ, ଯୁବତୀ ମାନେ ଅଂଶଗ୍ରହଣ କରିଥିଲେ.ଏହି ପ୍ରତିଯୋଗିତା କୁ ମହାବିଦ୍ୟାଳୟ ର ଅଧକ୍ଷା ଡ଼ଃ ସାଗରୀକା ସିଂ ଉଦଘାଟନ କରିଥିବା ବେଳେ ଜାତୀୟ ନାଟ୍ୟମହୋତ୍ସବ ର ଆବାହକ, ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ନିର୍ଦ୍ଦେଶକ ଶ୍ରୀ ଚିନ୍ମୟ କୁମାର ଦାସପଟ୍ଟନାୟକ ପ୍ରତିଯୋଗୀ ମାନଂକୁ ଏହି ପ୍ରତିଯୋଗିତା ର ଉଦେଶ୍ୟ ସମ୍ପର୍କ ରେ ଆଲୋକପାତ କରିଥିଲେ. ଏଭଳି



ପ୍ରତିଯୋଗିତା ନୂଆ ନୂଆ ନାଟ୍ୟକାର ସୃଷ୍ଟି କରିବାରେ ବିଶେଷ ସହାୟକ ହେବା ସହ ଓଡ଼ିଆ ଭାଷା ସାହିତ୍ୟ କୁ ସମୃଦ୍ଧ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ. ଏଭଳି ପ୍ରତିଯୋଗିତା ପ୍ରଥମ ଥର ପାଇଁ ଅନୁଷ୍ଠିତ କରାଯାଉଛି ବୋଲି କାର୍ଯ୍ୟକାରୀ ସମ୍ପାଦକ ରାଜୀବ କୁମାର ପାତ୍ର ସୂଚନା ଦେଇଥିଲେ. ସର୍ବଶ୍ରୀ ପ୍ରଦୀପ କିଶୋର ମହାନ୍ତି, ପ୍ରୟାଶ ଶତପଥୀ, ପ୍ରଦୀପ ସରଘରିଆ, ଜ୍ଞାନରଞ୍ଜନ ପଣ୍ଡା ଅଧାପକ ଡ଼ଃ ଚନ୍ଦ୍ରଶେଖର ଦାସ, ଅଧାପିକା ଡ଼ଃ ସ୍ୱାଗତିକା ମିଶ୍ର ଓ ସୁଜୟ ମହାନ୍ତି ଏହି ପ୍ରତିଯୋଗିତା କୁ ପରିଚାଳନା କରିଥିଲେ.ଏହି ନାଟ୍ୟମହୋତ୍ସବ ଅବସରରେ ହାଇସ୍କୁଲ ଓ ପ୍ରାଇମେରୀ ସ୍କୁଲ ସ୍ତର ରେ ଏକକ ଅଭିନୟ, ମୁକ ଅଭିନୟ, ନୃତ୍ୟ, ମଂଚ ସଂଚାଳନା , ମ୍ୟୁଜିକ ଚେୟାର ଓ ଫେନସି ଡ୍ରେସ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବା ସହ ନାଟକମହୋତ୍ସବ ର ଅନ୍ତିମ ରଜନୀ ରେ ବିଜେତା ମାନଙ୍କର ନାମ ଘୋଷଣା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ମିଡ଼ିଆ ସଂଯୋଜକ ଶ୍ରୀ ସୋମନାଥ ସିଂହ ପ୍ରକାଶ କରିଛନ୍ତି.

## ବଜ୍ରାଘାତରେ ଯୁବ ଚାଷୀ ମୃତ : କ୍ଷତିପୂରଣ ଦାବି କଲେ ଗ୍ରାମବାସୀ

ଧର୍ମଶାଳା : (ହି.ସ.) - ଯାଜପୁର ଜିଲାରେ ଅଘଟଣ ।କ୍ଷେତରେ ଚାଷ କାମ କରିବା ସମୟରେ ବଜ୍ରାଘାତରେ ଚାଲି ଗଲା ଯୁବ ଚାଷୀଙ୍କ ଜୀବନ ।ମୃତ ଯୁବ ଚାଷୀ ଜଣକ ହେଲେ ବଡଚଣା ଥାନା ଅନ୍ତର୍ଗତ ଚଣ୍ଡିତଳ ପଂଚାୟତର କୁମର ମଲ୍ଲିକଙ୍କ ପୁଅ ଚନ୍ଦନ (୨୮) ବୋଲି ଜଣାପଡିଛି ।ସେ ବନ୍ଧୁ ଘର ସମିଆସ୍ଥିତ ବନ୍ଧୁ ଘରକୁ ଯାଇଥିଲେ । ତେବେ ତାଙ୍କ ବନ୍ଧୁଙ୍କ ଚାଷ ଜମିରେ କାମ କରୁଥିବା ସମୟରେ ରବିବାର ପୂର୍ବାହ୍ନରେ ବଜ୍ରାଘାତ ହୋଇଥିଲା ।ଚନ୍ଦନ ବିଲରେ ଟଳି ପଡିଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଥିଲେ ।ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳିଯାଇଛି । ତୁରନ୍ତ ମୃତକଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ କ୍ଷତି ପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଅଗଷ୍ଟ ୯ରେ ଡେମୁରିଆ ହାଟ ପଡ଼ିଆରେ ହେବ ଚାଷୀ ସମାବେଶ

ଜଳେଶ୍ୱର : କଂଗ୍ରେସ ଦଳ ପକ୍ଷରୁ ଅଗଷ୍ଟ ୧ ଓ ୨ ତାରିଖ ଦୁଇ ଦିନ ଧରି ଜଳେଶ୍ୱରର ତଳିଆ ଜଳବନ୍ଦୀ ଅଂଚଳ ପରିଦର୍ଶନ କରାଯାଇଥିଲା । ଖାଲିନା, ସଂପ୍ତିଆ, ନେତୁଆ, ସୂଗୋ, ନାମ୍ପୋ, ଖୁଲୁଡା, ବର୍ତନା , ଝାଡ଼ପିମ୍ପାଳ , ବାଇଗଣ ବାଡ଼ିଆ, ପଶ୍ଚିମବକ୍ଷଡ଼ ଇତ୍ୟାଦି ପଂଚାୟତ ଗସ୍ତ କରିଥିଲା କଂଗ୍ରେସର ଏକ ପ୍ରତିନିଧି ଦଳ କ୍ଷ କଂଗ୍ରେସ ନେତା ଶ୍ରୀ ସୁଦର୍ଶନ ଦାସ ଓ ବ୍ଲକ କଂଗ୍ରେସ ସଭାପତି ଶ୍ରୀ ହେମନ୍ତ ଗିରିଙ୍କ ନେତୃତ୍ୱରେ ବୁଡ଼ି ଅଂଚଳ ଗସ୍ତ କରିଥିବା ଏହି ପ୍ରତିନିଧି ଦଳ ଉପରୋକ୍ତ ପଂଚାୟତ ଗସ୍ତ କରିବା ଅବସରରେ ସେଠାକାର ଜନ ପ୍ରତିନିଧି, ଚାଷୀ ଓ କ୍ଷତିଗ୍ରସ୍ତ ଲୋକଙ୍କୁ ଭେଟିଥିଲେ ଓ ସେମାନଙ୍କ ସମସ୍ୟା ବିଷୟରେ ପଚାରି ବୁଝିଥିଲେ । ବର୍ଷା ଜଳ ନିଷ୍କାସିତ ନହୋଇ ପାରିବା ଯୋଗୁଁ ଦୀର୍ଘଦିନ ଧରି ଚାଷ ଜମି ବୁଡ଼ି ରହିଛି । ଫଳରେ ଚାଷୀଙ୍କ ଧାନ ଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି । ତଳି ପକାଇ ଆଉଥରେ ଧାନ ଚାଷ କରିବା ଚାଷୀଙ୍କ ପକ୍ଷରେ ସମ୍ଭବ ନୁହେଁ କ୍ଷ ଅନେକ ସ୍ଥାନରେ ଚାଷୀଙ୍କ ପରିବା ଚାଷ ମଧ ନଷ୍ଟ ହୋଇ ଯାଇଛି । କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ କ୍ଷତିପୂରଣ ସରକାର ଦେବା ଆବଶ୍ୟକ ବୋଲି ପ୍ରତିନିଧି ମଣ୍ଡଳୀ ଉପଲବ୍ଧି କରିଛି । ସେହିପରି ଏହି ବୁଡ଼ି ଅଂଚଳରେ ଅନେକ ରାସ୍ତା ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି । ସେହି ସବୁ ରାସ୍ତା ଗୁଡିକୁ ତୁରନ୍ତ ମରାମତି ଦରକାର ଏବଂ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ କଂଗ୍ରେସ ଦାବି କରିଛି । ବିଭିନ୍ନ ସ୍ଥାନରେ ନଳକୂଅ ଗୁଡ଼ିକ ପାଣି ଭିତରେ ରହିଥିବାରୁ ସେ ପାଣି ପିଇବା ଉପଯୋଗୀ ନୁହଁ । ଏହାର ପ୍ରତିକାର ଜରୁରୀ । କିଛି ମାଟିଘର ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ସେଭଳି ପରିବାର ଗୁଡିକୁ ତୁରନ୍ତ ପଲିଥିନ ଯୋଗାଇ ଦେବାକୁ କଂଗ୍ରେସ ଦାବି କରିଛି । ବିଭିନ୍ନ ପଂଚାୟତର ସରପଂଚ, ସମିତି ସଭ୍ୟ, ଲୋକ ପ୍ରତିନିଧି ତଥା ସ୍ଥାନୀୟ ନେତୃତ୍ୱ ମାନଙ୍କ ସହିତ ଆଲୋଚନା ପରେ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦଳମତ ନିର୍ବିଶେଷରେ ପଦକ୍ଷେପ ନେବାକୁ ସେମାନେ ପ୍ରସ୍ତାବ ଦେଇଥିଲେ । ତଦନୁଯାୟୀ ଆସନ୍ତା ଅଗଷ୍ଟ ୯ ତାରିଖରେ ସମ୍ପତିଆ ପଂଚାୟତର ଡେମୁରିଆ ହାତ ପଡ଼ିଆରେ ଅପରାହ୍ନ ୩ ଘଟିକା ସମୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ନିଷ୍ପତି ନିଆ ଯାଇଛି । ଦଳ ମତ ନିର୍ବିଶେଷରେ ସ୍ଥାନୀୟ ନେତୃତ୍ୱ ଏଥିରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି ।

# ମହାବନ୍ୟାର ବିପନ୍ନଙ୍କ ନିକଟରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର ତତ୍ପରତା

### ମୋବାଇଲ୍ ୱାଟର ଟ୍ରିଟମେଂଟ ପ୍ଲାଂଟ ଦ୍ୱାରା ବିଶୁଦ୍ଧ ପାନୀୟ ଜଳ ଯୋଗାଣ

ଭଦ୍ରକ : (ହି.ସ.) - ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରେ ମହାବନ୍ୟା ଯୋଗୁଁ ବ୍ୟାପକ କ୍ଷତି ହୋଇଥିବାବେଳେ ସବୁଆଡେ ପାଣି ଆଉ ପାଣି ଖେଳିଯାଇଛି । ବନ୍ୟାର ଭୟାବହ ସ୍ଥିତି ଏବଂ ପାଣି ଘେରରେ ବହୁ ଅଂଚଳ ଜଳବନ୍ଦୀ ହୋଇ ରହିଥିବା ଦେଖିବାକୁ ମିଳିଛି । ତେବେ ବନ୍ୟାର ବନ୍ୟାବିପନ୍ନ ଙ୍କ ନିକଟରେ ପହଂଚିଛି ଧାମନଗର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ତତ୍ପରତା ଦେଖିବାକୁ ମିଳିଛି । ବିଭିନ୍ନ ପଂଚାୟତରେ ବିପନ୍ନଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ସବୁଠାରୁ ବଡ଼ କଥା ହେଲା, ଅଧିକ ପିଇବା ପାଣି ଆବଶ୍ୟକ ପଡୁଥିବାରୁ ବିଭିନ୍ନ ପ୍ରଭାବିତ ଗ୍ରାମଗୁଡ଼ିକରେ ମେସିନ (ମୋବାଇଲ ୱାଟର ଟ୍ରିଟମେଂଟ ପ୍ଲାଂଟ) ଲଗାଇ ପାଣି ଯୋଗାଇ ଦିଆଯାଉଛି । ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ବଂଟନ ପାଇଁ ବଟଲ ପାଣି ମଧ ଯୋଗାଇ ଦିଆଯାଉଛି । ଗ୍ରାମ୍ୟ ଜଳଯୋଗାଣ ଜିଲ୍ଲା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦେବବ୍ରତ ପ୍ରଧାନଙ୍କ ସିଧାସଳଖ ଉପସ୍ଥିତି ଏବଂ ମାର୍ଗଦର୍ଶନରେ ବିଭିନ୍ନ ଗ୍ରାମକୁ ଏହି ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି ।ବନ୍ୟା ପାଣି ଛାଡିବା ପରେ ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ବିଭିନ୍ନ ଗ୍ରାମର ନଳକୂପ ଗୁଡ଼ିକୁ ମଧ ବିଶୋଧନ କରାଯାଉଛି, ଯାହାଦ୍ୱାରା ଲୋକମାନେ ବିଶୁଦ୍ଧ ଜଳ ପାଇପାରିବେ ଏବଂ ଜଳଜନିତ ରୋଗରୁ ସୁରକ୍ଷିତ ରହିବେ ।ପ୍ରଶାସନର ଏଭଳି ତତ୍ପରତା ଓ ସମୟୋଚିତ ପଦକ୍ଷେପ ଯୋଗୁଁ ବନ୍ୟାବିପନ୍ନ ଅଂଚଳରେ ପାନୀୟ ଜଳ ସମସ୍ୟା କିଛି ମାତ୍ରାରେ ଦୂର ହୋଇପାରିଛି ଏବଂ ସାଧାରଣରେ ପ୍ରଶାସନର ଏହି କାର୍ଯ୍ୟକୁ ପ୍ରଶଂସା କରାଯାଇଛି ।

# ପବିତ୍ର କୋରାନ ସପ୍ତାହ ପାଳିତ ଓ ୨୬ ଭାଷାରେ ପବିତ୍ର କୋରାନର ପ୍ରଦର୍ଶନୀ

କଟକ: ମଙ୍ଗଳାବାଗ ସ୍ଥିତ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ପବିତ୍ର କୋରାନ ସପ୍ତାହ ପାଳିତ ହୋଇଛି ।ପ୍ରଥମ ଦିବସ ମଙ୍ଗଳାବାଗ ସ୍ଥିତ ଅହମଦୀୟା ମୁସଲିମ ମିଶନ, ଦ୍ୱିତୀୟ ଦିବସ ଓ ତୃତୀୟ ଦିବସ ପିଠାପୁର ସ୍ଥିତ ସଲାମତବାଗ, ଚତୁର୍ଥ ଦିବସ ଓ.ଏମ.ପି, ପଂଂମ ଓ ଷଷ୍ଠ ଦିବସ ସି.ଡି.ଏ ଏବଂ ସପ୍ତମ ଓ ଅନ୍ତିମ ଦିବସ ମଙ୍ଗଳାବାଗ ଅହମଦୀୟା ମୁସଲିମ ମିଶନ ଠାରେ ସମ୍ମିଳନୀ ଅନୁଷ୍ଠିତ ହୋଇଛି ।ଏହି ପବିତ୍ର କୋରାନ ସପ୍ତାହର ଉଦଯାପନୀ ଉତ୍ସବରେ କଟକ ସହରର ଅହମଦୀୟା ମୁସଲିମ ସଂଗଠନର ସଭାପତି ସୟଦ ତାହେର ଅହମଦ କଲିମ ପୌରହିତ୍ୟ କରିଥିଲେ । ପବିତ୍ର କୋରାନ ପାଠ ସୟଦ ଜକି ଅହମଦ କରିଥିଲେ ।ଉର୍ଦ୍ଦୁ ନଜମ ଅହମଦୀୟା ଯୁବସଂଗଠନର ସଭାପତି ସୟଦ ଅହିୟା ଅହମଦ ପରିବେଷଣ





କରିଥିଲେ ।ପ୍ରଥମ ବକ୍ତା ଭାବେ ଯୋଗଦେଇ ଅର୍ଥ ବିଭାଗର ନିରିକ୍ଷକ ମହମ୍ମଦ ଇଫତେଖାର ଅହମଦ ଧର୍ମକର୍ମରେ ଆର୍ଥିକ ଅନୁଦାନର ମହତ୍ୱ ଓ ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ ।ଦ୍ୱିତୀୟ ବକ୍ତା ଭାବେ ଯୋଗଦେଇ କଟକ ସହରର ପୂର୍ବତନ ସଭାପତି ସୟଦ ତୟବ ଅହମଦ ସଲିମ ପବିତ୍ର କୋରାନ ସମଗ୍ର ମାନବ ଜାତି ପାଇଁ ଅବତୀର୍ଣ୍ଣ ହୋଇଛି ବୋଲି ମତାମତ ରଖିଥିଲେ ।ଏହାପରେ ଓଡିଆ ନଜମ ଶେଖ ବାହାଦୁର ଖାଁ ପରିବେଷଣ କରିଥିଲେ ।ମୁଖ୍ୟ ବକ୍ତା ଭାବେ ଯୋଗଦେଇ କଟକ ସହରର ମୌଲାନା ଫଜଲ ହକ ଖାନ୍ କହିଲେ, ସମସ୍ତ ନୈତିକ ଓ ଭୌତିକ ଶିକ୍ଷାର ମୂଳ ସ୍ରୋତ ହେଲା ପବିତ୍ର କୋରାନ ।ପବିତ୍ର କୋରାନରେ ସକଳ ସମସ୍ୟାର ସମାଧାନ ଅଛି ବୋଲି ସେ ମତପ୍ରକାଶ କରିଥିଲେ ।ଏହାପରେ ପବିତ୍ର କୋରାନ ସଂବନ୍ଧୀୟ କୁଇଜ କାର୍ଯ୍ୟକ୍ରମ ହୋଇଥିଲା ।ଏହାକୁ ସୟଦ ଜକି ଅହମଦ ପରିଚାଳନା କରିଥିଲେ । ସଭାପତିତ୍ୱ ଭାଷଣରେ ସୟଦ ତାହେର ଅହମଦ କଲିମ କହିଲେ, ପବିତ୍ର କୋରାନ ଏକ ଅଲୌକିକ ପୁସ୍ତକ । ପବିତ୍ର କୋରାନ ହେଉଛି, ଜ୍ଞାନର ଭଣ୍ଡାର । ପବିତ୍ର କୋରାନ ପଢିବା ବହୁତ ସରଳ ଓ ସହଜ । ପବିତ୍ର କୋରାନ ପଢିଲେ ହିଁ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାହଙ୍କ ଶ୍ରୀମୁଖ ଦେଖିପାରିବ ।ସମସ୍ତ ପ୍ରକାରର କଲ୍ୟାଣ ପବିତ୍ର କୋରାନରେ ରହିଛି ।କୁଇଜ ପ୍ରତିଯୋଗିତାରେ କୃତି ପ୍ରତିଯୋଗିମାନଙ୍କୁ ସଭାପତିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ପବିତ୍ର କୋରାନ ସପ୍ତାହ ପାଳନ ଉପଲକ୍ଷେ ମଙ୍ଗଳାବାଗ ଅହମଦୀୟା ମୁସଲିମ ମିଶନରେ ୨୬ଗୋଟି ଭାଷାରେ ଅନୁବାଦିତ ପବିତ୍ର କୋରାନର ପ୍ରଦର୍ଶନୀ ଲଗାଯାଇଥିଲା ।

# ପଛୁଆ ବର୍ଗ କମିଶନ ଗଠନ ନେଇ ଓବିସି ଫୋରମ୍‌ର ଦାବି

ଜୟପୁର : (ହି.ସ.) – ରାଜ୍ୟରେ ତୁରନ୍ତ ପଛୁଆ ବର୍ଗ କମିଶନ ଗଠନ କରିବାକୁ ଦାବି କରିଛି ଓବିସି ଫୋରମ୍ । ଏନେଇ ଏକ ବୈଠକ ଜୟପୁର ଠାରେ ଆୟୋଜିତ ହୋଇଥିବାବେଳେ ଭାଗ ନେଇଥିବା ବିଭିନ୍ନ ସମାଜର ନେତୃ ମଣ୍ଡଳି ଦାବିକୁ ଦୃଢ଼ ଭାବେ ଉପସ୍ଥାପନ କରିଛନ୍ତି । ସ୍ଥାନୀୟ ଯାଦବ ଭବନ ପରିସରରେ ଆୟୋଜିତ ଏହି ବୈଠକ ଯାଦବ ମହାସଭା ସଂପାଦକ ରାଜେନ୍ଦ୍ର କୁମାର ଗୌଡ଼ଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା । ଏଥିରେ ଯାଦବ ମହାସଭା ପକ୍ଷରୁ ସଭାପତି ମଦନ ମୋହନ ନାୟକ, ବାରିକ ସମାଜ ପକ୍ଷରୁ ତୁଳସୀ ବେହେରା, ବଢ଼େଇ ସମାଜ ପକ୍ଷରୁ ସାହେବ ମହାରଣା, କାପୁ ସମାଜ ପକ୍ଷରୁ ୱାଇ ପ୍ରସାଦ ପ୍ରମୁଖ ମଂଚାସୀନ ରହି ନିଜ ନିଜ ମତ ରଖିଥିଲେ । ଗତ ୨୦୨୪ ଜାନୁଆରୀ ପହିଲାରୁ ରାଜ୍ୟରେ ପଛୁଆବର୍ଗ କମିଶନଙ୍କ କାର୍ଯ୍ୟକାଳ ଶେଷ ହୋଇଛି, ଫଳରେ ରାଜ୍ୟ ଜନସଂଖ୍ୟାର ଶତକଡ଼ା ୫୨ ଭାଗ ପଛୁଆବର୍ଗ ଜନସାଧାରଣ ନିଜର ସାମ୍ବିଧାନିକ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଅସୁବିଧାର ସମ୍ମୁଖିନ ହେଉଥିବା ମତ ପ୍ରକାଶ ପାଇଥିଲା । ତେଣୁ ରାଜ୍ୟ ସରକାର ସେମାନଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ କମିଶନ ଗଠନ କରିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା । ବୈଠକରେ ନରେଶ ମହାକୁଳ, ରବି ନାରାୟଣ ଗୌଡ଼, ଦଣ୍ଡାସୀ ଗୌଡ଼, ନାରାୟଣ ଗୌଡ଼, ଭାସ୍କର ଗୌଡ଼, ସୁଦର୍ଶନ ଗୌଡ଼ ପ୍ରମୁଖ ଯୋଗ ଦେଇଥିବାବେଳେ କବିରାଜ ପରମେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ମଶାନ ଜମିରେ ବେଆଇନ୍ ନିର୍ମାଣ ବିରୋଧ ରେ ଦାବିପତ୍ର

ଜଳେଶ୍ୱର : (ନିପ୍ର )ସର୍ବସାଧାରଣ ସ୍ଥାନ,ଶ୍ମଶାନ ଜମି,ପାଣି ନିଷ୍କାସନ ପଥ ଜବର ଦଖଲ ଉଚ୍ଛେଦ କରିବା ପାଇଁ ମୋହନ ସରକାର ଦୃଢ଼ ପଦକ୍ଷେପ ନେଉଛନ୍ତି । ଜଳେଶ୍ୱର ବ୍ଲକ, ବରଡିହା ପଂଚାୟତ,କନକାଇ ଗାଁରେ ଥିବା ଶ୍ମଶାନ ଜମି ଉପରେ ବ୍ୟାପକ ବେଆଇନ ନିର୍ମାଣ ଓ ଜବର ଦଖଲ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ଙ୍କ ଶବ ଦାହ ଲାଗି ଉଦ୍ଧିଷ୍ଟ ଖାତା ନଂ ୭୫୯ ପ୍ଲଟ ନଂ ୧୫୩୧(୪୧ ଡିସିମିଲ) ଏବଂ ୧୫୩୨ ପ୍ଲଟ ର (୩୦ ଡିସିମିଲ) ପରିମିତ ସ୍ଥାନରେ ଅବୈଧ ନିର୍ମାଣ ହେଉଥିବା



ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି ।ଉକ୍ତ ଶ୍ମଶାନ କିସମ ଜାଗାରେ ମାର୍କେଟ କମ୍ପ୍ଲେକ୍ସ,ଓପନ ଜିମ୍, ହନୁମାନ ମନ୍ଦିର ଇତ୍ୟାଦି ବେଆଇନ୍ ନିର୍ମାଣ ସହିତ ଶ୍ମଶାନ ଜମିକୁ ଜବର ଦଖଲ କରାଯାଇଥିବା ଗ୍ରାମବାସୀ ଦୃଷ୍ଟି ଆକର୍ଷଣ କରିଛନ୍ତି । ଆବାସ ଗୃହ ପ୍ରଦାନ ରେ ଘରବାଡି ପଟା ନଥିଲେ କାର୍ଯ୍ୟାଦେଶ ଦିଆଯାଉ ନଥିବାବେଳେ ଶ୍ମଶାନ କିସମ ଜମିରେ ସରକାର ଙ୍କ କୋଟି କୋଟି ଟଙ୍କା କେଉଁ ଆଧାରରେ ଖର୍ଚ୍ଚ ହେଉଛି ସେ ନେଇ ପ୍ରଶ୍ନ ଉଠାଇଛନ୍ତି ।ଜିଲ୍ଲାପାଳ,ତହସିଲଦାର ଙ୍କୁ ଅଭିଯୋଗ ପତ୍ର ପ୍ରଦାନ ହୋଇଥିବା ବେଳେ ସୋମବାର ଜଳେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ଉଦ୍ଦେଶ୍ୟରେ ସେକ୍ସନ ଅଫିସର ସନ୍ତୋଷ ଭଞ୍ଜ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।ବିହିତ ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନ ଓ ଆଇନ୍ ର ଆଶ୍ରୟ ନେବେ ବୋଲି ସମାଜସେବୀ ନାଗଭୂଷଣ ଦାସ,ପରମାନନ୍ଦ ଚକ୍ରବର୍ତୀ,ଆଶୋକ କୁମାର ଦାସ,ଦୁର୍ଗା ଶଙ୍କର ଧର,ଅରୁଣ କୁମାର ଧର, ରାମକୃଷ୍ଣ ପାଣିଗ୍ରାହୀ, କୃଷ୍ଣ କିଙ୍କର ଧର, ଗୌରୀ ଶଙ୍କର ଧର,କାର୍ତିକ ପାଣିଗ୍ରାହୀ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ବୋଡ଼େନ ବ୍ଲକରେ ଲଗାଣ ବର୍ଷାରେ ବନ୍ୟାର ତାଣ୍ଡବ

ନୂଆପଡ଼ା : (ନି.ପ୍ର)ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ରେ ମଧ ଲଗାଣ ବର୍ଷା ରେ ବନ୍ୟାର ତାଣ୍ଡବ ଲୀଳା ଭିଆଇ ଥିବା ବେଳେ ବ୍ୟାପକ କ୍ଷୟ କ୍ଷତି ହୋଇଅଛି । ଏହି କ୍ଷୟ କ୍ଷତି ବିଶେଷ କରି ନଦୀ, ନାଲା, ବ୍ରିଜ୍ ଏବଂ କଲଭାଟ ଉପରେ ତାର ପ୍ରକୋପ ସର୍ବାଧିକ ହୋଇଅଛି । ଭାଇସାଦାନି ଗ୍ରାମପଂଚାୟତ ଶିଆଳ ଲଟି ନାଲାରେ ଅନେକ କ୍ଷୟ କ୍ଷତି ହୋଇଅଛି । ନାଲାକୁ ଦିର୍ଘ୍ ୧୦୦ ମିଟର ଧୋଇ ନେଇଥିବା ବେଳେ ସିଆଲଲଟି ନାଲା ରେ ଯାତାୟାତ ବାଧାପ୍ରାପ୍ତ ହେଉଥିଲା ।



ପ୍ରଶାସନିକ ଅଧିକାରୀ ବନ୍ୟା କ୍ଷତି ଗ୍ରସ୍ତ ଅଂଚଳ ପରିକ୍ରମା କରୁଥିବା ବେଳେ ଏହି ନାଲାକୁ ଗୁରୁତ ଦେଇ ଆବଶ୍ୟକ ମରାମତି ପାଇଁ ଦାବୀ କରିଥିଲେ । ପ୍ରଥମେ ନିଜ ହାତରେ ନିଜ ସଡ଼କ ସୁଧାର ଆଣିବା ସଂକଳ୍ପ ନେଇଥିଲେ । ଗ୍ରାମବାସୀ ବାହାରି ଜଙ୍ଗଲ ରୁ କାଠ ଆଣି କାଠର ପୋଲ ନିର୍ମାଣ କରିଛନ୍ତି । ମୋଦି ଜୀଙ୍କ ଲୋକାଲ ଫର ଭୋକାଲ କାର୍ଯ୍ୟ ସମ୍ପାଦନ କରିଛନ୍ତି ।, ନିଜ ହାତରେ ଗ୍ରାମବାସୀ ମାନେ କାଠର ପୋଲ ନିର୍ମାଣ କରି ଯାତାୟାତ ସ୍ୱାଭାବିକ କଲେ ଗ୍ରାମବାସୀ ।

# ଓଡିଏମ୍ ମହାସଂଘର ସାଙ୍ଗଠନିକ ବୈଠକ

ଭୁବନ : (ହି.ସ.) - ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘ ଢ଼େଙ୍କାନାଳ ଜିଲ୍ଲା ଶାଖା ତରଫରୁ ଗନ୍ଦିଆ ଗିରିଧାରୀ ମଠ ( ଜଗନ୍ନାଥ ମନ୍ଦିର ) ପ୍ରାଙ୍ଗଣରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ସୁଶାନ୍ତ କୁମାର ପୋଥାଳ ବୈଠକରେ ଅଧକ୍ଷତା କରି କହିଥିଲେ ଯେ , ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘ ଅନ୍ୟ ମାନଙ୍କ ଠାରୁ ଭିନ୍ନ ,ସ୍ୱତନ୍ତ୍ର ଓ ନିଆରା ସଂଗଠନ । ଏଥିରେ ସଦସ୍ୟ ହେବା ମାତ୍ରେ ଆଇ କାର୍ଡ, ସାର୍ଟିଫିକେଟ ସହିତ ୧ ଲକ୍ଷ ଟଙ୍କା ବୀମା ସୁବିଧା ମିଳୁଛି । ସମସ୍ତ ସାମ୍ବାଦିକଙ୍କୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ରେ ସାମିଲ କରି ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବାକୁ ଡିଜିଟାଲ ମିଡିଆ ମହାସଂଘ ରାଜ୍ୟ ସଭାପତି ମନୋଜ କୁମାର ଶତପଥୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ନିବେଦନ କରିଥିଲେ । ପରେ ରାଜ୍ୟ ସଭାପତି ଶ୍ରୀଯୁକ୍ତ ଶତପଥୀ ଭିଡିଓ କନଫରେନ୍ସ ମାଧମରେ ସମସ୍ତ ସଦସ୍ୟ ଙ୍କ ସହ କଥା ହୋଇ ବୈଠକର ସଫଳତା କାମନା କରିଥିଲେ । ଏହି ବୈଠକରେ ଗନ୍ଦିଆ ପଂଚାୟତ ସମିତିର ପୂର୍ବତନ ଅଧକ୍ଷ ମଳୟ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକ ଓ ରାଜନେତା ମାନେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଉଭୟେ ଉଭୟଙ୍କ ସହ ପରିପୂରକ । ଲୋକଙ୍କ ସମସ୍ୟାକୁ ସରକାରଙ୍କ ଜରିଆରେ ସମାଧାନ କରିବାରେ ସାମ୍ବାଦିକ ମାନଙ୍କ ପ୍ରମୁଖ ଭୂମିକା ରହିଛି । ସାମ୍ବାଦିକମାନେ ତଥ୍ୟ ଭିତିକ ସତ୍ୟ ଖବର ପରିବେଷଣ କରିବା ସହିତ ସାଧୁତା,ସଚ୍ଚୋଟତା, ମାନବିକତା ଓ ନୀତି , ନୈତିକତାର ସହ କାର୍ଯ୍ୟ କଲେ ସମାଜରେ ଅଧିକ ଗ୍ରହଣୀୟ ହୋଇପାରିବେ ବୋଲି ଶ୍ରୀଯୁକ୍ତ ସିଂହ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଓ ଡି ଏମ୍ ମହାସଂଘ ରାଜ୍ୟ ସଂଗଠନ ସମ୍ପାଦକ ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ମାହି ଯୋଗଦେଇ କହିଥିଲେ ଯେ, ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘ ଏକ ସଂଗଠନ ନୁହେଁ, ଏହା ଏକ ସାମାଜିକ ଅନୁଷ୍ଠାନ । ଗରିବ, ଅସହାୟ, ନିସହାୟ ଲୋକଙ୍କ ସ୍ୱର ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ବଦ୍ଧ । ଆପଣ ମାନେ ସମାଜର ତଳ ସ୍ତରର ଲୋକଙ୍କ ସ୍ୱର ପାଲଟନ୍ତୁ ,ଲୋକଙ୍କ ସାଥିରେ ରହି ସମସ୍ୟା ସମାଧାନ କରନ୍ତୁ । ଆପଣ ମାନଙ୍କ କାର୍ଯ୍ୟ ଦେଖି ଅନ୍ୟ ମାନେ ଆପେ ଯୋଡ଼ି ହେବେ ଓ ସଂଗଠନ ସୁଦୃଢ଼ ହେବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଓ ଡି ଏମ୍ ମହାସଂଘ ରାଜ୍ୟ ସମ୍ପାଦକ ସଦାଶିବ ମହାପାତ୍ର,ପ୍ରମୋଦ କୁମାର ମହାନ୍ତି ଓ ପୁଷ୍ପଲତା ସାମଲ ଯୋଗଦେଇ ଗ୍ରାମାଂଚଳ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ସାମ୍ବାଦିକ ମାନେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିଥିବାରୁ ସେମାନଙ୍କୁ ସାମାଜିକ ସୁରକ୍ଷା ଓ ସମ୍ମାନ ଦେବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ ଓ କର୍ତବ୍ୟ । ସାମ୍ବାଦିକଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଆଇନ ପ୍ରଣୟନ କରିବାକୁ ଦାବି କରିଥିଲେ । ଜିଲ୍ଲା ଉପ ସଭାପତି ସରୋଜ କୁମାର ମହାଳିକ ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଶ୍ରୀଯୁକ୍ତ ମଳୟ କୁମାର ସିଂହ ଙ୍କୁ ଜିଲ୍ଲା ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ବିଶ୍ୱ ରଞ୍ଜନ ହାତୀ, ଯୁଗ୍ମ ସମ୍ପାଦକ ଅଭିଜିତ୍ ମହାପାତ୍ର,ରାକେଶ ରଞ୍ଜନ ପଟ୍ଟନାୟକ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ପୋଥାଳ,ବୁଦ୍ଧଦେବ ପଣ୍ଡା,ସୁଦର୍ଶନ ପୁହାଣ, ଦୀପକ ସାହୁ, ବିନୟ କୁମାର ପଟ୍ଟନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଆଇଆଇଏମ୍ ପକ୍ଷରୁ 'ନିଶା ମୁକ୍ତ ଯୁବା ଫର୍ ବିକଶିତ ଭାରତ' ଅଭିଯାନ

ସମ୍ବଲପୁର : (ହି.ସ.) ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା 'ମାଏ ଭାରତ' (ମେରା ଯୁବା ଭାରତ) ଜରିଆରେ ଆରମ୍ଭ ହୋଇଥିବା ସର୍ବଭାରତୀୟ 'ନଶା ମୁକ୍ତ ଯୁବା ଫର୍ ବିକଶିତ ଭାରତ' ଅଭିଯାନରେ ଭାରତୀୟ ପ୍ରବନ୍ଧନ ସଂସ୍ଥାନ (ଆଇଆଇଏମ୍) ସମ୍ବଲପୁର ଯୋଗଦେଇଛି । ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଏହାର ପରିସରରେ ଏହି ଅଭିଯାନ ପାଳନ କରାଯାଇଛି, ଯାହା ଭାରତ ସରକାରଙ୍କ 'ନଶା ମୁକ୍ତ ଭାରତ ଅଭିଯାନ' ଏବଂ ୨୦୪୭ ସୁଦ୍ଧା ଏକ ସୁସ୍ଥ, ସଶକ୍ତ ଏବଂ ନଶାମୁକ୍ତ ଭାରତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ସଂସ୍ଥାର ପ୍ରତିବଦ୍ଧତାକୁ ଦୋହରାଉଛି । ଏହି ଅଭିଯାନରେ ଛତ୍ରଛତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ସମସ୍ତେ ଏକତ୍ରିତ ହୋଇ ମାଦକ ଦ୍ରବ୍ୟ ସେବନର କୁପ୍ରଭାବ ଏବଂ ଏକ ସୁସ୍ଥ, ଦାୟିତ୍ୱବାନ ଏବଂ ନଶାମୁକ୍ତ ଜୀବନଶୈଳୀ ଗ୍ରହଣ କରିବାର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ । ଏହି ଅବସରରେ ଅଂଶଗ୍ରହଣକାରୀମାନେ ନଶାଠାରୁ ଦୂରେଇ ରହିବା ଏବଂ ସମାଜରେ ସଚେତନତା ବ୍ୟାପ୍ତ କରିବା ପାଇଁ ଶପଥ ଗ୍ରହଣ କରିଥିଲେ, ଯାହା ଜଣେ ଦାୟିତ୍ୱବାନ ନାଗରିକ ଏବଂ ଜାତୀୟ ଆନ୍ଦୋଳନର ଦୂତ ଭାବରେ ସେମାନଙ୍କର ଭୂମିକାକୁ ଆହୁରି ଦୃଢ଼ କରିଥିଲା । ଦେଶର ଯୁବପିଢ଼ିଙ୍କୁ ନଶା କବଳରୁ ରକ୍ଷା କରିବାରେ ସାମୂହିକ ଦାୟିତ୍ୱବୋଧ, ଜନସଚେତନତା ଏବଂ ଗୋଷ୍ଠୀଗତ ଭାଗିଦାରୀର ଗୁରୁତ୍ୱକୁ ଏହି ପଦକ୍ଷେପ ପ୍ରତିଫଳିତ କରିଛି । ଏଭଳି ପଦକ୍ଷେପ ଜରିଆରେ ଆଇଆଇଏମ୍ ସମ୍ବଲପୁର ସାମାଜିକ ଭାବେ ଦାୟିତ୍ୱବାନ ନେତୃବୃନ୍ଦଙ୍କୁ ଗଢ଼ିତୋଳିବା ଦିଗରେ ନିଜର ପ୍ରତିବଦ୍ଧତାକୁ ଜାରି ରଖିଛି, ଯେଉଁମାନେ ନୈତିକ ନେତୃତ୍ୱ ଏବଂ ଦାୟିତ୍ୱପୂର୍ଣ୍ଣ ନାଗରିକତା ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ଅର୍ଥପୂର୍ଣ୍ଣ ଅବଦାନ ରଖିଥା'ନ୍ତି । ଏହି ଅବସରରେ ମତବ୍ୟକ୍ତ କରି ଆଇଆଇଏମ୍ ସମ୍ବଲପୁରର ମୁଖ୍ୟ ପ୍ରଶାସନିକ ଅଧିକାରୀ (ସିଏଓ) ଅମୃତ ପି. ମହାନ୍ତି ନିଜ ବକ୍ତବ୍ୟରେ କହିଛନ୍ତି । ଏହି କାର୍ଯ୍ୟକ୍ରମ ଯୁବକମାନଙ୍କର କଲ୍ୟାଣକୁ ପ୍ରୋତ୍ସାହିତ କରିବା ଏବଂ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟରେ ଅବଦାନ ରଖିବା ପାଇଁ ଜାତୀୟ ପଦକ୍ଷେପ ଗୁଡ଼ିକ ପ୍ରତି ଆଇଆଇଏମ୍ ସମ୍ବଲପୁରର କ୍ରମାଗତ ସମର୍ଥନକୁ ଦର୍ଶାଏ । ସଚେତନତା, ପ୍ରତିରୋଧ ଏବଂ ସକ୍ରିୟ ଗୋଷ୍ଠୀ ସଂପୃକ୍ତିକୁ ପ୍ରୋତ୍ସାହିତ କରି, ଏକ ସୁସ୍ଥ, ଶକ୍ତିଶାଳୀ ଏବଂ ନଶାମୁକ୍ତ ସମାଜ ଗଠନ ପାଇଁ ଯୁବ ମନସ୍କଗୁଡ଼ିକୁ ପ୍ରେରଣା ଯୋଗାଇବା ଏହି ସଂସ୍ଥାର ମୁଖ୍ୟ ଲକ୍ଷ୍ୟ ଅଟେ ।

# କଥା ଦେଇ କଥା ରଖିଲେ ମାଟିର ପୁଅ : ଜନନୀ ଗୌରବ ପରିଷଦର ସାମ୍ବାଦିକ ସମ୍ମିଳନୀ



ଧାମନଗର(ନିପ୍ର): ଧାମନଗରରେ ଦେଖା ଦେଇଥିବା ଗମ୍ଭୀର ବନ୍ୟା ପରିସ୍ଥିତିକୁ ସଫଳତାର ସହିତ ପରିଚାଳନା କରିବା କ୍ଷେତ୍ରରେ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କ ଦକ୍ଷତା ଦେଖାଇଛନ୍ତି । ସେ କହିଥିବା ବିପଦ ବେଳେ ଓଳି ତଳେ ଛିଡା ହେବି କଥାକୁ ସେ ବନ୍ୟା ଭଳି ବଡ଼ ବିପତି ସମୟରେ ପ୍ରମାଣିତ କରିଛନ୍ତି ବୋଲି ମଙ୍ଗଳବାର ଧୂଷୁରୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜନନୀ ଗୌରବ ପରିଷଦ ପକ୍ଷରୁ କୁହାଯାଇଛି । ଭଦ୍ରକ ଜିଲ୍ଲା ପରିଷଦର ପ୍ରାକ୍ତନ ଉପାଧ୍ୟକ୍ଷ ରଞ୍ଜିତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପରିଷଦର କର୍ମକର୍ତା କହିଛନ୍ତି ଯେ ଏଥର ବନ୍ୟା ମୁକାବିଲା କରିବା ସରକାର ଏବଂ ପ୍ରଶାସନ ପାଇଁ ଏକ ଆହ୍ୱାନ ଥିଲା । ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଗକୁ ଆସି ସରକାର ପ୍ରଶାସନ ଏବଂ ଯୁବ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ସମନ୍ୱୟ ରଖି ବନ୍ୟା ପରିସ୍ଥିତିକୁ ସମ୍ମୁଖୀନ ହେଲେ । ଧାମନଗର ଏବଂ ତିହିଡ଼ିର ଅଶୀ ପ୍ରତିଶତ ଅଂଚଳ ଗୁରୁତର ବନ୍ୟାରେ ପ୍ରଭାବିତ ହେଉଥିବା ବେଳେ ନିଜେ ମନ୍ତ୍ରୀ ଶ୍ରୀ ସୂରଜ ଜୀବନକୁ ବାଜି ଲଗାଇ ରାତିରେ ବିଭିନ୍ନ ନଦୀ ବନ୍ଧ ସ୍ଥିତି ଅନୁଧ୍ୟାନ କଲେ । ସ୍ରୋତ ମୁହଁରେ ଖସି ଯାଉଥିବା ବୋଟକୁ ଭିଡ଼ି ଧରି ସହଯୋଗୀଙ୍କ ସୁରକ୍ଷା ଦେବା ତାଙ୍କ ସାହସ ଓ ସେବାର ବଡ଼ ଉଦାହରଣ । ପ୍ରାକୃତିକ ବିପର୍ଯ୍ୟୟରେ ଧନୀ ଗରିବ ସବୁ ସମାନ । ଏଭଳି ସ୍ଥିତିରେ ତାଙ୍କ ଦୂରଦୃଷ୍ଟି ଯୋଗୁଁ ସଂଖ୍ୟାଧିକ ଓଡ୍ରାଫ ଏନଡ଼ିଆରଏଫ ଅଗ୍ନିଶମ ବାହିନୀ ନିୟୋଜିତ ହୋଇଥିଲା ଏବଂ ୧୯ଟି ସ୍ୱତନ୍ତ୍ର ଅପରେସନ ଦ୍ୱାରା ୫୬ ଜଣଙ୍କୁ ସୁରକ୍ଷିତ ଉଦ୍ଧାର ସମ୍ଭବ ହୋଇଥିଲା । ଦୁଇ ଲକ୍ଷରୁ ଅଧିକ ଲୋକଙ୍କ ପାଖରେ ଶୁଖିଲା ଏବଂ ରନ୍ଧାଖାଦ୍ୟ ପହଂଚା ଯାଇଥିଲା । ଧାମନଗରରେ ୨.୬୬ଲକ୍ଷ ଲୋକଙ୍କୁ ରନ୍ଧା ଖାଦ୍ୟ ସହିତ ୯୩ କ୍ୱିଂଟାଲ ଚୂଡ଼ା, ୯.୩୦କ୍ୱିଂଟାଲ ଗୁଡ଼ ଯୋଗାଇ ଦିଆଯାଇଛି । ୧୨୩ ମେଟ୍ରିକ ଟନ ଗୋ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି । ବନ୍ୟାଂଚଳରେ ତାଙ୍କ ପ୍ରୟାସ ଯୋଗୁଁ ପ୍ରଥମଥର ପାଇଁ ଅତ୍ୟାଧୁନିକ ଜ୍ଞାନ କୌଶଳରେ ବନ୍ୟା ଜଳରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସମ୍ଭବ ହୋଇ ବିପନ୍ନଙ୍କ ଜଳ କଷ୍ଟ ଦୂର ପାଇଁ ୩୨ ହଜାର ପାଣି ପାଉଚ ସହିତ ୭୨ ହଜାରରୁ ଅଧିକ ବୋତଲ ପାଣି ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଦଶ କିଲୋର ଚାଉଳ ଦିଆଯିବା ମଧ୍ୟ ସାହାଯ୍ୟ ହୋଇଥିଲା । ବନ୍ୟା ପରବର୍ତୀ କାଳରେ ରୋଗ ବ୍ୟାପିବା ଭୟ ଥିବାରୁ ଏଦିଗକୁ ମଧ୍ୟ ଦୃଷ୍ଟି ଦିଆଯାଉଛି । ସବୁ ଦିଗକୁ ଗୁରୁତ୍ୱ ଦେବା ହେତୁ ଧାମନଗରରେ ବନ୍ୟା ମୁକାବିଲାରେ ତ୍ରୁଟି ପରିଲକ୍ଷିତ ହୋଇନି । ଜଣେ ଯୁବ ମନ୍ତ୍ରୀ ନିଜକୁ ସେବକ ଭାବରେ ଉପସ୍ଥାପିତ କରି ଆଜି ବି ବନ୍ୟା ଦୁର୍ଗତଙ୍କ ନିକଟକୁ ଯାଇ ସେମାନଙ୍କ ପାଖରେ ଛିଡା ହେବା ତାଙ୍କ ପ୍ରତିବଦ୍ଧତାର ପ୍ରମାଣ ଏବଂ ସେ କଥା ଦେଇ କଥା ରଖିଛନ୍ତି ବୋଲି ସମ୍ମିଳନୀରେ କୁହାଯାଇ ଧାମନଗର ନିର୍ବାଚନ ମଣ୍ଡଳୀର ମାତୃଶକ୍ତି ପକ୍ଷରୁ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟ କାମନା କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଉମାମଣି ସାହୁ, ସରପଂଚ ମିନତୀ ସାହୁ, ସମାଜସେବୀ ଶୁଭଶ୍ରୀ ନାୟକ, ସୁଜାତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ । ସମାଜସେବୀ କବିତା ସାହୁ ଧନ୍ୟବାଦ ଦେଇଥିଲେ ।

# ପ୍ରାକ୍ତନ ଦୂର ସଂଚାର କର୍ମଚାରୀଙ୍କ ସ୍ମୃତି ଚାରଣ ସଭା

ଜଳେଶ୍ୱର(ନିପ୍ର): ଦୀନକୃଷ୍ଣ ମହାବିଦ୍ୟାଳୟ, ୧୯୮୨-୮୩ ଶିକ୍ଷା ବର୍ଷର ଶତାଧିକ ଶିକ୍ଷାର୍ଥୀ ଙ୍କୁ ସଂଗଠିତ କରି କ୍ରମାଗତ ୪ ବର୍ଷ ଧରି ବନ୍ଧୁ ମିଳନ ଓ ସାମାଜିକ କାର୍ଯ୍ୟକ୍ରମ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅବସରପ୍ରାପ୍ତ ଦୂର ସଂଚାର କର୍ମଚାରୀ ଲକ୍ଷ୍ମଣ ପାତ୍ରଙ୍କ ଏକାଦଶାହରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହେଇଯାଇଛି । ସ୍ୱର୍ଗତ ପାତ୍ରଙ୍କ ବନ୍ଧୁ ମାନେ ଏକାଠି ହୋଇ ନୂଆବଜାର ସ୍ଥିତ ବନ୍ଧୁ ଶଙ୍କର୍ଷଣ ମହାନ୍ତିଙ୍କ ଘରେ ଏକ ସ୍ମୃତି ଚାରଣ ସଭା ଆୟୋଜନ କରିଥିଲେ । ଅଧ୍ୟାପକ ସୁଧୀର କରଙ୍କ ସଂଚାଳନାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ବେଳେ ଫୋଟୋ ଚିତ୍ର ରେ ସମୂହ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇ ଥିଲା । ବନ୍ଧୁ ବିଜୟ ମହାନ୍ତି, ପ୍ରଫୁଲ୍ଲ ଦେ, ଭୁବନ ଦାସ, ଅକ୍ଷୟ ପରିଡ଼ା, କାହ୍ନୁ ସାହୁ, ଇନ୍ଦୁମତୀ ଗିରି, ପ୍ରଦୀପ୍ତ ଦାସମହାପାତ୍ର, ପ୍ରଶାନ୍ତ ସି, ବିନୋଦ ପାତ୍ର, ସୂର୍ଯ୍ୟକାନ୍ତ ବେହେରା, ସୁଭଦ୍ରା ସେନାପତି, ପ୍ରଶାନ୍ତ ମହାନ୍ତି, ମୁରଲୀମୋହନ ପ୍ରଧାନ, ଫକୀରମୋହନ କର, ରମେଶ ଗିରି, ବିଷ୍ଣୁପ୍ରିୟା ବେହେରା, ରାଜେନ୍ଦ୍ର ଦତ, ଦିଲ୍ଲୀପ ସାହୁ, ହରେନ୍ଦ୍ର ପାତ୍ର, ଅକ୍ଷୟ ଜେନା, ଅରୁଣ ପାଢ଼ୀ, ମନ୍ତୋଷ କାମିଲା, ସନ୍ତୋଷ ସାହୁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପାତ୍ରଙ୍କର ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସାମାଜିକ ଜୀବନରେ ବନ୍ଧୁର ଆବଶ୍ୟକତା ଅମୂଲ୍ୟ କହିବା ସହିତ ଶଙ୍କର୍ଷଣ ମହାନ୍ତି ଧନ୍ୟବାଦ ଦେଇଥିଲେ ।

# ଛାତ୍ରଛାତ୍ରୀଙ୍କ ଦାବି ଓ ସାଂସଦଙ୍କ ହସ୍ତକ୍ଷେପ ପରେ ପରୀକ୍ଷା ତାରିଖ ବଦଳିଲା

ଖଇରା(ନିପ୍ର): ଗୋଟିଏ ଦିନରେ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଅଧୀନରେ ଥିବା ସମସ୍ତ କଲେଜର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱିତୀୟ ସେମିଷ୍ଟାର ଓ ସିଟି ପରୀକ୍ଷା କୁ ନେଇ ଖଇରା ଓ ଔପଦା କଲେଜ ସମେତ ଜିଲାର ଅନ୍ୟାନ୍ୟ ବିଦ୍ୟାଳୟ ଗୁଡିକ ଅସନ୍ତୋଷ ପ୍ରକାଶ କରିଥିଲେ । ମଙ୍ଗଳବାର ଫକୀର ମୋହନ ବିଶ୍ୱବିଦ୍ୟାଳୟ କର୍ତୃପକ୍ଷ ଅଗଷ୍ଟ ୭ତାରିଖ ପରିବର୍ତେ ଅଗଷ୍ଟ ୨୪ତାରିଖରେ କରାଯିବାକୁ ଚିଠି ସଂଖ୍ୟା ଆଇଇ -୦୧/ ୨୬/୪୯୯୨ ମାଧ୍ୟମରେ ବିଭିନ୍ନ ମହାବିଦ୍ୟାଳୟକୁ ଅବଗତ କରାଇବା ପରେ ପିଲା ମାନେ ସନ୍ତୋଷ ପ୍ରକାଶ କରିଥିଲେ । ଏଥିପାଇଁ ଖଇରା ମହାବିଦ୍ୟାଳୟ ଛାତ୍ରୀ ଜ୍ୟୋତିର୍ମୟୀ ପଣ୍ଡା, ମିନାକ୍ଷୀ ନାୟକ ଓ ଔପଦା ମହାବିଦ୍ୟାଳୟ ଛାତ୍ରୀ ସ୍ମୃତିରେଖା ପଣ୍ଡା, ଗିତିପ୍ରଜ୍ଞା ଗିରି, ସୌମ୍ୟାଶ୍ରୀ ସ୍ୱାଇଁ ପ୍ରମୁଖ ବାଲେଶ୍ୱର ଏମପି ପ୍ରତାପ ଷଡଙ୍ଗୀ, ବିଶ୍ୱବିଦ୍ୟାଳୟ କୁଳପତି, ପରୀକ୍ଷା ନିୟନ୍ତ୍ରକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଅଗଷ୍ଟ ୭ତାରିଖରେ ସିଟି ପରୀକ୍ଷା ପାଇଁ ବହୁ ପୂର୍ବରୁ ତାରିଖ ନିର୍ଦ୍ଧାରିତ ହୋଇ ସାରିଥିବା ବେଳେ ଫକୀର ମୋହନ ଗତ ଜୁଲାଇ ୧୮ତାରିଖ ପତ୍ର ସଂଖ୍ୟା ୪୬୬୫ରେ ଅଗଷ୍ଟ ୭ ତାରିଖରେ +୩ ପ୍ରଥମ ବର୍ଷର ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ସମାନ ସମୟରେ କରାଯିବାକୁ ଚିଠି କରାଯାଇ ଥିଲା । ଏଥିରେ ଖଇରା ଓ ଔପଦା କଲେଜ ର ଛାତ୍ରୀଛାତ୍ର ମାନେ ସିନିୟର ଅଧ୍ୟାପକ ଦ୍ୱାରିକାନାଥ ଶତପଥିଙ୍କ ମାଧ୍ୟମରେ ବାଲେଶ୍ୱର ସାଂସଦଙ୍କୁ ପ୍ରକୃତ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲେ । ଏମପି ମଧ୍ୟ ଛାତ୍ରୀଛାତ୍ରମାନଙ୍କର ଏହି ସମସ୍ୟାକୁ ହୃଦୟଙ୍ଗମ କରି ବିଶ୍ୱବିଦ୍ୟାଳୟ କୁଳପତି ସନ୍ତୋଷ ତ୍ରୀପାଠୀଙ୍କୁ ଅବଗତ କରାଇଥିଲେ ।

# ଓଡ଼ିଆ ସାମ୍ବାଦିକତା ଦିବସରେ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କଲା ରୋଟାରୀ କ୍ଲବ୍




ନୟାଗଡ଼(ନିପ୍ର): ରୋଟାରୀ କ୍ଲବ୍ ନୟାଗଡ଼ ପକ୍ଷରୁ ଆଜି ଓଡ଼ିଆ ସାମ୍ବାଦିକତା ଦିବସ ଗରିମାମୟ ପରିବେଶରେ ପାଳିତ ହୋଇଯାଇଛି । କ୍ଲବ୍ ସଭାପତି ରୋଟାରିଆନ ବାସୁଦେବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରୀ ଜୋନାଲ ଚେୟାରମ୍ୟାନ ରୋଟାରିଆନ ସରୋଜ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଜାତା ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ନୟାଗଡ଼ ଜିଲ୍ଲାର ୬୦ରୁ ଅଧିକ ସାମ୍ବାଦିକ ଯୋଗ ଦେଇଥିଲେ । ବରିଷ୍ଠ ସାମ୍ବାଦିକ ନିର୍ମଳ ଚନ୍ଦ୍ର ସୁରଦେଓ, ଆଚାର୍ଯ୍ୟ ବିଶ୍ୱରଞ୍ଜନ, ବୈଦ୍ୟଭୂଷଣ ମହାପାତ୍ର, ରାମକୃଷ୍ଣ ରଥ, ଅଶୋକ ମହାପାତ୍ର ଓ ରଜତ ପଟ୍ଟନାୟକ ପ୍ରମୁଖ ଓଡ଼ିଆ ସାମ୍ବାଦିକତା ଦିବସର ମହତ୍ୱ, ଓଡ଼ିଆ ସାମ୍ବାଦିକତାର ଗୌରବମୟ ପରମ୍ପରା ଏବଂ ଏହାର ମୌଳିକତା ଓ ବିଶ୍ୱସନୀୟତା ରକ୍ଷାରେ ସାମ୍ବାଦିକମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ସାମ୍ବାଦିକଙ୍କୁ ରୋଟାରୀ କ୍ଲବ୍ ନୟାଗଡ଼ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ରୋଟାରୀ କ୍ଲବ୍ ସଦସ୍ୟ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଶନ୍ନ କୁମାର ବସନ୍ତିଆ, ମିହିର ରଞ୍ଜନ ନାୟକ, ଶ୍ରୀକୁମାର ରଥ, ପ୍ରଶାନ୍ତ କୁମାର ପଟ୍ଟନାୟକ, ବସିରନ ବିବି, ଗୀତାଞ୍ଜଳି ମହାପାତ୍ର, ନିରଞ୍ଜନ ପାତ୍ର, ଗୁଣନିଧି ଶତପଥୀ, ଭାଗିରଥି ସାହୁ, ଜି. ରଶ୍ମି ରାଜ, ମଦନ ମୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ରୋଟାରିଆନ ଧିରେନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅବିନାଶ ସାହୁ ଓ ଦୀପେଶ ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ କ୍ଲବ୍‌ର ଯୁଗ୍ମ ସମ୍ପାଦକ ଦେବାଶିଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ୟାଂଚଳରେ ସ୍ଥିତି ପରଖିଲେ ପୂର୍ବତନ ମନ୍ତ୍ରୀ



ଧାମନଗର(ନିପ୍ର): ବନ୍ୟା ପରେ ଧାମନଗର ବ୍ଲକର ଅନେକ ଅଂଚଳରେ ଲୋକଙ୍କ ଦୁର୍ଦ୍ଦଶା ଜାରି ରହିଥିବାବେଳେ, ବନ୍ୟାର ପାଂଚ ଦିନ ପରେ ମଧ୍ୟ ଅନେକ ପ୍ରଭାବିତ ପରିବାରଙ୍କ ନିକଟରେ ସରକାରୀ ରିଲିଫ୍ ପହଂଚି ନଥିବା ଅଭିଯୋଗ ଉଠିଛି । ଏପରି ପରିସ୍ଥିତିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ମଙ୍ଗଳବାର ଧାମନଗର ବ୍ଲକର ବନ୍ୟା ଓ ଜଳବନ୍ଦୀ ପ୍ରଭାବିତ ଅଂଚଳ ଗସ୍ତ କରି କ୍ଷତିଗ୍ରସ୍ତଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ସାହସପୁର ପଂଚାୟତର ତାରିଣୀ ଛକ, ବମକୁରା ପଂଚାୟତର ଦେଉଳଡ଼ିହ ଜେନାସାହି, ଖଡ଼ିମାହାରା ଓ ଘାଟସାହି, ହସନାବାଦ ପଂଚାୟତର ଅନଳଡ଼ିହ, ଅସ୍ତକ, ଗୋପବନ୍ଧୁନଗର, ଅର୍ଜୁନପୁର ପଂଚାୟତର ମଠସାହି, ବାଲିପାଟଣା, ତରେଇସାହି ଓ ସଇଲୋ ଠାରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା କୋଚିଲା ନଦୀ ବନ୍ଧ ଅଂଚଳ ବୁଲି ବନ୍ୟାର ସ୍ଥିତି ପରଖିଥିଲେ । ଚାଷୀମାନେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଧାନ ତଳି ଦେଖାଇ ନିଜ ଦୁଃଖ ବଖାଣିବା ସହ କ୍ଷତିପୂରଣ ଦାବି କରିଥିଲେ । ଗସ୍ତ ବେଳେ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଥିଲେ ଯେ, ବନ୍ୟାର ଏତେଦିନ ପରେ ମଧ୍ୟ ପଲିଥିନ, ଚୁଡ଼ା, ଗୁଡ଼ ଭଳି ଅତ୍ୟାବଶ୍ୟକ ରିଲିଫ୍ ସାମଗ୍ରୀ ସହିତ ଗୋ ଖାଦ୍ୟ ସେମାନଙ୍କ ପାଖରେ ପହଂଚିନାହିଁ । ବହୁ ସ୍ଥାନରେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ପହଂଚି ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ବମକୁରା ପଂଚାୟତର ଘାଟସାହି ମୁଖ୍ୟ ରାସ୍ତା ଉପରେ ଏବେ ମଧ୍ୟ ଜଳସ୍ରୋତ ପ୍ରବାହିତ ହେଉଥିବାରୁ ଯାତାୟାତ ବ୍ୟାହତ ହେଉଥିବାବେଳେ, ଗେଙ୍ଗୁଟି ନଦୀ କୂଳରେ ଅଧୁରା ପଡ଼ିଥିବା ଘେରୀ ବନ୍ଧ କାମ ପ୍ରତିବର୍ଷ ବନ୍ୟା ବିପଦକୁ ବଢ଼ାଉଥିବା ନେଇ ସ୍ଥାନୀୟ ବାସିନ୍ଦା ଉଦ୍‌ବେଗ ପ୍ରକାଶ କରିଥିଲେ । ହସନାବାଦ ସ୍ଥିତ ହୃଦାନନ୍ଦମଲ୍ଲିକ କଲ୍ୟାଣ ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଥିଲେ ଯେ, ବନ୍ୟା ସମୟରେ ରିଲିଫ୍ ବଂଟନ, କ୍ଷୟକ୍ଷତି ଆକଳନ ଓ ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି ବୋଲି ସେ ଅଭିଯୋଗ କରିଥିଲେ । ଏହି ଗସ୍ତରେ ବିଜେଡିର ଧାମନଗର ନିର୍ବାଚନମଣ୍ଡଳୀ ନେତା ଡାକ୍ତର ସଞ୍ଜୟ ଦାସ, ଧାମନଗର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ, ଧୂଷୁରୀ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଲା ବିଶ୍ୱାଳ, ତିହିଡି ବ୍ଲକର ପୂର୍ବତନ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ପୂର୍ବତନ ବ୍ଲକ ସଭାପତି ଉମେଶ ମହାନ୍ତି, ପୂର୍ବତନ ଧାମନଗର ନଗର ସଭାପତି ସୁଶାନ୍ତ ରାଉତ, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦ ଦେବ ସାମଲ, ଧାମନଗର ବ୍ଲକ ଯୁବ ସଭାପତି ଭାରତ ବିଜୟ ଦଳେଇ ଙ୍କ ସମେତ ବହୁ ବିଜେଡି ନେତା, କର୍ମୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ ।

# ଲକ୍ଷାଧିକ ଟଙ୍କା, ଲାପ୍‌ଟପ୍ ଓ ମୋବାଇଲ ଫେରାଇଲେ ପୋଲିସ ସିପାହୀ

ବାରିପଦା(ନିପ୍ର): ସ୍ୱାର୍ଥପର ଦୁନିଆରେ ମଧ୍ୟ ମାନବିକତା ଏବଂ ସାଧୁତା ବଂଚିଛି । ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ବାରିପଦା ଠାରେ । ରାସ୍ତାରେ ପଡ଼ିଥିବା ପ୍ରାୟ ୧ ଲକ୍ଷ ୧୦ ହଜାର ଟଙ୍କା, ଲାପଟପ, ମୋବାଇଲ ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଭର୍ତି ବାଗ ପାଇ ମାଲିକଙ୍କୁ ଖୋଜି ସୁରକ୍ଷିତ ଭାବେ ଫେରାଇ ସାଧୁତାର ଅନନ୍ୟ ପରିଚୟ ଦେଇଛନ୍ତି ଓଏସଏପି ୫ମ ବାଟାଲିୟନର ସିପାହୀ ସତ୍ୟରଞ୍ଜନ ରାଉତ. ଘଟଣା ମୁତାବକ ରବିବାର ଭୋର ପ୍ରାୟ ୪ଟା ସମୟରେ ଓଏସଏପି ୫ମ ବାଟାଲିୟନର ସିପାହୀ (୬୮୫) ସତ୍ୟରଞ୍ଜନ ରାଉତ ଏବଂ ତାଙ୍କର ଜଣେ ସାଥୀ ଚା ପିଇବାକୁ ଯାଉଥିବା ସମୟରେ, ଏମପିସି ଅଟୋନୋମସ କଲେଜ ଗାର୍ଲସ ହୋଷ୍ଟେଲ ସାମ୍ନା ରାସ୍ତାରେ ଏକ ବ୍ୟାଗ ପଡ଼ିଥିବାର ଦେଖିବାକୁ ପାଇଥିଲେ । ସେ ବାରିପଦା ଟାଉନ ଥାନା ଓ ସଦର ଥାନା ପୋଲିସ ସହ ଯୋଗାଯୋଗ କରି ବ୍ୟାଗର ପ୍ରକୃତ ମାଲିକଙ୍କ ନିକଟରେ ପହଂଚିବାକୁ ସକ୍ଷମ ହୋଇଥିଲେ । ବ୍ୟାଗ ହରାଇଥିବା ବ୍ୟକ୍ତିଜଣକ ହେଉଛନ୍ତି ତଖତପୁର ଅଂଚଳର ଦିଲୀପ କୁମାର ବେହେରା । ସେ କୋଲକାତାରୁ ବସଯୋଗେ ବାରିପଦା ଆସି ଅଟୋରେ ଘରକୁ ଫେରୁଥିବା ସମୟରେ ଅସାବଧାନତା ବଶତଃ ତାଙ୍କର ବ୍ୟାଗଟି ରାସ୍ତାରେ ଖସିପଡ଼ିଥିଲା । ବ୍ୟାଗ ଗାଏବ ହେବା ଜାଣିବା ପରେ ସେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ ଏବଂ ବିଭିନ୍ନ ସୋସିଆଲ ମିଡିଆ ସହ ଥାନାର ଦ୍ୱାରସ୍ଥ ହୋଇଥିଲେ । ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପାଲବଣୀ ଗସ୍ତ ଅବସରରେ ମନ୍ତ୍ରୀଙ୍କ ସମ୍ମୁଖରେ ବ୍ୟାଗଟିକୁ ଫେରାଇଥିଲେ ସତ୍ୟରଞ୍ଜନ । ଏଥିପାଇଁ ମନ୍ତ୍ରୀ ଶ୍ରୀଯୁକ୍ତ ମହାପାତ୍ର ସିପାହୀ ସତ୍ୟରଞ୍ଜନ ରାଉତଙ୍କର ଏହି ନିଷ୍ଠା ଓ ସାଧୁତାର ଭୂୟସୀ ପ୍ରଶଂସା କରିଛନ୍ତି ।

# ଜିଲ୍ଲାସ୍ତରୀୟ ନାଟକ ଲିଖନ ପ୍ରତିଯୋଗିତା

ବାରିପଦା(ନିପ୍ର): ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ନାଟ୍ୟ ମହୋତ୍ସବ ଉପଲକ୍ଷେ ସ୍ଥାନୀୟ ବଡବଜାର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ନାଟକ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ନାଟ୍ୟପ୍ରେମୀ ଯୁବକ, ଯୁବତୀ ମାନେ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ସାଗରୀକା ସିଂହ ଉଦ୍‌ଘାଟନ କରିଥିବା ବେଳେ ଜାତୀୟ ନାଟ୍ୟ ମହୋତ୍ସବର ଆବାହକ, ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ନିର୍ଦ୍ଦେଶକ ଚିନ୍ମୟ କୁମାର ଦାସ ପଟ୍ଟନାୟକ ପ୍ରତିଯୋଗୀ ମାନଂକୁ ଏହି ପ୍ରତିଯୋଗିତାର ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏଭଳି ପ୍ରତିଯୋଗିତା ମାଧ୍ୟମରେ ନୂଆ ନୂଆ ନାଟ୍ୟକାର ସୃଷ୍ଟି କରିବାରେ ବିଶେଷ ସହାୟକ ହେବା ସହ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏଭଳି ପ୍ରତିଯୋଗିତା ପ୍ରଥମ ଥର ପାଇଁ ଅନୁଷ୍ଠିତ କରାଯାଉଛି ବୋଲି କାର୍ଯ୍ୟକାରୀ ସମ୍ପାଦକ ରାଜୀବ କୁମାର ପାତ୍ର ସୂଚନା ଦେଇଥିଲେ । ସର୍ବଶ୍ରୀ ପ୍ରଦୀପ କିଶୋର ମହାନ୍ତି, ପ୍ରୟାଶ ଶତପଥୀ, ପ୍ରଦୀପ ସରଘରିଆ, ଜ୍ଞାନରଞ୍ଜନ ପଣ୍ଡା ଅଧ୍ୟାପକ ଡ଼ଃ ଚନ୍ଦ୍ରଶେଖର ଦାସ, ଅଧ୍ୟାପିକା ଡ଼ଃ ସ୍ୱାଗତିକା ମିଶ୍ର ଓ ସୁଜୟ ମହାନ୍ତି ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।

# ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ

ବାହାନଗା(ନିପ୍ର): ସାମ୍ବାଦିକ ମାନେ ଜନସାଧାରଣ ଙ୍କ ବିଭିନ୍ନ ସମସ୍ୟା ସମ୍ୱଳିତ ଖବର ଓ ସରକାରଙ୍କ ଜନ କଲ୍ୟାଣ ମୂଳକ କାର୍ଯ୍ୟ କ୍ରମକୁ ଠିକ୍ ଭାବେ ଉପସ୍ଥାପନ କରି ନିଜର ପାରଦର୍ଶିତା ପ୍ରଦାନ କରିବାର ବେଳ ଆସିଛି ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତ ବ୍ୟକ୍ତ କରିଛନ୍ତି । ଓଡ଼ିଶା ସାମ୍ବାଦିକ ୟୁନିଅନ, ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ପଣ୍ଡା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯକ୍ରମ ରେ ପୂର୍ବତନ ଅଧ୍ୟକ୍ଷ ଗଜେନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବେ ସେଇଠୁ ଆରମ୍ଭ ର ସମ୍ପାଦକ ଶୁଭେନ୍ଦୁ ଦାସ ଯୋଗଦେଇ ଓଡ଼ିଆ ସାମ୍ବାଦିକତାର ଗୌରବମୟ ଇତିହାସ, ବର୍ତମାନ ସମୟରେ ସାମ୍ବାଦିକତାର ଆହ୍ୱାନ ଓ ଚ୍ୟାଲେଞ୍ଜ, ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଏବଂ ସାମ୍ବାଦିକଙ୍କ ନୈତିକ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେ କହିଥିଲେ ଯେ, ସାମ୍ବାଦିକତା କେବଳ ଏକ ପେଶା ନୁହେଁ, ବରଂ ସତ୍ୟ, ନିରପେକ୍ଷତା ଓ ଜନ ସେବାର ଏକ ମହାନ ଦାୟିତ୍ୱ । ଏହି କାର୍ଯ୍ୟକ୍ରମ ରେ ୟୁନିଅନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ଜାତୀୟ କାର୍ଯ୍ୟକାରୀଣି ସଦସ୍ୟ ରାମ ନାରାୟଣ ଶତପଥି, ଅଧ୍ୟାପକ ମହେଶ୍ୱର ଉପାଧ୍ୟାୟ ବରିଷ୍ଠ ସଦସ୍ୟ ଅରୂପ କୁମାର ଦାସ, ପ୍ରମୁଖ ଉଦବୋଧନ ଦେଇ ଓଡ଼ିଆ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ରୁଚିକ ରଞ୍ଜନ ମହାପାତ୍ର, ରମାକାନ୍ତ ପଣ୍ଡା, ରବି ରଞ୍ଜନ ତ୍ରିପାଠୀ , ନନ୍ଦ କିଶୋର ସାହୁ, କହ୍ନେଇ ଚରଣ ପ୍ରଧାନ, ଜୟଦେବ ଆଚାର୍ଯ୍ୟ, ସୋମନାଥ ସାହୁ, କୈଳାସ ଚନ୍ଦ୍ର ଦାସ, ଗୌତମ କୁମାର ମୁଖି, ସୁଶାନ୍ତ କୁମାର ବେହେରା, ଲୋକନାଥ ପୀରି, ସରୋଜ କୁମାର ସାହୁ, ଲକ୍ଷ୍ମୀଧର ବାରିକ ପ୍ରମୁଖ ସଦସ୍ୟ ମାନେ ଯୋଗ ଦେଇଥିଲେ । ଏହି ଅବସରରେ 'ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକତା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ରେପ୍ରଥମ ସ୍ଥାନ ଅଧିକାର କରିଥିବା ଭାଗ୍ୟଜ୍ୟୋତି ବେହେରା, ଦ୍ୱିତୀୟ ଉର୍ବଶୀ ଦାସ, ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦୀପକ କୁମାର ସାହୁ ଓ ଯଶୋଦାନ ଦାସଙ୍କୁ ୟୁନିଅନ ପକ୍ଷରୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲ ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଶୁଭାରମ୍ଭ ହେଲା ଆଗ୍ରି-ଲଜିଷ୍ଟିକ୍ସ ଏବଂ ସପ୍ଲାଇ ଚେନ୍ ମ୍ୟାନେଜମେଂଟ ବିଶେଷୀକୃତ ପାଠ୍ୟକ୍ରମ

ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟର ସେ[ର ଫର୍ ଆଗ୍ରି-ମ୍ୟାନେଜମେ[ ପକ୍ଷରୁ ଏମବିଏ (ଆଗ୍ରିବିଜିନେସ୍ ମ୍ୟାନେଜମେ[) ପାଠ୍ୟକ୍ରମ ଅଧୀନରେ 'ଆଗ୍ରି-ଲଜିଷ୍ଟିକ୍ସ ଏବଂ ସପ୍ଲାଇ ଚେନ୍ ମ୍ୟାନେଜମେ[' ବିଶେଷୀକୃତ ଶିକ୍ଷାଦାନର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଛି । ୨୦୨୬-୨୭ ଶିକ୍ଷାବର୍ଷରୁ ଏହି ନୂତନ ପାଠ୍ୟକ୍ରମ କାର୍ଯ୍ୟକାରୀ ହେବ ।କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ସଚିନ ଆର୍. ଯାଦବ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦକ୍ଷ ଆଗ୍ରି-ଲଜିଷ୍ଟିକ୍ସ ବ୍ୟବସ୍ଥା କୃଷକଙ୍କ ଆୟ ବୃଦ୍ଧି ଓ କୃଷି ବିପଣନରେ




ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଏହି ଅବସରରେ ସଭାପତିତ୍ୱ କରି କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ କହିଥିଲେ ଯେ, ଶିଳ୍ପର ଆବଶ୍ୟକତା ଅନୁଯାୟୀ ୱେରହାଉସିଂ, କୋଲ୍ଡ-ଚେନ୍, କ୍ରୟ, ପରିବହନ, ଖାଦ୍ୟ ପ୍ରକ୍ରିୟାକରଣ, କୃଷି ରପ୍ତାନି ଓ ଡିଜିଟାଲ୍ ସପ୍ଲାଇ ଚେନ୍ କ୍ଷେତ୍ରରେ ଦକ୍ଷ ମାନବ ସମ୍ପଦ ସୃଷ୍ଟି ଲକ୍ଷ୍ୟରେ ଏହି ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ପ୍ରଫେସର ସନତ ମିଶ୍ର, ପ୍ରଫେସର-ଇନ୍-ଚାର୍ଜ, ଉଇଗଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳସଚିବ ଡଃ ସ୍ୱାତୀ ମିଶ୍ର, ପି.ଜି. କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଜେ. ଦଣ୍ଡପାଟ, ବ୍ୟବସାୟ ପ୍ରଶାସନ ବିଭାଗର ମୁଖ୍ୟ ଡଃ ରଶ୍ମିତା ସାହୁ, ଆଗ୍ରି-ମ୍ୟାନେଜମେ[ ବିଭାଗର ମୁଖ୍ୟ ଦୀପକ ରାମ, ବିଭିନ୍ନ ବିଭାଗର ଅଧ୍ୟାପକ, ଗବେଷକ ଓ ଶିଳ୍ପ ଜଗତର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଝାରସୁଗୁଡ଼ା ପୌରାଂଚଳରେ ଜିଲ୍ଲାପାଳଙ୍କ ସମୀକ୍ଷା

ଝାରସୁଗୁଡ଼ା, (ନି.ପ୍ର.) ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ଝାରସୁଗୁଡ଼ା ପୌରପାଳିକା ଅନ୍ତର୍ଗତ ବିଭିନ୍ନ ନାଗରିକ ସୁବିଧାସୁଯୋଗ ଓ ଭିତିଭୂମିର ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକ ଓ ପରିଦର୍ଶନ ସମୟରେ ଝାରସୁଗୁଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ନିଶିକାନ୍ତ ଟେଟେଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଗସ୍ତ ସମୟରେ ଜିଲ୍ଲାପାଳ ପୁରୁଣା ବସ୍ ଷ୍ଟାଣ୍ଡ



ନିକଟରେ ଲାଗୁଥିବା ଶୁକ୍ରବାର ବଜାରର ଅତ୍ୟଧିକ ଜନଗହଳି ଓ ଟ୍ରାଫିକ୍ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ । ସାଧାରଣ ଜନତା ଏବଂ ବ୍ୟବସାୟୀଙ୍କ ସୁବିଧା ପାଇଁ ଏକ ବିକଳ୍ପ ମାର୍କେଟ ଜୋନ୍ ପ୍ରତିଷ୍ଠା ନିମନ୍ତେ ଯଥାଶୀଘ୍ର ଉପଯୁକ୍ତ ସ୍ଥାନ ଚିହ୍ନଟ କରିବାକୁ ସେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସରବାହାଲ ହାଇସ୍କୁଲ ପଡ଼ିଆରେ ଥିବା ଶୌଚାଳୟର ସ୍ଥିତି ଅନୁଧ୍ୟାନ କରି ଏହାର ତୁରନ୍ତ ମରାମତି ଓ ସଠିକ୍ ରକ୍ଷଣାବେକ୍ଷଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି, ଯାହାଦ୍ୱାରା ଖେଳାଳି ଓ ସ୍ଥାନୀୟ ଜନସାଧାରଣ ସ୍ୱଚ୍ଛ ଏବଂ ବ୍ୟବହାରପୋଗ୍ୟ ଶୌଚାଳୟର ସୁବିଧା ପାଇପାରିବେ ।

# ଜୟହିନ୍ଦ୍ କ୍ଲବ ଫୁଟବଲ ପ୍ରତିଯୋଗିତା, ବିଏଫସି କୁଚିଣ୍ଡା ବିଜୟୀ ହୋଇ ସେମିଫାଇନାଲରେ

ଝାରସୁଗୁଡା(ନି.ପ୍ର.)-ସ୍ଥାନିୟ ମନମୋହନ ସ୍କୁଲ ଫୁଟବଲ ପଡିଆରେ ଜୟହିନ୍ଦ କ୍ଲବ ଆନୁକୁଲ୍ୟରେ ୧୩ ତମ ଲିଗ ଫୁଟବଲ ପ୍ରତିଯୋଗିତାର ୩ୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି । ଆଜି ୧୫ ଦିବସର ମ୍ୟାଚ ସନରାଇଜ କ୍ଲବ ବେଲପାହାଡ ଓ ବିଏଫସି କୁଚିଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା । ବିଏଫସି କୁଚିଣ୍ଡା ୨ -୦ ଗୋଲରେ ବିଜୟୀ ହୋଇ ୩ୟ ଦଳ ଭାବରେ ସେମିଫାଇନାଲରେ



ପ୍ରବେଶ କରିଛି । ଏହି ମ୍ୟାଚରେ ବିଏଫସି କୁଚିଣ୍ଡା ର ବିକ୍ରମ ମାଝି ସର୍ବଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ ହୋଇ ଥିଲେ ।ଆଜିର ମ୍ୟାଚରେ ଝାରସୁଗୁଡା ର ବରିଷ୍ଠ ଆଇନଜିବୀ ସନ୍ଦିପ ଅଗସ୍ତି , ଆଇନଜିବୀ ବିଜୟ ବେହେରା ଓ କ୍ରୀଡା ସଂଘର ଉପ-ସଭାପତି ବିଜୟ ଦାସ ଅତିଥି ଭାବରେ ଯୋଗ ଦେଇ ଖେଳାଳି ମାନଙ୍କ ସହିତ ପରିଚିତ ହୋଇ ଥିଲେ । ଏହି ଖେଳକୁ ଜଗନ୍ନାଥ ରାଓ , ଅମିତ ବାଗ ,ଅରୁଣ ମୁଣ୍ଡା ଓ ଅଗସ୍ତି ହାତିପଦ ଓ ପ୍ରଭୃତି ପରିଚାଳନା କରି ଥିଲେ ।

# ବନ୍ୟା ବିଭୀଷିକା ଭିତରେ ବଳିପଡ଼ିଲା ମାନବିକତା

## ପିତେଇପୁର ଜେନାସାହିର ଭୋକିଲା ପେଟରେ ରାଜନୀତିର ଛାଟ

ଧାମନଗର,(ନି.ପ୍ର.) ଉଛୁଳା ବୈତରଣୀ ଓ ଗେଙ୍ଗୁଟି ନଦୀର କରାଳ ରୂପ ଯେତିକି ଭୟଙ୍କର ନଥିଲା, ତା'ଠୁ ଅଧିକ ହୃଦୟବିଦାରକ ଓ ନିନ୍ଦନୀୟ ଥିଲା ବନ୍ୟା ପରବର୍ତୀ ପ୍ରଶାସନିକ ଅବହେଳା ଓ ଶାସକ ଦଳର ସଂକୀର୍ଣ୍ଣ ରାଜନୀତି । ଧାମନଗର ବ୍ଲକ ସୋହଡ଼ା ପଂଚାୟତ ୮ ନମ୍ବର ୱାର୍ଡ ଅନ୍ତର୍ଗତ ପିତେଇପୁର ଜେନାସାହି ଆଜି ମାନବିକତା ଶୂନ୍ୟତାର ଏକ ଜ୍ୱଳନ୍ତ ଉଦାହରଣ ସାଜିଛି । ଏହି ଦଳିତ ସାହିର ୪୦ଟି ପରିବାରର ୩୦୦ରୁ ଉର୍ଦ୍ଧ୍ୱ ଅସହାୟ ଲୋକ ବନ୍ୟାର କରାଳ ଗ୍ରାସରେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ।ସକାଳେ ମଜୁରୀ ଲାଗିଲେ ସନ୍ଧ୍ୟାରେ ଯାହାଙ୍କ ଚୁଲି ଜଳେ, ସେହି ଅଭାବୀ ଦିନମଜୁରିଆଙ୍କ ପାଖରେ ସଂଚିତ ଖାଦ୍ୟ ବୋଲି କିଛି ନଥିଲା । ଗତ ୨୮ ତାରିଖ ରାତିରେ ବ୍ଲକ କାର୍ଯ୍ୟାଳୟରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସମୀକ୍ଷା ପରେ ପ୍ରଶାସନ ତତ୍ପର ହୋଇଥିଲା ସତ, କିନ୍ତୁ ସୂଚନା ମିଳିବା ବେଳକୁ ପାଣି ଦୁଆର ମୁହଁରେ । ଛୁଆପିଲାଙ୍କ ପାଇଁ ମୁଠାଏ ଆହାର ଯୋଗାଡ଼ କରିବା ଆଗରୁ ଜଳପ୍ଲାବନ ଘେରିଯିବାରୁ ଲୋକେ ଆତଙ୍କିତ ହୋଇ ଆଶ୍ରୟସ୍ଥଳୀକୁ ଉଠିଯାଇଥିଲେ ।ଏହି ତିନିଦିନ ଧରି



କୋମଳମତି ଶିଶୁ, ଗର୍ଭବତୀ ମହିଳା ଓ ବୃଦ୍ଧବୃଦ୍ଧାମାନଙ୍କୁ ଧରି ଏହି ୩୦୦ ବିପନ୍ନ ଲୋକ ଭୋକ-ଶୋଷରେ ଆଉଟୁପାଉଟୁ ହୋଇ ଛଟପଟ ହୋଇଛନ୍ତି । ସରକାରୀ ସ୍ତରରୁ ଚୁଡ଼ା, ଗୁଡ଼, ରନ୍ଧାଖାଦ୍ୟ କିମ୍ବା ଟୋପାଏ ପିଇବା ପାଣି ବି ଏହି ସାହିକୁ ମିଳିନାହିଁ । ଗାଁ ସ୍କୁଲରେ ସରକାରୀ ଅନୁଦାନରେ ଖାଦ୍ୟ ରୋଷେଇ ହୋଇ ଅନ୍ୟ ସାହିକୁ ବ[ାଯାଉଥିବା ବେଳେ, କେବଳ ଭିନ୍ନ ରାଜନୈତିକ ମତଧାରା ପାଇଁ ଏହି ଦଳିତ ସାହିଟିକୁ ସମ୍ପୂର୍ଣ୍ଣ ଅବହେଳା କରାଗଲା । ସାହିର ଲିସା ରାଣୀ ଜେନା ଲୁହଭରା ଆଖିରେ କହିଛନ୍ତି, ଜାଣିଶୁଣି ଆମକୁ ରିଲିଫରୁ ବଂଚିତ କରାଗଲା । ସଙ୍କଟ ସମୟରେ ବି ପେଟକୁ ନେଇ ରାଜନୀତି କରାଗଲା । ସେହିପରି ସନାତନ ଜେନା କହିଛନ୍ତି ଯେ, ବନ୍ୟା ଛାଡ଼ିବା ପରେ ବି ପ୍ରଶାସନ ସେମାନଙ୍କ ଦୁଃଖ ବୁଝିନାହିଁ । ଘରଦ୍ୱାର ଭାଙ୍ଗି ନଷ୍ଟ ହୋଇଯାଇଥିବା ବେଳେ ଖୋଲା ଆକାଶ ତଳେ ପଡ଼ିରହିଥିବା ଏହି ପରିବାରଗୁଡ଼ିକୁ ପଲିଥିନ ଖଣ୍ଡିଏ ସୁଦ୍ଧା ମିଳିନାହିଁ । ଗ୍ରାମବାସୀ ରତ୍ନାକର ଦାସ ସିଧା ସଳଖ ଅଭିଯୋଗ କରିଛନ୍ତି ଯେ, ପଂଚାୟତର ଶାସକ ଦଳ ନେତାମାନଙ୍କ ଚକ୍ରାନ୍ତ ଯୋଗୁଁ ପ୍ରଶାସନ ବାଟବଣା ହୋଇଛି ।ସୋଧ ରାଜସ୍ୱ ନିରୀକ୍ଷକ ବନ୍ୟାପାଣି ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନତାକୁ କାରଣ ଦର୍ଶାଇ ଖୁବଶୀଘ୍ର ପଲିଥିନ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ଭୋକ, ଶୋଷ ଓ ପକ୍ଷପାତିତାର ଶିକାର ହୋଇଥିବା ପିତେଇପୁର ଜେନାସାହିର ଅଭାବୀ ଲୋକଙ୍କ ଆଖିରୁ ଲୁହ ଏବେ ବି ଶୁଖିନାହିଁ ।ସୂଚନା ଥାଉକି ଉକ୍ତ ପଂଚାୟତ ର ଜୈନିକ ପ୍ରଭାବଶାଳୀ ନେତା ବ୍ଲକ ପ୍ରଶାସନ ଙ୍କୁ ନିଜ ନିୟନ୍ତ୍ରଣ ରେ ରଖି ଉକ୍ତ ପଂଚାୟତ ରେ ବନ୍ୟା ମୁକାବିଲା କରୁଥିବା ବେଳେ ନିଜ ବପାଂଚୟତ ବିପନ୍ନ ଙ୍କୁ ଅଣ ଦେଖା କେତେ ଦୂର ଠିକ ବୋଲି ଉକ୍ତ ଅଂଚଳ ର ବନ୍ୟାବିପନ୍ନ ମାନେ କହିଛନ୍ତି । ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଜିଲ୍ଲାପାଳଙ୍କ ବେଲପାହାଡ଼ ଗସ୍ତ

ଝାରସୁଗୁଡ଼ା,(ନି.ପ୍ର.) ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ବେଲପାହାଡ଼ ପୌରାଂଚଳ ଗସ୍ତ କରି ବିଭିନ୍ନ ଚାଲିଥିବା ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଏହି ଗସ୍ତ ସମୟରେ ବେଲପାହାଡ଼ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଗୌରବ ପ୍ରଧାନ ଓ ପୂର୍ତ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଗସ୍ତ ପ୍ରାରମ୍ଭରେ ଜିଲ୍ଲାପାଳ ମଳିପଡ଼ା ଅଂଚଳ ପରିଦର୍ଶନ କରି ଜନ୍ଧଣ ବିଭାଗ ଦ୍ୱାରା ଆକଳନ କରାଯାଇଥିବା ପ୍ରାୟ ୨.୩୧ କୋଟି ଟଙ୍କାର ନୂତନ ଡ୍ରେନ୍ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ । ସ୍ଥାନୀୟ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ଡ୍ରେନ୍ ନିର୍ମାଣ କାର୍ଯ୍ୟକୁ ଆସନ୍ତା ଡେଢ଼ ମାସ ମଧ୍ୟରେ ଯୁଦ୍ଧକାଳୀନ ଭିତିରେ ଶେଷ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ପରେ ଜିଲ୍ଲାପାଳ ବେଲପାହାଡ଼ ଗୋଶାଳା ପରିଦର୍ଶନ କରିଥିଲେ । ଗୋଶାଳାରେ ଅଧିକ ସଂଖ୍ୟକ ଗୋରୁଙ୍କୁ ରଖିବା ପାଇଁ ବ୍ୟବସ୍ଥା କରିବା ସହ ସମଗ୍ର ପରିସରକୁ ପରିଷ୍କାର-ପରିଚ୍ଛନ୍ନ ରଖିବାକୁ ସେ ପରାମର୍ଶ ଦେଇଛନ୍ତି । ଏହା ସହିତ ଗୋଶାଳା ପରିସରରେ ପେଭର୍ ବ୍ଲକ୍ ? ବିଛାଇବା, ବିଶାଳ ପରିସରର ସଠିକ୍ ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ପ୍ରାଚୀର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ବନ୍ୟା ପ୍ରପିଡିତ ଶୁକୁଟା ମୁଖୀଙ୍କୁ ସହାୟତା

ଖଇରା(ନି.ପ୍ର.)ନିକଟରେ ଲଘୁଚାପ ବର୍ଷାବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ଗ୍ରାମର ଶୁକୁଟା ମୁଖୀଙ୍କ ଛପର ଘର ନଷ୍ଟ ହୋଇ ଯାଇଥିଲା । ଅସହାୟ ଭାବେ ଦିନକାଟୁଥିବା ବେଳେ ସହଯୋଗର ହାତ ବଢାଇଛନ୍ତି କାକୁଡିଆ ଗ୍ରାମର ମା ବାମକାଳୀ ସଂଘର ସଦସ୍ୟ ଗଣ । ସଂଘର ର ଉପଦେଷ୍ଟା ଦିବାକର ନାୟକ,ସଭାପତି ସ୍ୱପ୍ନେଶ୍ୱର ଲେଙ୍କା,ପ୍ରତିଷ୍ଠାତା ତୃପ୍ତିକାନ୍ତ ନାୟକ,ଉପସଭାପତି ଜନ୍ମେଜୟ ନାୟକ ଓ କୋଷାଧକ୍ଷ ଶିଶିର ନାୟକ ପ୍ରମୁଖ ଶୁକୁଟା ମୁଖିଙ୍କୁ ଭେଟି ରହିବା ପାଇଁ ପଲିଥିନ ଓ ଖାଦ୍ୟପଦାର୍ଥର ବ୍ୟବସ୍ଥା କରିବା ସହ ଛପର ଘର ନିର୍ମାଣ ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି । ଅନ୍ୟାନ୍ୟ ସଦସ୍ୟଙ୍କ ମଧ୍ୟରେ ରାଜେନ୍ଦ୍ର ନାୟକ,ରମାକାନ୍ତ ମହାନ୍ତି,ଗୋପାଳ ଖିଲାର ,ତ୍ରିଲୋଚନ ଲେଙ୍କା,ସୁଦର୍ଶନ ଲେଙ୍କା,ଆକାଶ,ଲକ୍ଷ୍ମୀଧର, ଆଶୁତୋଷ,ଜୁଲୁ, ଦିବ୍ୟଜ୍ୟୋତି, ଆଲୋକ, କାଳିଆ,ରବି,ସତ୍ୟମ ଓ ଅଶିତ ପ୍ରମୁଖ ଉପସ୍ଥିତ ଥିଲେ ।

# ହଷ୍ଟେଲ ଭିତରେ ଛାତ୍ରଙ୍କ ପ୍ରଜାକୋର୍ଟ

## ବର୍ବରତାର ସୀମା ଟପିଛି ରିଭଲକଣା ଛାତ୍ର ସେବାଶ୍ରମ

ରାୟଗଡ଼ା (ନି.ପ୍ର) ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲରେ ବର୍ବରତା ସୀମା ପାର ହୋଇଛି । ରାତି ଅଧରେ ହଷ୍ଟେଲ୍ ପରିସରରେ ହୋଇଛି ପ୍ରଜାକୋର୍ଟ । ଏଭଳି ଘଟଣା ରାୟଗଡା ଜିଲ୍ଲା ରିଭଲକୋଣା ଏସଏସଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ଘଟିଛି । ଶିକ୍ଷକଙ୍କୁ ନିର୍ଯ୍ୟାତନା ସଂକ୍ରାନ୍ତରେ ଅଭିଯୋଗ କରିବା ପରେ ଜଣେ ୧୦ମ ଶ୍ରେଣୀର ଛାତ୍ର ନବମ ଶ୍ରେଣୀର ୨୭ ଜଣ ଛାତ୍ରକୁ ବାଡିରେ ନିସ୍ତୁକ ମାଡ ମାରିଛି । ଅନେକ ଛାତ୍ର ଆହାତ ହୋଇଥିବା ବେଳେ ସଂପୃକ୍ତ ଛାତ୍ରକୁ ଘରକୁ ପଠାଇ ଦେଇଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ । ଘଟଣା ପ୍ରଘଟ ହେବା ପରେ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ତଦନ୍ତ ।ହଷ୍ଟେଲ୍ ? ଭିତରେ ରାତି ଅଧରେ ପ୍ରଜାକୋର୍ଟ । ଆଉ ଏହି ପ୍ରଜାକୋର୍ଟରେ ଦଣ୍ଡିତ ହୋଇଛନ୍ତି ନବମ ଶ୍ରେଣୀର ୨୭ଜଣ ଣ ଛାତ୍ର । ହଷ୍ଟେଲ୍ ? ଭିତରେ ସୀମା ପାର ହୋଇଛି ବର୍ବରତା । ବାରମ୍ବାର ମଙ୍ଗଳ ଫଳ ବିଭାଗ ଦ୍ୱାରା ଦ୍ୱାରା ପରିଚାଳିତ ପଟି ସେବାଶ୍ରମ ମାନଙ୍କରେ କାହିଁକି ଘଟୁଛି ଏଭଳି ଘଟଣା । ଯାହାକୁ ଯାହାକୁ ନେଇ ଏବେ ବୁଦ୍ଧିଜିବୀ ଚିନ୍ତା ପ୍ରକଟ କରିଛନ୍ତି । ଭଲ ଭାବେ ଦେଖନ୍ତୁ ଏହି ଏହି



ଦୃଶ୍ୟକୁ ଦୃଶ । ଏହି ଦୃଶ୍ୟ ହେଉଛି ରାୟଗଡା ଜିଲ୍ଲା ରିବଲକୋଣା ଏସଏସଡି ହାଇସ୍କୁଲର ଦୃଶ୍ୟ । ଦୃଶ୍ୟ ଦେଖିଲେ ଲୋମ ଟାଙ୍କୁରୀ ଯାଉଛି । ଜଣେ ପରେ ଜଣେ ଛାତ୍ରକୁ ଏହି ଛାତ୍ର ଜଣକ ନଡିଆ ବାହୁଙ୍ଗା ଓ କ୍ରିକେଟ୍ ବେଟରେ ପିଟି ଚାଲିଛନ୍ତି । ନିଜ ନାଁ ଡାକି ଜଣ ଜଣକୁ ପାଖକୁ ଆସିବା ପାଇଁ କହିବା ପରେ ନିସ୍ତୁକ ମାଡ ମାରୁଛି । ପିଲା ମାନଙ୍କ ନଙ୍କ ଶରୀରର ବିଭିନ୍ନ ସ୍ଥାନରେ ମାଡ ମାରି ଚାଲିଛି ଏହି ୧୦ମ ଶ୍ରେଣୀର ଛାତ୍ର ବିଦ୍ୟାଳୟରେ ଲିଙ୍ଗରାଜ ଜୁନିୟର୍ ପିଲା ମାନଙ୍କୁ ଡରାହରା କରୁଥିଲା । ତେବେ ପ୍ରଧାନଶିକ୍ଷକଙ୍କୁ ଅଭିଯୋଗ କରିବା ପରେ ଲିଙ୍ଗରାଜ ରାଗରେ ରାତି ୧୨ଟା ସମୟରେ ହଷ୍ଟେଲ ପିଲାଙ୍କୁ ମାଡ ମାରିଛି । ଗତ ରବିବାର ରାତି ୧୨ଟା ସମୟରେ ନବମ ଶ୍ରେଣୀର ପିଲା ମାନଙ୍କୁ ଶାରୀରିକ ନିର୍ଯ୍ୟାତନା ଦିଆଯାଇଛି । ଘଟଣାର ଜନୈକ ୧୦ମ ଶ୍ରେଣୀର ଛାତ୍ର ପିଲା ମାନଙ୍କୁ ମାଡ ମାରୁଥିବା ବେଳେ ତାର କିଛି ସାଥୀ ଛାତ୍ର ପିଲା ମାନଙ୍କୁ ମାଡ ମାରିବା ପାଇଁ ଉତ୍ସାହିତ କରୁଥିଲେ । ପିଲାଙ୍କୁ ମାଡ ମାରିବା ଭିଡିଓକୁ ମଧ୍ୟ ନିଜ ମୋବାଇଲ୍ ରେ ଉଠାଉଛନ୍ତି ଏଭଳି କିଛି ଦୃଶ୍ୟ ମଧ ସାମାଜିକ ଗଣମାଧମରେ ଘୁରି ବୁଲୁଛି । ଆହତ ଛାତ୍ର ମାନେ ଅଭିଯୋଗ କରିଛନ୍ତି କିଛି ସିନିୟର୍ ଛାତ୍ର ହଷ୍ଟେଲ ପରିସରରେ ନିଶା କାରବାର କରୁଛନ୍ତି । ତେବେ ଏହି ଘଟଣା ଜଣାପଡିବା ପରେ ମଙ୍ଗଳ ବିଭାଗର ଗୋଷ୍ଠୀ ମଙ୍ଗଳ ଅଧିକାରୀ ତନାଘନା ଆରମ୍ଭ କରିଛନ୍ତି । ଘଟଣାକୁ ନେଇ ସଂପୃକ୍ତ ଛାତ୍ରଙ୍କ ବିରୋଧରେ ଚାନ୍ଦିଲି ଥାନାରେ ଏତଲା ଦେଇଛନ୍ତି ସ୍କୁଲ କର୍ତ୍ତୃପକ୍ଷ ହଷ୍ଟେଲ ପରିସରରେ ଉକ୍ତ ଅଭିଯୁକ୍ତ ଛାତ୍ର ଅନେକ ଥର ପିଲା ମାନଙ୍କୁ ନିର୍ଯ୍ୟାତନା ଦେଇଛି । ହେଲେ ଭୟରେ ଉକ୍ତ ଅବିଭକ୍ତ ଛାତ୍ର ବିରୁଦ୍ଧରେ କୌଣସି ନିର୍ଯାତିତ ଛାତ୍ର ପାଟି ଖୋଲୁ ନାହାଁନ୍ତି ।

# ନିମ୍ନମାନର ରାସ୍ତା ନିର୍ମାଣକୁ ନେଇ ଜନ ଅସନ୍ତୋଷ

କୋରେଇ(ନି.ପ୍ର) : ଯାଜପୁର ଜିଲ୍ଲା କୋରେଇ ପଂଚାୟତ ସମିତି ଅଧୀନ ସାଦକପୁର ପଂଚାୟତରେ ସରକାରୀ ଅର୍ଥରେ ନିର୍ମାଣ ହୋଇଥିବା ଏକ ସିମେ[ କଂକ୍ରିଟ (ସିସି) ରାସ୍ତାର ମାନକୁ ନେଇ ପୁଣି ଥରେ ପ୍ରଶ୍ନ ଉଠିଛି । ପଂଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧୀନରେ ପଂଚାୟତ କାର୍ଯ୍ୟାଳୟଠାରୁ କାଲୁ ଖାଁଙ୍କ ଘର ପର୍ଯ୍ୟନ୍ତ ଥିବା ସିସି ରାସ୍ତାକୁ ଆର୍ଥିକ ବର୍ଷ ୨୦୨୫-୨୬ରେ ୧୫ତମ କେନ୍ଦ୍ରୀୟ ଅର୍ଥ କମିଶନ ଯୋଜନାରୁ ପ୍ରାୟ ୧ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ବିଭାଗୀୟ ଯନ୍ତ୍ରୀ ଦିବ୍ୟ ସାମଲଙ୍କ ତତ୍ତ୍ୱାବଧାନରେ ମରାମତି କରାଯାଇଥିଲା । ମାତ୍ର କାର୍ଯ୍ୟ ଶେଷ ହେବାର ଛଅ ମାସ ମଧ୍ୟ ବିତିନଥିବାବେଳେ ରାସ୍ତାରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିବାରୁ ନିର୍ମାଣ କାର୍ଯ୍ୟର ଗୁଣବତା ଓ ସ୍ୱଚ୍ଛତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ସମୟରେ ସରକାରୀ ନିୟମ ଅନୁଯାୟୀ କୌଣସି ସୂଚନା ଫଳକ





ସ୍ଥାପନ କରାଯାଇନଥିଲା । ଫଳରେ କାର୍ଯ୍ୟର ବ୍ୟୟ ଅଟକଳ, କାର୍ଯ୍ୟର ମାନ, ବ୍ୟବହୃତ ସାମଗ୍ରୀ ଓ ସମୟସୀମା ସମ୍ପର୍କରେ ସାଧାରଣ ଲୋକ ଅବଗତ ହୋଇପାରିନଥିଲେ । ଏହାକୁ ନେଇ ସ୍ଥାନୀୟ ୱାର୍ଡ ମେମ୍ବର ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ କରି ବିଭାଗୀୟ ଯନ୍ତ୍ରୀ, ସାଦକପୁର ପଂଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଂଚ ଏବଂ କୋରେଇ ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡିଓ) ଅବନିକାନ୍ତ ସାହୁଙ୍କ ନିକଟରେ ଲିଖିତ ଅଭିଯୋଗ ମଧ୍ୟ ଦାଖଲ କରିଥିଲେ । ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲେ ମଧ୍ୟ ଏହାର କୌଣସି ନିରପେକ୍ଷ ତଦନ୍ତ କରାଯାଇନଥିବା ସହ ଅଭିଯୋଗର ସତ୍ୟତା ଯାଂଚ ନକରି କାର୍ଯ୍ୟର ବିଲ୍ ପାସ୍ କରାଯାଇଥିବା ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ବିଭାଗୀୟ ଯନ୍ତ୍ରୀ ଓ ସମ୍ପୃକ୍ତ ପଂଚାୟତ ପ୍ରତିନିଧିଙ୍କ ମଧ୍ୟରେ ଅସାଧୁ ବୁଝାମଣା ମାଧ୍ୟମରେ ବିଲ୍ ପାସ୍ କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହେଉଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏବେ ରାସ୍ତାଟି ବିଭିନ୍ନ ସ୍ଥାନରେ ଫାଟି ଆଁ କରିଥିବାରୁ ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବା ଏବଂ ପ୍ରଯୁକ୍ତିଗତ ମାନଦଣ୍ଡକୁ ଅବହେଳା କରାଯାଇଥିବା ନେଇ ସ୍ଥାନୀୟ ବାସିନ୍ଦା ସନ୍ଦେହ ପ୍ରକାଶ କରିଛନ୍ତି । ସେମାନଙ୍କ କହିବା କଥା, ଯଦି ରାସ୍ତାଟି ନିର୍ଦ୍ଧାରିତ ମାନ ଅନୁଯାୟୀ ନିର୍ମାଣ ହୋଇଥାନ୍ତା, ତେବେ ଏତେ କମ୍ ସମୟ ମଧ୍ୟରେ ଏଭଳି ଅବସ୍ଥା ସୃଷ୍ଟି ହୋଇନଥାନ୍ତା । ସରକାରୀ ଅର୍ଥରେ ହେଉଥିବା ବିକାଶମୂଳକ କାର୍ଯ୍ୟର ଗୁଣବତା ଉପରେ ଏଭଳି ଘଟଣା ପ୍ରଶ୍ନ ଉଠାଇଛି । ଅନ୍ୟପକ୍ଷରେ କୋରେଇ ବ୍ଲକ୍ ଅଧୀନର ଅନେକ ପଂଚାୟତରେ ମଧ୍ୟ ସରକାରୀ ବିକାଶମୂଳକ କାର୍ଯ୍ୟରେ ନିମ୍ନମାନର ନିର୍ମାଣ, ଅନିୟମିତତା ଓ ସ୍ୱଚ୍ଛତାର ଅଭାବ ନେଇ ବାରମ୍ବାର ଅଭିଯୋଗ ଆସୁଥିବାବେଳେ ସାଦକପୁର ପଂଚାୟତରେ ଏପରି ଅଭିଯୋଗ ଅଧିକ ଚର୍ଚ୍ଚାର ବିଷୟ ପାଲଟିଛି । ସରକାରୀ ଅର୍ଥର ସଠିକ୍ ବିନିଯୋଗ ହେଉଛି କି ନାହିଁ ଏବଂ ଗୁଣବତା ଯାଂଚ କିପରି କରାଯାଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନଙ୍କ ମତରେ, ଅଭିଯୋଗ ଆସିବା ପରେ ମଧ୍ୟ ବ୍ଲକ୍ ପ୍ରଶାସନର ନୀରବତା ସନ୍ଦେହକୁ ଆହୁରି ବଢ଼ାଉଛି । ଯଦି ପ୍ରାରମ୍ଭିକ ପର୍ଯ୍ୟାୟରେ ଅଭିଯୋଗର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ପଦକ୍ଷେପ ନିଆଯାଇଥାନ୍ତା ତେବେ ଆଜି ଏଭଳି ପରିସ୍ଥିତି ଉପୁଜିନଥାନ୍ତା । ବିକାଶମୂଳକ କାର୍ଯ୍ୟରେ ଦାୟିତ୍ୱହୀନତା ଓ ଅବହେଳା ଯୋଗୁଁ ସରକାରୀ ଅର୍ଥର ଅପବ୍ୟୟ ହେଉଥିବା ଅଭିଯୋଗ ମଧ୍ୟ ଉଠିଛି । ଏହି ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ନିର୍ମାଣ କାର୍ଯ୍ୟର ଗୁଣବତା ପରୀକ୍ଷା କରିବା ସହିତ ଯଦି କୌଣସି ଅନିୟମିତତା କିମ୍ବା ଦୁର୍ନୀତି ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ଠିକାଦାର, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଭାଗୀୟ ଯନ୍ତ୍ରୀ ଓ ଅନ୍ୟ ଦାୟୀ ଅଧିକାରୀଙ୍କ ବିରୋଧରେ କଠୋର ଆଇନଗତ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀମାନେ ଦୃଢ଼ ଦାବି କରିଛନ୍ତି । ଏବେ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଏହି ଅଭିଯୋଗକୁ କେତେ ଗୁରୁତ୍ୱର ସହ ନେଉଛନ୍ତି ଏବଂ କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି ।


# କେନ୍ଦ୍ରାପଡ଼ା ଜିଲ୍ଲାର ବନ୍ୟାସ୍ଥିତିର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

କେନ୍ଦ୍ରାପଡ଼ା,:ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ବିଭାଗ ମନ୍ତ୍ରୀ କେ.ଭି. ସିଂହଦେଓ ଆଜି କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅ□ଳ ପରିଦର୍ଶନ କରି ବନ୍ୟା ପରିସ୍ଥିତି, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଏବଂ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଓ ପଦକ୍ଷେପ ସମ୍ପର୍କରେ ସ୍ଥିତି ସମୀକ୍ଷା କରିଛନ୍ତି । ଆଜି ସକାଳେ ଉପମୁଖ୍ୟମନ୍ତ୍ରୀ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ଛକ, କୃଷ୍ଣଦାସପୁର (ସିଂହଗାଁ), ଅଣ୍ଡରା ଗ୍ରାମ ପ□ାୟତ ଅନ୍ତର୍ଗତ ନଦୀକୂଳ ହରିଜନସାହି ଏବଂ ଅମୃତମଣୋହୀ ଗ୍ରାମ ପ□ାୟତ ଅନ୍ତର୍ଗତ ଜଗନ୍ନାଥପୁର ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ବନ୍ୟା ପ୍ରଭାବିତ ଅ□ଳର ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଛନ୍ତି । ଏହାପରେ ଆଳି ବ୍ଲକ୍ ଅନ୍ତର୍ଗତ ଭୂଇଁପୁର, ମାନପୁର, ମଙ୍ଗରାଜପୁର, ଠାକୁରପାଟଣା ପେତପଡା ପରିଦର୍ଶନ କରି ଉପମୁଖ୍ୟମନ୍ତ୍ରୀ ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ ଏବଂ ବନ୍ୟା ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିଥିଲେ । ପରିଦର୍ଶନ ସମୟରେ ଉପମୁଖ୍ୟମନ୍ତ୍ରୀ ଲୋକଙ୍କ ସ୍ଥାନାନ୍ତରଣ, ରିଲିଫ୍ ବ□ନ,




ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଯୋଗାଯୋଗ ବ୍ୟବସ୍ଥା, କୃଷି କ୍ଷୟକ୍ଷତି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ । ବନ୍ୟା ପ୍ରଭାବିତ ଲୋକଙ୍କ ନିକଟରେ ତ୍ୱରିତ ଓ ଆବଶ୍ୟକ ସହାୟତା ପହ□ାଇବା ନିମନ୍ତେ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ସେ ସମୀକ୍ଷା କରିଥିଲେ । ଅପରାହ୍ନ ୩ଟା ସମୟରେ କେନ୍ଦ୍ରାପଡ଼ା ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ବନ୍ୟା ପରିସ୍ଥିତି ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ଜିଲ୍ଲାର ସାମଗ୍ରିକ ବନ୍ୟା ପରିସ୍ଥିତି, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ, ସ୍ଥାନାନ୍ତରଣ ବ୍ୟବସ୍ଥା, ରିଲିଫ୍ କେନ୍ଦ୍ର ଓ ମାଗଣା ରନ୍ଧାଘରର ପରିଚାଳନା, ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା, ସ୍ୱାସ୍ଥ୍ୟ ଓ ପ୍ରାଣୀ ଚିକିତ୍ସା ସେବା, ରାସ୍ତା ଓ ଯୋଗାଯୋଗ ବ୍ୟବସ୍ଥାର ପୁନରୁଦ୍ଧାର ଏବଂ କ୍ଷୟକ୍ଷତି ଆକଳନର ସ୍ଥିତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ । ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ସମୟୋଚିତ ଓ ପ୍ରଭାବଶାଳୀ ସହାୟତା ଯୋଗାଇବା ସହ ସ୍ୱାଭାବିକ ପରିସ୍ଥିତିର ଶୀଘ୍ର ପୁନରୁଦ୍ଧାର ନିମନ୍ତେ ବିଭିନ୍ନ ବିଭାଗର ପ୍ରସ୍ତୁତି, ପରସ୍ପର ସମନ୍ୱୟ ଏବଂ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ବନ୍ୟା ପ୍ରଭାବିତ ଅ□ଳରେ ଆବଶ୍ୟକ ରିଲିଫ୍, ଉଦ୍ଧାର, ସ୍ୱାସ୍ଥ୍ୟସେବା ଓ ଅତ୍ୟାବଶ୍ୟକ ସେବା ତ୍ୱରିତ ଭାବେ ପହ□ାଇବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କ ସମେତ ଜିଲ୍ଲାପାଳ ରଘୁରାମ ଆର. ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନିରନ୍ତର ପ୍ରୟାସ ଦ୍ୱାରା ପ୍ରତିଭାର ବିକାଶ ହୋଇଥାଏ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସକାଳେ ଏକ ଏକ୍ସ ପୋଷ୍ଟରେ ଏକ ବାର୍ତ୍ତା ସେୟାର କରିଛନ୍ତି । ଏହି ମହାନ କାର୍ଯ୍ୟରେ ନିରନ୍ତର ପ୍ରୟାସ ଏବଂ ସମର୍ପଣ ସହିତ ପ୍ରତିଭାକୁ ଆହୁରି ଉନ୍ନତ କରିବାର ଆବଶ୍ୟକତା ଉପରେ ସେ ଆଲୋକପାତ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଏକ୍ସରେ ଏକ ସଂସ୍କୃତ ଶ୍ଳୋକ ସେୟାର କରିଛନ୍ତି, 'ଜ୍ଞାନେନ ପରି କୌଣସି ପବିତ୍ର ମେହ ନାହିଁ । ତତସ୍ୱୟମ୍ ଯୋଗାସନସିଦ୍ଧ: କାଲେନାତମର ବିନ୍ଦୁତି । ଏହାର ଅର୍ଥ ହେଉଛି ଯେ ଏହି ଦୁନିଆରେ ଜ୍ଞାନ ଭଳି ପବିତ୍ର କରିବା ଭଳି କିଛି ନାହିଁ । ଯେଉଁ ସାଧକଙ୍କ ବିବେକ କର୍ମଯୋଗ କିମ୍ବା ସାଧନା ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଶୁଦ୍ଧ ହୋଇଛି, ସମୟ ଆସିଲେ, ସେ ସ୍ୱୟଂକ୍ରିୟ ଭାବେ ନିଜ ଭିତରେ ଥିବା ସର୍ବୋଚ୍ଚ ଜ୍ଞାନକୁ ଅନୁଭବ କରିଥାଏ । ସେ କହିଥିଲେ ଯେ ନିରନ୍ତର ପ୍ରୟାସ ଏବଂ ଅଧ୍ୟବସାୟ ଦ୍ୱାରା ପ୍ରତିଭା ବିକଶିତ ହୋଇଥାଏ । ଆଜି, ଆମର ଯୁବକମାନେ ଏହି ଗୁଣଗୁଡ଼ିକୁ ଗ୍ରହଣ କରୁଛନ୍ତି ଏବଂ ସାରା ବିଶ୍ୱରେ ଦେଶକୁ ଗୌରବ ପ୍ରଦାନ କରୁଛନ୍ତି । ଜ୍ଞାନଠାରୁ ପବିତ୍ର ଆଉ କିଛି ନାହିଁ । ଆତ୍ମ-ସାଧନା ଅଭ୍ୟାସ କରୁଥିବା ଯୋଗୀ ସମୟ ସହିତ ଏହାକୁ ନିଜ ଭିତରେ ଆବିଷ୍କାର କରନ୍ତି ।

# କମୁଛି ଜଳସ୍ତର: ହୀରାକୁଦରେ ୧୩ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ



ସମ୍ବଲପୁର: ଉପର ମୁଣ୍ଡରେ ବର୍ଷା କମିଥିବାରୁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ହ୍ରାସ ପାଇଛି । ଯାହା ଏବେ ୬୧୮.୭୧ ଫୁଟ ରହିଛି । ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲାର ହୀରାକୁଦ ଜଳଭଣ୍ଡାରର ଜଳସ୍ତର ହ୍ରାସ ପାଉଛି । ଫଳରେ ଡ୍ୟାମର ୧୩ଟି ଗେଟ ଦେଇ ବନ୍ୟାଜଳ ଛଡାଯାଉଛି । ୯୦,୭୩୧ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ନିଷ୍କାସନ ହେଉଛି ୨,୩୮,୫୦୮ କ୍ୟୁସେକ୍ ଜଳ । ତେବେ ଜଳସମ୍ପଦ ବିଭାଗ ଏହା ଉପରେ କଡ଼ା ନଜର ରଖିଛି କାରଣ ଜଳଭଣ୍ଡାରରୁ ପ୍ରବେଶ ଜାରି ରହିଛି । ଜଳଭଣ୍ଡାରର ବାମ ପାର୍ଶ୍ୱର ୯ ଓ ଡାହାଣ ପାର୍ଶ୍ୱର ୪ଟି ଗେଟ୍ ଖୋଲା ରହିଛି । ସେହିପରି ତଳମୁଣ୍ଡ ଜିଲ୍ଲାଗୁଡ଼ିକୁ ସତର୍କ ରହିବାକୁ ସତର୍କ କରାଯାଇଛି, ଯଦିଓ ରାଜ୍ୟରେ ସାଧାରଣ ବନ୍ୟା ପରିସ୍ଥିତିରେ ଉନ୍ନତି ହେଉଛି । ଓଡ଼ିଶାର ସମ୍ବଲପୁର ଜିଲ୍ଲାରେ ମହାନଦୀ ଉପରେ ନିର୍ମିତ ହୀରାକୁଦ ଡ୍ୟାମକୁ ଭାରତର ସବୁଠାରୁ ଦୀର୍ଘ ମାଟି ବନ୍ଧ ଭାବରେ ବିବେଚନା କରାଯାଏ ଏବଂ ଏହା ରାଜ୍ୟରେ ବନ୍ୟା ପରିଚାଳନାରେ ସାହାଯ୍ୟ କରେ ।








# ଲୋକସଭାରେ ଟିକସ ଓ ଅନ୍ୟାନ୍ୟ ଆଇନ ସଂଶୋଧନ ବିଲ୍ ଆଗତ କଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ

ନୂଆଦିଲ୍ଲୀ: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ଟିକସ ଓ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଲ୍ ଆଗତ କରିଛନ୍ତି । ଏଥିରେ ଟିକସ କ୍ଷେତ୍ରରେ ଏକାଧିକ ସଂଶୋଧନ ପ୍ରସ୍ତାବ ରହିଛି । ଦେଶରେ ନିବେଶକୁ ପ୍ରୋତ୍ସାହନ ଦେବା, ନିର୍ମାଣକୁ ବଢ଼ାଇବା, ଟିକସରେ ସ୍ଥିରତା ପ୍ରଦାନ କରିବା ଏବଂ ଆୟକର (ସଂଶୋଧନ) ଅଧ୍ୟାଦେଶ ୨୦୨୬କୁ ଆଇନରେ ପରିଣତ କରିବା ଲାଗି ବ୍ୟବସ୍ଥା ଏହି ବିଲ୍‌ରେ ରହିଛି । ବିଶେଷକରି ଆୟକର ଆଇନ ୨୦୨୫, ଅର୍ଥ ଆଇନ ୨୦୨୬ ଏବଂ ପେମେଂଟ ଆଣ୍ଡ୍ ସେଟେଲମେଂଟ ସିଷ୍ଟମ୍‌ସ ଆଇନ ୨୦୦୭ରେ ସଂଶୋଧନ ଏହି ବିଲ୍ ଜରିଆରେ ହେବ । ବିଶ୍ୱରେ ସଂପ୍ରତି ମୁଣ୍ଡ ଟେକିଥିବା ଭୂରାଜନୈତିକ ପରସ୍ଥିତି ଏବଂ ବିଶ୍ୱ ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳରେ ସୃଷ୍ଟି ହୋଇଥିବା ବ୍ୟାଘାତ ପୃଷ୍ଠଭୂମିରେ ଆଇନରେ ସଂଶୋଧନ ପ୍ରସ୍ତାବ ରହିଛି । ଦେଶକୁ ବିଦେଶୀ ପୁଞ୍ଜି ଆକୃଷ୍ଟ କରିବା ଲାଗି ସରକାର ଚଳିତବର୍ଷ ଜୁନ ୫ ତାରିଖରେ ଏକ ଅଧ୍ୟାଦେଶ ଜାରି କରିଥିଲେ । ସେଥିରେ ବିଦେଶୀ ପୋର୍ଟଫୋଲିଓ



ନିବେଶକ ବା ଏଫ୍‌ପିଆଇମାନେ ସରକାରୀ ସିକ୍ୟୁରିଟିଜ୍‌ରେ ନିବେଶ କରି ଯେଉଁ ସୁଧ ଓ ପୁଞ୍ଜିଲାଭ ପାଉଛନ୍ତି ତାହା ଉପରୁ ଆୟକର ଛାଡ଼ କରାଯାଇଥିଲା । ନୂଆ ବିଲ୍ ଜରିଆରେ ତାହା ଆଇନରେ ପରିଣତ ହେବ । ଆଜି ଆଗତ ହୋଇଥିବା ବିଲ୍‌ରେ ଯେଉଁ ବିଦେଶୀ କମ୍ପାନି ସୀମା ଶୁଳ୍କ ନିୟନ୍ତ୍ରିତ ଅଂଚଳରେ ସେମାନଙ୍କ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମହଜୁଦ ରଖି ଭାରତୀୟ ନିର୍ମାତାଙ୍କୁ ବିକ୍ରି କରୁଛନ୍ତି ସେମାନଙ୍କ ପାଇଁ ଟିକସ ଛାଡ଼ ବ୍ୟବସ୍ଥା ରହିଛି । ଏଥିସହିତ କଟା ଯାଇ ନଥିବା କିମ୍ବା ପଲିସ୍ ହୋଇ ନଥିବା ହୀରା ବ୍ୟବସାୟରେ ଯୋଗ୍ୟ ସଂସ୍ଥାଗୁଡ଼ିକଠାରୁ ୨୦୪୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଟିକସ ଛାଡ଼ ସୁବିଧା ରହିଛି । ପେମେଂଟ ଏବଂ ସେଟେଲମେଂଟ ସିଷ୍ଟମ୍‌ସ ଆଇନ ୨୦୦୭ରେ ଯେଉଁ ସଂଶୋଧନ ପ୍ରସ୍ତାବ ରହିଛି ତାହାଦ୍ୱାରା ସରକାର ଗୋଟିଏ କିମ୍ବା ଏକାଧିକ ଇଲେକ୍ଟ୍ରୋନିକ୍ ପେମେଂଟ ବ୍ୟବସ୍ଥା ଉପରେ ମର୍ଚ୍ଚାଂଟ ଡିସକାଉଂଟ ରେଟ୍ (ଏମ୍‌ଡିଆର) ଲଗାଇବା ଅନୁମତି ପାଇବେ । ଅର୍ଥାତ୍ କେଉଁ ଡିଜିଟାଲ ପେମେଂଟ ବ୍ୟବସ୍ଥାରେ ଏମ୍‌ଡିଆର ଲାଗୁ ହେବ ଏବଂ କେଉଁଥିରେ ଲାଗୁ ହେବ ନାହିଁ ତାହାର ଅଧିକାର ସରକାରଙ୍କୁ ପ୍ରଦାନ ନେଇ ନୂଆ ବିଲ୍‌ରେ ପ୍ରସ୍ତାବ ରହିଛି । ସରକାର ଅଧିକ ମୂଲ୍ୟର ୟୁପିଆଇ କାରବାର ଉପରେ ଏମ୍‌ଡିଆର ଲଗାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଥିବା ବେଳେ ଏହି ନୂଆ ବିଲ୍ ଆଗତ ହୋଇଛି । ମନି କଂଟ୍ରୋଲ ପକ୍ଷରୁ ଜୁଲାଇ ୧୭ ତାରିଖର ଏକ ରିପୋର୍ଟ ଅନୁଯାୟୀ, ପ୍ରସ୍ତାବିତ ଏମ୍‌ଡିଆର ଫି ୦.୫ ପ୍ରତିଶତରୁ କମ୍ ରହିବ ଏବଂ ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର କାରବାର ଉପରେ ଏହା ଲାଗୁ ହେବ । ଉଲ୍ଲେଖଯୋଗ୍ୟ, ସରକାର ୨୦୨୦ ଜାନୁଆରି ମାସରେ ୟୁପିଆଇ ପେମେଂଟ ଉପରୁ ଏମ୍‌ଡିଆର ଉଚ୍ଛେଦ କରାଯାଇଛି । ନୂଆକରି ଏହା ଲାଗୁ ହେଲେ ୟୁପିଆଇ କାରବାର ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବା ଆଶଙ୍କା ରହିଛି ।

# ବ୍ରିକ୍ସ ଶିକ୍ଷା ମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକରେ ଯୋଗଦେବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହଲ୍ଲାଦ ଜୋଶୀ

ନୂଆଦିଲ୍ଲୀ : ଭାରତ ୨୦୨୬ରେ ବ୍ରିକ୍ସ ରାଷ୍ଟ୍ର ଗୋଷ୍ଠୀର ଅଧ୍ୟକ୍ଷତା କରୁଛି । ଏହି କ୍ରମରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ୫ରୁ ୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ବ୍ରିକ୍ସ ଶିକ୍ଷା ମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକ ଅନୁଷ୍ଠିତ ହେବ । ଏଥିସହିତ ବ୍ରିକ୍ସ ବରିଷ୍ଠ ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । ଏହି ବୈଠକଗୁଡ଼ିକରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ଶିକ୍ଷା ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ପ୍ରତିନିଧିମାନେ ଅଂଶଗ୍ରହଣ କରିବେ । ଏହି ବୈଠକଗୁଡ଼ିକରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷା (ଇସିସିଇ)କୁ ସୁଦୃଢ଼ କରିବା ଏବଂ ବ୍ରିକ୍ସ ଟିଭିଇଟି ସହଯୋଗ ସଂଘ (ଟିସିଏ) ଅଧୀନରେ ଦକ୍ଷତା ବିକାଶ ଏବଂ ବର୍ଦ୍ଧିତ ସହଯୋଗକୁ ସୁଦୃଢ଼ କରିବା ନେଇ ଆଲୋଚନା ହେବ । ସେହିପରି ସହଯୋଗୀ ଗବେଷଣା, ଉଦ୍ଭାବନ ଓ ଷ୍ଟାର୍ଟ-ଅପ୍‌କୁ ପ୍ରୋତ୍ସାହନ, ଯୋଗ୍ୟତାର ଆପୋସ ଚିହ୍ନଟ (ଏମଆରକ୍ୟୁ)କୁ ସୁଦୃଢ଼ କରିବା ଏବଂ ଶୈକ୍ଷିକ ନେତୃତ୍ୱ ପାଇଁ କ୍ଷମତା ନିର୍ମାଣ ବିଷୟରେ ମଧ୍ୟ ବିଚାରବିମର୍ଶ କରାଯିବ । ଭାରତର ବ୍ରିକ୍ସ ଅଧ୍ୟକ୍ଷତା "ଦୀର୍ଘସ୍ଥାୟିତ୍ୱ, ଉଦ୍ଭାବନ, ସହଯୋଗ ଓ ସ୍ଥିରତା



ପାଇଁ ଆଗକୁ ବଢ଼ିବା" ର ବାର୍ତ୍ତା ଦ୍ୱାରା ପରିଚାଳିତ । ଏହା ରିଓ ଡି ଜେନେରିଓରେ ଅନୁଷ୍ଠିତ ୨୦୨୫ ବ୍ରିକ୍ସ ଶିଖର ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରତିପାଦିତ ଲୋକ-କୈନ୍ଦ୍ରିକ ଏବଂ ମାନବତା-ପ୍ରଥମ ଆଭିମୁଖ୍ୟକୁ ପ୍ରତିଫଳିତ କରେ । ଭାରତ ଅଧ୍ୟକ୍ଷତାରେ ବ୍ରିକ୍ସ ଶିକ୍ଷା ଟ୍ରାକ ଅଧୀନରେ ଅନୁଷ୍ଠିତ ବିଭିନ୍ନ ଆଲୋଚନା ଉପରେ ଶିକ୍ଷାମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକ ଏବଂ ତୃତୀୟ ବରିଷ୍ଠ ଅଧିକାରୀଙ୍କ ବୈଠକ ଆଧାରିତ ହେବ । ପ୍ରଥମ ଏବଂ ଦ୍ୱିତୀୟ ବ୍ରିକ୍ସ ବରିଷ୍ଠ ଅଧିକାରୀଙ୍କ ବୈଠକ ପୂର୍ବରୁ ୭ ଏବଂ ୨୮ ଏପ୍ରିଲ ୨୦୨୬ରେ ଅନୁଷ୍ଠିତ ହୋଇଥିଲା । ଏହା ପରେ ୨୦-୨୧ ଜୁଲାଇ ୨୦୨୬ରେ ବ୍ରିକ୍ସ ନେଟୱାର୍କ ବିଶ୍ୱବିଦ୍ୟାଳୟ ସମ୍ମିଳନୀ ଏବଂ ଅନ୍ତର୍ଜାତୀୟ ଗଭର୍ଣ୍ଣିଂ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା । ପରବର୍ତ୍ତୀ ବିଚାରବିମର୍ଶକୁ ଆଗକୁ ବଢ଼ାଇବା ଏବଂ ମନ୍ତ୍ରୀସ୍ତରୀୟ ବୈଠକ ପାଇଁ ପ୍ରାଥମିକତା କ୍ଷେତ୍ର ତଥା ପ୍ରସ୍ତାବିତ ଫଳାଫଳ ଉପରେ ସହମତି ଆଣିବାରେ ପୂର୍ବ ଆଲୋଚନାଗୁଡ଼ିକ ଫଳପ୍ରଦ ସାବ୍ୟସ୍ତ ହୋଇଛି । ଶିକ୍ଷାମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକ ପୂର୍ବରୁ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ନେତୃତ୍ୱରେ ୩ ଓ ୪ ଅଗଷ୍ଟରେ ନୂଆଦିଲ୍ଲୀରେ ବ୍ରିକ୍ସ ଟିଭିଇଟି ସିମ୍ପୋଜିୟମ ଏବଂ ବ୍ରିକ୍ସ ଟିଭିଇଟି ସହଯୋଗ ମେ[ର ଯୁଗ୍ମ ପରିଚାଳନା କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ହୋଇଥିବା ଆଲୋଚନା ବ୍ରିକ୍ସ ଦେଶମାନଙ୍କ ମଧ୍ୟରେ ବୈଷୟିକ ଓ ବୃତିଗତ ଶିକ୍ଷା ଏବଂ ତାଲିମ୍, ଦକ୍ଷତା ବିକାଶ ଏବଂ କର୍ମଶକ୍ତି ପ୍ରସ୍ତୁତିରେ ସହଯୋଗକୁ ଆହୁରି ଗଭୀର କରିବା ଉପରେ ଆଧାରିତ ଥିଲା । ଏହା ମଧ୍ୟ ପ୍ରାଥମିକତା ବିଷୟବସ୍ତୁଗୁଡ଼ିକ ମଧ୍ୟରେ ଗବେଷଣା ଏବଂ ସର୍ବୋତମ ଅଭ୍ୟାସଗୁଡ଼ିକୁ ଏକୀକୃତ ଓ ବିନିମୟ କରିବା ଉପରେ ଗୁରୁତ୍ୱ ଦେଇଥାଏ । ଏହି ଉଚ୍ଚସ୍ତରୀୟ ଆନ୍ତଃ-ସରକାରୀ ଆଲୋଚନା ସହିତ ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଯୁବ ଅଂଶଗ୍ରହଣ ଏବଂ ନାଗରିକଙ୍କ ମଧ୍ୟରେ ସମ୍ପର୍କର ଆଦାନପ୍ରଦାନ ଉପରେ ଦୃଢ଼ ଗୁରୁତ୍ୱ ଦେଉଛି । ଏହି ଭାବନାକୁ ନେଇ ମଡେଲ ବ୍ରିକ୍ସକୁ ସାରା ଭାରତରେ ବ୍ରିକ୍ସ ମନ୍ତ୍ରୀସ୍ତରୀୟ ବୈଠକ ଅବସରରେ ଆୟୋଜିତ ହେବାକୁ ଥିବା ଏକ ଛାତ୍ର-କେନ୍ଦ୍ରିକ ପଦକ୍ଷେପ ଭାବରେ ପରିକଳ୍ପନା କରାଯାଇଛି । ଏହି ପଦକ୍ଷେପ ଯୁବ ନାଗରିକମାନଙ୍କୁ ବ୍ରିକ୍ସ ପ୍ରକ୍ରିୟା ସହ ପରିଚିତ କରାଇବା ସହିତ କୂଟନୀତି, ବହୁପାକ୍ଷିକ ସହଯୋଗ ଏବଂ ସହମତି-ନିର୍ମାଣ ବିଷୟରେ ସେମାନଙ୍କର ବୁଝାମଣାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥାଏ ।

# ଓଏଏସ୍ ଅଧିକାରୀ ସ୍ତରରେ ଅଦଳବଦଳ

## ଶକ୍ତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଭାବେ ଦେବଦତ ସୁରଞ୍ଜିତା ଜେନାଙ୍କୁ ଦାୟିତ୍ୱ

ଭୁବନେଶ୍ୱର : ରାଜ୍ୟ ସରକାର ୮ ଜଣ ଓଏଏସ୍ ଅଧିକାରୀଙ୍କୁ



ଅଦଳବଦଳ କରିଛନ୍ତି । ବାଣିଜ୍ୟ ଓ ପରିବହନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବଦତ ସୁରଞ୍ଜିତା ଜେନାଙ୍କୁ ଶକ୍ତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଭାବେ ଦାୟିତ୍ୱ ମିଳିଛି । ଜଳସମ୍ପଦ ବିଭାଗର ରଶ୍ମିରଞ୍ଜନ ନାୟକଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ନିଯୁକ୍ତି ମିଳିଛି । ସେ ବେସାମରିକ ବିମାନ ଚଳାଚଳର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ବି ତୁଲାଇବେ । ଶକ୍ତି ବିଭାଗ ଅତିରିକ୍ତ ଶାସନ ସଚିବ ରମେଶ ଚନ୍ଦ୍ର ପଣ୍ଡାଙ୍କୁ ରାଜ୍ୟ ସୂଚନା କମିଶନର ସଚିବ ଭାବେ ଅବସ୍ଥାପିତ କରାଯାଇଛି । ନିରୂପମା ସ୍ୱାଇଁଙ୍କୁ ରାଜସ୍ୱ ପର୍ଷଦର ଅତିରିକ୍ତ ସଚିବ ନିଯୁକ୍ତ କରାଯାଇଛି । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) କାର୍ଯ୍ୟାଳୟରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଥିବା ସବିତା ମଲ୍ଲିକଙ୍କୁ ଜଳସମ୍ପଦ ବିଭାଗର ଅତିରିକ୍ତ ଶାସନ ସଚିବ ଦାୟିତ୍ୱ ମିଳିଛି । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳସଚିବ ଅନାମିକା ଅଧିକାରୀଙ୍କୁ କୃଷି ବିଭାଗର ଯୁଗ୍ମ ଶାସନ ସଚିବ ଭାବେ ନୂଆ ଦାୟିତ୍ୱ ମିଳିଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଉପଶାସନ ସଚିବ ଦେବାଶିଷ ପାତ୍ର ପିସିସିଏଫ୍ କାର୍ଯ୍ୟାଳୟରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ନିଯୁକ୍ତ ହୋଇଛନ୍ତି । ଗଜପତି ଜିଲ୍ଲା ଛେଳିଗଡ଼ ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କୁ ରାୟଗଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି ।

# କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାନୁସାରେ ସ୍କୁଲରେ ପ୍ରଥମେ ବନ୍ଦେ ମାତରମ ଗାନ କରାଯିବ

ଭୁବନେଶ୍ୱର : ଏଣିକି ସ୍କୁଲରେ ଜାତୀୟ ସଂଗୀତ 'ଜନ ଗଣ ମନ' ଆଗରୁ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍' ଗାନ କରାଯିବ । କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ । ଏହି ନିର୍ଦ୍ଦେଶାବଳୀକୁ ରାଜ୍ୟର ସମସ୍ତ ସ୍କୁଲ କର୍ତ୍ତୃପକ୍ଷ ମାନିବା ବାଧ୍ୟତାମୂଳକ । ଏହାକୁ କଡ଼ାକଡ଼ି ପାଳନ



କରାଯିବ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରା ଯାଇଛି । ସମସ୍ତ ଜିଲ୍ଲାପାଳ ଓ ପୁଲିସ ଆରକ୍ଷୀ ଅଧୀକ୍ଷକଙ୍କୁ ମଧ୍ୟ ଗୃହ ବିଭାଗ ପକ୍ଷରୁ ଚିଠି କରା ଯାଇଛି । ଗଣଶିକ୍ଷା ବିଭାଗ ପକ୍ଷରୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଜୁଲାଇ ୯ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶର ଏକ କପିକୁ ପ୍ରଦାନ କରିଛି । ଏହି ନିର୍ଦ୍ଦେଶକୁ ଅନୁପାଳନ କରିବାକୁ କୁହାଯାଇଛି । ଏଥିରେ କୁହାଯାଇଛି ଯେ, କୌଣସି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଗୀତ ଓ ଜାତୀୟ ସଂଗୀତ ଉଭୟ ପରିବେଷଣ କରାଗଲେ ପ୍ରଥମେ 'ବନ୍ଦେ ମାତରମ୍' ପରେ 'ଜନ ଗଣ ମନ' ପରିବେଷଣ କରାଯିବ । ଉଭୟର ମୂଳ ଲିପି, ଶବ୍ଦ, ଉଚ୍ଚାରଣକୁ ଠିକ୍ ଭାବେ ଅନୁସରଣ କରିବାକୁ ନିର୍ଦ୍ଦେଶ ହୋଇଛି ।

# ପରିବେଶ ସୁରକ୍ଷା ପାଇଁ ଓଡ଼ିଆ ଝିଅ ମୋକ୍ଷାଙ୍କୁ ପ୍ରାଇଡ୍ ଅଫ୍ ଇଣ୍ଡିଆ ୨୦୨୬ ସମ୍ମାନ ପ୍ରଦାନ

କନକବ୍ୟୁରୋ : ଗ୍ରୀନ୍ ଉଦ୍ୟୋଗ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ନିଜର ଅସାଧାରଣ ଯୋଗଦାନ ପାଇଁ ଓଡ଼ିଶାର ୧୩ ବର୍ଷୀୟା ଜଳବାୟୁ କର୍ମୀ ମୋକ୍ଷା ଧୃତି ପାଣିଗ୍ରାହୀଙ୍କୁ ପ୍ରସିଦ୍ଧ 'ପ୍ରାଇଡ୍ ଅଫ୍ ଇଣ୍ଡିଆ ୨୦୨୬' ସମ୍ମାନରେ ସମ୍ମାନିତ



କରାଯାଇଛି । 'ଗ୍ରୀନ୍ ଷ୍ଟାର୍ଟ-ଅପ୍' ବର୍ଗରେ ତାଙ୍କୁ ଏହି ସମ୍ମାନ ମିଳିଛି । ନୂଆଦିଲ୍ଲୀଠାରେ ଆୟୋଜିତ 'ପ୍ରାଇଡ୍ ଅଫ୍ ଭାରତ ଲିଡରସିପ୍ ସମିଟ୍ ୨୦୨୬' ଅବସରରେ କେନ୍ଦ୍ର ଏମ୍ଏସ୍ଏମ୍ଇ ମନ୍ତ୍ରୀ ଶ୍ରୀ ଜିତନ ରାମ ମାଞ୍ଝୀ, ଅନ୍ୟାନ୍ୟ କେନ୍ଦ୍ରମନ୍ତ୍ରୀ, ସାଂସଦ ଏବଂ ସେସେଲ୍ସର ହାଇକମିଶନରଙ୍କ ଉପସ୍ଥିତିରେ ମୋକ୍ଷାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପ୍ରକାଶଥାଉ କି, ମୋକ୍ଷା ହେଉଛନ୍ତି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ମାନ୍ୟବର ବିଧାୟକ ଶ୍ରୀ ରୂପେଶ କୁମାର ପାଣିଗ୍ରାହୀ ଏବଂ ହାଇଟେକ୍ ମେଡିକାଲ୍ କଲେଜ ଓ ହସପିଟାଲ୍‌ର ନିର୍ଦ୍ଦେଶିକା ଏବଂ ଟ୍ରଷ୍ଟି ଶ୍ରୀମତୀ ମଧୁସ୍ମିତା ତ୍ରିପାଠୀଙ୍କ ଜ୍ୟେଷ୍ଠା କନ୍ୟା । ୨୦୧୮ ମସିହାରେ ଗ୍ରାମାଂଚଳରେ ହୋଇଥିବା ଏକ ଜଳବାୟୁ ଆନ୍ଦୋଳନରୁ ମୋକ୍ଷା ନିଜର ଏହି ଯାତ୍ରା ଆରମ୍ଭ କରିଥିଲେ । ଅଳ୍ପ ବୟସରୁ ପରିବେଶ ସୁରକ୍ଷା ଓ ଜଳବାୟୁ ନ୍ୟାୟ ପାଇଁ ସେ ନିରନ୍ତର ସ୍ୱର ଉତୋଳନ କରିଆସୁଛନ୍ତି । ବର୍ତ୍ତମାନ ସେ 'ଅର୍ଥ ଆଗେନ୍ ମୁଭମେଂଟ' 'ଦି ଚାଇଲ୍ଡ୍ ମୁଭମେଂଟ' ଏବଂ 'ସିଟିବିଟିଓ ୟୁଥ୍ ଗ୍ରୁପ୍' ର ଜଣେ ସକ୍ରିୟ ସଦସ୍ୟା ଭାବେ କାର୍ଯ୍ୟ କରି ସାରା ଦେଶରେ ପରିବେଶ ସଚେତନତା ସୃଷ୍ଟି କରୁଛନ୍ତି । କେବଳ ସଚେତନତା ସୃଷ୍ଟି ନୁହେଁ, ବରଂ ବାସ୍ତବ କ୍ଷେତ୍ରରେ କାର୍ଯ୍ୟ କରି ସେ ଏକ ବିଶାଳ ପରିବର୍ତ୍ତନ ଆଣିଛନ୍ତି । 'ହାଇ-ଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ'କୁ ପୂର୍ବ ଭାରତର ପ୍ରଥମ ସୌରଚାଳିତ ହସ୍ପିଟାଲରେ ପରିଣତ କରିବାରେ ତାଙ୍କର ନେତୃତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ।

# ଗୋପାଳଗାଁ ବିନାୟକ ବଏଜ୍ କ୍ଲବ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୩୫ରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ

ଗୋପାଳଗାଁ : ଗୋପାଳଗାଁରେ ବିନାୟକ ବଏଜ୍ କ୍ଲବ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଛି । ଏହି ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କ ଉତ୍ସାହପୂର୍ଣ୍ଣ ସହଯୋଗରେ ୩୫ରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି, ଯାହା ଆଗାମୀ ଦିନରେ ଅନେକ ରୋଗୀଙ୍କ ଜୀବନ ରକ୍ଷାରେ ସହାୟକ ହେବ । ଏହି ମହତ୍ କାର୍ଯ୍ୟକ୍ରମ ବିନାୟକ ବୟଜ୍‌ର ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା । ସମ୍ପାଦକ ବିଶ୍ୱଜିତ ସାହୁ, ଉପ-ସଭାପତି ରୂପେଶ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ପ୍ରାଣକୃଷ୍ଣ ସେନ, କୋଷାଧ୍ୟକ୍ଷ ସୁମେଶ କୁମାର ପାଢ଼ୀଙ୍କ ସହ ରାକେଶ କୁମାର ପାଢ଼ୀ, ବିଜୟ କୁମାର ସେନ, ଅମିତ ଜେନା ଓ ଲକ୍ଷ୍ମୀକାନ୍ତ ଜେନା କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ




ସହଯୋଗ କରିଥିଲେ । ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ତତ୍ତ୍ୱାବଧାନରେ ସମସ୍ତ ରକ୍ତଦାତାଙ୍କଠାରୁ ସୁରକ୍ଷିତ ଭାବେ ରକ୍ତ ସଂଗ୍ରହ କରାଯାଇଥିଲା । ଆୟୋଜକମାନେ ସମସ୍ତ ରକ୍ତଦାତା, ସ୍ୱେଚ୍ଛାସେବୀ ଓ ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଏଭଳି ସମାଜସେବାମୂଳକ କାର୍ଯ୍ୟକ୍ରମ ଜାରି ରଖିବାକୁ ସଂକଳ୍ପ ପ୍ରକାଶ କରିଛନ୍ତି । 'ରକ୍ତଦାନ ମହାଦାନ – ଆପଣଙ୍କ ଗୋଟିଏ ୟୁନିଟ୍ ରକ୍ତ, କାହାରି ପାଇଁ ନୂଆ ଜୀବନ ।'

# ଇଣ୍ଡିଆନ୍ ଚ୍ୟାଲେଞ୍ଜର କପ୍ କରାଟେ ଓଡ଼ିଶାକୁ ମିଳିଲା ୫୧ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୪ କାଂସ୍ୟ ପଦକ

ଭୁବନେଶ୍ୱର: କୋଲକାତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଦଶମ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତା "ଇଣ୍ଡିଆନ୍ ଚ୍ୟାଲେଞ୍ଜର କପ୍"ରେ ଓଡ଼ିଶା କରାଟେକା ୫୧ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୪ କାଂସ୍ୟ ପଦକ ସହ ମୋଟ ୬୬ ପଦକ ଜିତିଛନ୍ତି । ଏହି ସଫଳତା ଲାଗି ପଦକ ବିଜେତାଙ୍କୁ ଓଡ଼ିଶା କରାଟେ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ସ୍ୱର୍ଣ୍ଣ- ଉର୍ଜା ସାମନ୍ତ, ରିସାନ ଦାସ, ଜିତିକା ସାମନ୍ତ, ଜିତିଶା ସାମନ୍ତ, ଆଦ୍‌ଭିକ୍ ନାୟକ, ପ୍ରତୀକ୍ଷା ପଣ୍ଡା, ସୂର୍ଯ୍ୟାଂଶ ପଣ୍ଡା, ଈଶାନୀ ପଣ୍ଡା (ପ୍ରତ୍ୟେକ ୨ଟି ଲେଖାଏଁ), ନ୍ୟାସା କୁମାରୀ, ଦିବ୍ୟପ୍ରସାଦ ନାୟକ, ରୋଶନ ସାଇ ପାଲ, ଓମ୍ ସତ୍ୟମ ମହାନ୍ତି, ଆଦ୍ୟାଶା ଷଡ଼ଙ୍ଗୀ, ସ୍ନିଗ୍ଧା ସୁବୁଦ୍ଧି, ତୁଷାର ବିଶ୍ୱାଳ, ରାଜୀବ ଭୋଇ, ପଲକ ପାରହି,




ଦେବାଶ୍ରିତା ମହାନ୍ତି, ସଞ୍ଜେଲ ମୁର୍ମୁ, ସଞ୍ଜନା ମୁର୍ମୁ, ସାହେବ ବେରା, ସାରଣ ସୋରେଣ, ଶ୍ରେୟାନ ମାଜି, ଏ ଯଶବନ୍ତ କୁମାର, ଇନ୍ଦ୍ରାଣୀ ବେରା, ଜ୍ୟୋତିତ ସାମନ୍ତ, ତ୍ରିଲୋଚନ ରଣା, ତ୍ରିନାଥ ରଣା, ଚନ୍ଦନା ପ୍ରିୟଦର୍ଶିନୀ, ସୌରଜିତ ଦାସ, ସ୍ୱୟଂ ପ୍ରକାଶ ଶତପଥୀ, ସୁମନା ଦାସ, ସୁଜ୍ଞାନୀ ସାବତ, ଆଦ୍ୟାଶା ପ୍ରିୟଦର୍ଶିନୀ, ଶଶାଙ୍କ ମହାରଣା, ବିଦ୍ୟାଂଶୁ ସାହୁ, ଦିଶାନ୍ତିକା ପଣ୍ଡା, ଶ୍ରେୟା ଶୁଭଦର୍ଶିନୀ, ରେୟାଂଶୁ ପଣ୍ଡା, ଦିବିତ ସ୍ୱାଇଁ, ଲେଲେଶ ବିଶ୍ୱାଳ, ମୋକ୍ଷିତା ପଣ୍ଡା, ସୂର୍ଯ୍ୟ ନାରାୟଣ ମାର୍ଥା । ରୌପ୍ୟ- ରୋହିତ କୁମାର ସ୍ୱାଇଁ, ଓମ୍ ଶୁଭମ ମହାନ୍ତି, ଅଦ୍ୟାଶା ଷଡ଼ଙ୍ଗୀ, ଅଙ୍କୁଶ କୁମାର ବାରିକ, ମାର ବାରିକ, ସାହେବ ବେରା, ସୁମନା ଦାସ, ସୋହମ ସ୍ୱାଇଁ, ଶୁଭଙ୍କର ଦେବନାଥ, ଆୟୁଷ୍ମାନ ପାତ୍ର, ଆହାନ୍ନା ଜୋଶୀ । କାଂସ୍ୟ- ଆଶୁତୋଷ ବେହେରା, ପ୍ରୟାସ ଘୋଷ, ଶଶାଙ୍କ ମହାରଣା ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**